ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV

Follow us:

ବର୍ଷ-୬ | ସଂଖ୍ୟା-୭୪ | ଶୁକ୍ରବାର | ୬ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-74 | Friday | 6 June 2025 | Bhubaneswar | Pages-8 | Rs. 2.00

## ଗରିବ କଲ୍ୟାଣ ଲାଗି ଅଭିପ୍ରେତ ଏକ ସହାନୁଭୂତିଶୀଳ ସରକାର : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୫।୬ (ପିଆଇବି): ଗରିବ କଲ୍ୟାଣ ଲାଗି ଅଭିପ୍ରେତ ମୋଦି ନେତୃତ୍ୱାଧୀନ ଏନଡିଏ ସରକାରର ୧୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ଦେଶ ଏକ ରୂପାନ୍ତରିତ ଓ ସମଷ୍ଟିଗତ ସରକାରର ଶାସନରେ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସଶକ୍ତିକରଣ, ଭିତ୍ତିଭୂମିର ବିକାଶ, ସମଷ୍ଟିଗତ ଭାବଧାରାରେ ବିଶ୍ୱାସ ରଖୁଥିବା ମୋଦି ନେତୃତ୍ୱାଧୀନ ସହାନୁଭୂତିଶୀଳ ସରକାର ପ୍ରାୟ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟତାରୁ ଉଦ୍ଧାର କରିପାରିଛି। ସରକାରଙ୍କ ବିଭିନ୍ନ ରୂପାନ୍ତରିତ ଯୋଜନା ଭିତରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଏମ ଉଜ୍ୱଳା ଯୋଜନା, ଜନଧନ ଯୋଜନା, ଆୟୁଷ୍ମାନ ଭାରତ ପରି ଅନେକ ଯୋଜନା ଗୃହ ନିର୍ମାଣ, ସ୍ୱଚ୍ଛ ରୋଷେଇ ଇନ୍ଧନ, ବ୍ୟାଙ୍କିଙ୍ଗ, ସ୍ୱାସ୍ଥ୍ୟସେବା ପରି କ୍ଷେତ୍ରରେ ପ୍ରଭାବ ବିସ୍ତାର କରିପାରିଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ଡାଇରେକ୍ଟ ବେନେଫିଟ ଟ୍ରାନ୍ସଫର ବା ଡିବିଟି ଡିଜିଟାଲକରଣ, ଗ୍ରାମୀଣ ବିକାଶ ପରି କ୍ଷେତ୍ରରେ ଲୋକେ ଅଧିକରୁ ଅଧିକ ସୁବିଧା ସୁଯୋଗ ପାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଏକ୍ସରେ ଟୁଇଟ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସରକାର ହେଉଛି ଗରିବ କଲ୍ୟାଣ ଲାଗି ଅଭିପ୍ରେତ ସରକାର। ଦାରିଦ୍ର୍ୟତା କବଳରୁ ଏନଡିଏ ସରକାର ଅନେକ ଲୋକଙ୍କୁ ମୁକ୍ତ କରି ସଶକ୍ତିକରଣ, ସମଷ୍ଟିଗତ ଭାବ ଓ ଭିତ୍ତିଭୂମିର ବିକାଶ କରି ଆଶାପ୍ରଦ ଫଳ ପ୍ରଦାନ କରିଛି। ସାଧାରଣ ଜନତାକୁ ଗରିବୀରୁ ମୁକୁଳାଇବା ଲାଗି ଆମ ସରକାରଙ୍କର ବିଭିନ୍ନ ପ୍ରମୁଖ ଯୋଜନାମାନ ରହିଛି। ଡାଇରେକ୍ଟ ବେନେଫିଟ ଟ୍ରାନ୍ସଫର ବା ଡିବିଟି ଡିଜିଟାଲକରଣ, ଗ୍ରାମୀଣ ବିକାଶ ପରି କ୍ଷେତ୍ରରେ ଲୋକେ ଅଧିକରୁ ଅଧିକ ସୁବିଧା ସୁଯୋଗ ପାଇଛନ୍ତି। ଏହା କେବଳ ୨୫ କୋଟି ଜନତା ଗରିବୀରୁ ନିଜକୁ ଉଦ୍ଧାର କରିପାରିବା ପାଇଁ ହୋଇଛି। ଏକ ସାମୁହିକ ଓ ଆତ୍ମ ନିର୍ଭର ଭାରତ ଗଠନ ଦିଗରେ ଏନଡିଏ ସରକାର ନିଜର ପ୍ରତିବଦ୍ଧତା ଜାରି ରଖିଛି।

# ମୁଁ ଏବଂ ମୋ ସରକାର ଓଡିଶାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ: ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର, ୫।୬ (ଡିକେ ନ୍ୟୁଜ୍): ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ରମ୍ଭାସ୍ଥିତ ବାଳକ ବିଦ୍ୟାଳୟ ପରିସରରେ ସଂଗ୍ରାମୀ ସ୍ମାରକ କାର୍ଯ୍ୟକ୍ରମରେ ଯୋଗଦାନ କରି ୪୧ଜଣ ସଂଗ୍ରାମୀ ଓଡିଆ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ପରେ ଛତ୍ରପୁର ସ୍ଥିତ ଖେଳ ପଡିଆ ଠାରେ ଅନୁଷ୍ଠିତ ଶିଳ୍ପ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦାନ କରି ଓଡିଶା ସରକାରଙ୍କ ଉତ୍କର୍ଷ ଓଡିଶା ସ୍ୱପ୍ନକୁ ସଫଳ ରୂପ ଦେବା ନିମନ୍ତେ ୧୨ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଯେଉଁଥିରେ ସମୁଦାୟ ୨୮.୦୮୪ କୋଟି ବିନିଯୋଗ ହେବ ଏବଂ ୧୫,୪୫୫କର୍ମ ନିଯୁକ୍ତିର ପଥ ପରିଷ୍କାର ହେବ ବୋଲି ଜଣାଇ ନିଜ ବକ୍ତବ୍ୟରେ ଅବଗତ କରାଇଥିଲେ ଯେ, ଆଜି ଏଠାରେ ପ୍ରାୟ ୩୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ୫ ମାସ ମଧ୍ୟରେ ଆମେ ଦେଢ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛୁ ଏବଂ ଏହା ଦ୍ୱାରା ପ୍ରାୟ ୯୦ ହଜାର ନିଯୁକ୍ତି ସୃଷ୍ଟି ହେବ। ଆଜିର ଏହି ୧୨ଟି ଶିଳ୍ପ ପ୍ରକଳ୍ପ ସହିତ ଦୁଇଟି ପକଳ୍ପର ଭିତ୍ତିଭୂମି ଶୁଭାରମ୍ଭ ହେଲା। ସେଥିମଧ୍ୟରୁ କମନ୍ ଏଫ୍ଲୁଏଣ୍ଟ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ, ଅନ୍ୟଟି ହେଲା ୟୁଟିଲିଟି କରିଡର ଅନ୍ୟତମ। ଏହା ଦ୍ୱାରା ସବୁ ଶିଳ୍ପମାନଙ୍କରୁ ଯେଉଁ ଶିଳ୍ପ-ଆବର୍ଜନା ନିଷ୍କାସିତ ହେବ, ସେ ସବୁ ଗୋଟିଏ ଜାଗାରେ ଟ୍ରିଟମେଣ୍ଟ ହୋଇ ସଫା ପାଣି ବାହାରିବ। ଏହା ଦ୍ୱାରା ପରିବେଶ ଖରାପ ହେବାର କୌଣସି ସମ୍ଭାବନା ରହିବ ନାହିଁ। ଆଜି ହେଉଛି ବିଶ୍ୱ ପରିବେଶ ଦିବସ। ତେଣୁ ଆମ ସରକାର ଶିଳ୍ପ ପ୍ରତିଷ୍ଠା ସହିତ ସମତୁଲ ପରିବେଶ



ସୁରକ୍ଷା ପାଇଁ କାର୍ଯ୍ୟ କରୁଛି। ଏ ବର୍ଷ ବିଶ୍ୱ ପରିବେଶ ଦିବସର ଥିମ ହେଉଛି,'ବିଟ ଦି ପ୍ଲାଷ୍ଟିକ'। ଏହି ଉପଲକ୍ଷେ ସେ ଓଡିଶାବାସୀଙ୍କୁ ଅନୁରୋଧ କରି କହିଲେ ଯେ, ଯଥା ସମ୍ଭବ ପ୍ଲାଷ୍ଟିକ ବର୍ଜନ କରନ୍ତୁ, ବିଶେଷଭାବେ ସିଂଗଲ ୟୁଜ ପ୍ଲାଷ୍ଟିକ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ବାରମ୍ବାର କହିଛନ୍ତି,'ଓଡିଶା ହେବ ପୂର୍ବ ଭାରତର ପୂର୍ବୋଦୟ'। ଆମେ ଏଥିପାଇଁ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ। ତେବେ ଆମର ଯୁବଶକ୍ତି ପାଇଁ ଆମେ ଯେଉଁ ମାର୍ଗ ପ୍ରସ୍ତୁତ କରୁଛୁ, ତାହା ହେଉଛି ଶିଳ୍ପ। ଏହାକୁ ଦୃଷ୍ଟିରେ ରଖି ଜାନୁଆରୀ ମାସରେ ଯେଉଁ ଉତ୍କର୍ଷ ଓଡିଶା- ମେକ୍ ଇନ୍ ଓଡିଶା କନକ୍ଲେଭ୍ ହୋଇଥିଲା, ସେଥିରେ ଆମେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିଥିଲୁ ଏବଂ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ହୋଇଥିଲା, ଏକଥାକୁ ସେ ଲୋକଙ୍କୁ ସୁଝାଇ ଥିଲେ। ଆମର ଏହି ସଫଳତା ପୂର୍ବର ସମସ୍ତ ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମର ରେକର୍ଡକୁ ଭାଙ୍ଗିଥିଲା। କିନ୍ତୁ, ଏଥିରେ ଅନେକ ସନ୍ଦେହ ପ୍ରକାଶ କରିଥିଲେ କିନ୍ତୁ, ଆମ ସରକାର ମୋଦିଜୀଙ୍କ ମାର୍ଗଦର୍ଶନରେ ପରିଚାଳିତ। ଯାହା ଥରେ କରିବାକୁ ନିଷ୍ପତ୍ତି ନେଇଥାଉ, ତାହାକୁ ନିଶ୍ଚୟ କରିକି ଦେଖାଉ। ଆମର ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ଥାଏ। ମେକ୍ ଇନ୍ ଓଡିଶାର ୪ ମାସ ମଧ୍ୟରେ ଯାଜପୁର କଳିଙ୍ଗ ନଗରରେ ୭୦ ହଜାର କୋଟି ଟଙ୍କାର ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିଲା। ବୁଧବାର ଢେଙ୍କାନାଳରେ ୫୦ ହଜାର କୋଟି ଟଙ୍କାର ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି। ଓଡିଶାରେ ଏକ ବନ୍ଦରଭିତ୍ତିକ ଶିଳ୍ପ ବିକାଶ ପାଇଁ ଆମର ଲକ୍ଷ୍ୟ ରହିଛି। ବର୍ତ୍ତମାନ ଯେଉଁ ୩ଟି ବନ୍ଦର ଅଛି, ତା'ବ୍ୟତୀତ ଆଉ ୩-୪ଟି ବନ୍ଦର ମଧ୍ୟ ପ୍ରତିଷ୍ଠା କରାଯିବ। କେନ୍ଦ୍ର ସରକାର ରେଳ ଓ ରାଜପଥ କ୍ଷେତ୍ରରେ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁରି ଦେଇଛନ୍ତି। ଓଡିଶାରେ ମଧ୍ୟ ଆମେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡକ ନିର୍ମାଣ କରିବୁ। ଏହାସହିତ ଅନେକ ଶିଳ୍ପ କରିଡର ମଧ୍ୟ ଗଠନ କରାଯିବ। ଏହା ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଯାହା ସବୁ ମୌଳିକ ଆବଶ୍ୟକତା ରହିଛି, ତାହା ଓଡିଶାରେ ସମ୍ପୂର୍ଣ୍ଣ ଭାବେ ମିଳିପାରିବ। ଆମେ ମଧ୍ୟ ସ୍ୱୟଂସହାୟକ ଗୋଷ୍ଠୀର ମା'ମାନଙ୍କୁ ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପ୍ରୋତ୍ସାହନ ଦେଉଛୁ। ମା'ମାନେ ଯେଉଁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବେ ତାହା ଆମର ବୃହତ ଶିଳ୍ପମାନଙ୍କ ସହିତ ମିଶି ଏକ ରାଜ୍ୟସ୍ତରୀୟ ସପ୍ଲାଇ ଚେନ୍ ପ୍ରତିଷ୍ଠା କରିପାରିବେ। ଓଡିଶାରେ ଶିଳ୍ପ ସଂସ୍କୃତିର ବିକାଶ ହେବ। ଏହା ପରେ ଓଡିଶାର ବିକାଶକୁ କେହି ଅଟକେଇ ପାରିବେ ନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ମୁଁ ଏବଂ ମୋ ସରକାର ଓଡିଶା ବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଏହା ଏକ ବଳିଷ୍ଠ ପଦକ୍ଷେପ ଏବଂ ଆଗାମୀ ଦିନରେ ଏପରି ଅନେକ ବିକାଶ ମୂଳକ କାର୍ଯ୍ୟର ଶୁଭାରମ୍ଭ ହେବାକୁ ଯାଉଛି। ବର୍ତ୍ତମାନ ନିଯୁକ୍ତି କ୍ଷେତ୍ରରେ ଆମ ରାଜ୍ୟର ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦିଆ ଚାଲିଛି। ପ୍ରଥମ ବର୍ଷରେ ହିଁ ୨୭,୦୦୦ ଖାଲି ଥିବା ପଦବୀ ପୂରଣ ହୋଇଛି ଏବଂ ଖୁବଶୀଘ୍ର ଆଉ ୪୦ ହଜାର ଖାଲି ଥିବା ସରକାରୀ ପଦ ପୂରଣ କରାଯିବ। ଯେତେଦୂର ଆଶା ଏ ପାଞ୍ଚ ବର୍ଷ ଭିତରେ ଦେଢ ଲକ୍ଷ ଯୁବକ ଯୁବତୀଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦିଆଯିବ। ଏହି ଉତ୍ସବରେ ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଓଡିଶାର ବାଣିଜ୍ୟ ଓ ପରିବହନ ଏବଂଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ, ବିଭୁତି ଭୁଷଣ ଜେନା, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗୀୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକଗଣ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପସ୍ଥିତ ଥିଲେ। ପରିଶେଷରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଶା ଆସିବେ ମୋଦି

ଭୁବନେଶ୍ୱର, ୫।୬ (ହି.ସ): ଓଡିଶାର ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏ ନେଇ ରାଜ୍ୟ ବିଜେପି ନେତାଙ୍କ ସୂତ୍ରରୁ ଜଣାପଡିଛି। ପ୍ରଧାନମନ୍ତ୍ରୀ ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତୀ ଉତ୍ସବରେ ଯୋଗ ଦେବା ପାଇଁ ଓଡିଶା ଆସିବେ। ସମ୍ଭବତଃ ସେ ଆସନ୍ତା ୧୧ କିମ୍ବା ୧୨ ତାରିଖରେ ଆସିବେ ବୋଲି ଜଣାପଡିଛି। ସେଥିପାଇଁ ବିଜେପି ଶିବିର ତରଫରୁ ବେଶ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତୀ ପାଳନ ପାଇଁ ଉଭୟ ସରକାର ଏବଂ ଦଳ ତରଫରୁ ବଡ ଆୟୋଜନର ପ୍ରସ୍ତୁତି ଚାଲିଛି। ସପ୍ତାହ ବ୍ୟାପି ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସରକାର ପ୍ରସ୍ତୁତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀ ଗସ୍ତ ବେଳେ ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ। ସେହି ଅନୁସାରେ ପ୍ରଧାନମନ୍ତ୍ରୀ ଓଡିଶା ଆସିବେ ବୋଲି ଜଣାପଡିଛି।

## ଆଜି ଶ୍ରୀମନ୍ଦିରରେ ରୁକ୍ମଣୀ ହରଣ ନୀତି

ପୁରୀ,୫।୬ (ହି.ସ): ଶୁକ୍ରବାର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥି ରହିଛି। ଏହି ଅବସରରେ ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଓ ବିବାହ ଉତ୍ସବ ନୀତି ଅନୁଷ୍ଠିତ ହେବ। ଏଣୁ ପ୍ରଥମ ଭୋଗମଣ୍ଡପରେ ଭୋଗ ଶେଷ ହେବା ପରେ ସର୍ବସାଧାରଣଙ୍କ ପାଇଁ ଦର୍ଶନ ବନ୍ଦ ରହିବ। ଅପରାହ୍ନ ଗୋଟାଏରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଦର୍ଶନ ବନ୍ଦ ରହିବ।

### ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟ ସରକାର ଚଳିତ ବର୍ଷ ୭.୫ କୋଟି ବୃକ୍ଷ ରୋପଣ କରିବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୬ (ଡିକେ ନ୍ୟୁଜ୍): ଗୁରୁବାର ଭୁବନେଶ୍ୱର ସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ମହାସମାରୋହରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟ ସରକାର, ଗୋଟିଏ ବର୍ଷରେ ୭.୫ କୋଟି ବୃକ୍ଷ ରୋପଣ କରିବେ ବୋଲି ଘୋଷଣା କରିଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ପ୍ରଦୂଷିତ ପୃଥବୀର ଭୟାବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ପରିବେଶ ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପ, ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ଜୀବନଯାପନର ସହଜ ଏବଂ ସରଳ ମାଧ୍ୟମ ହେଇପାରିବ। ଆଜିକାଲି ଆମ ଜୀବନରେ ପ୍ଲାଷ୍ଟିକ ଅପରିହାର୍ଯ୍ୟ ହୋଇ ସାରିଛି, ବିଶେଷ ଭାବେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକଯୁକ୍ତ ଆଜି ପ୍ଲାଷ୍ଟିକର ଅଧିକ ବ୍ୟବହାର ତିନିଗୋଟି ସମସ୍ୟା ଭାବେ ଉଭା ହୋଇଛି, ଜଳବାୟୁ ପରିବର୍ତ୍ତନ, ପ୍ରକୃତିର ଜଳ, ସ୍ଥଳ ଏବଂ ଜୈବ ବିବିଧତାରେ କ୍ଷୟ ଏବଂ ପ୍ରଦୂଷଣ ଓ



ଆବର୍ଜନାର ସମସ୍ୟାୟ ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ ବର୍ଜନ ଏକ ଗଣଆନ୍ଦୋଳନ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ସରକାର ମଧ୍ୟ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ଜନସଂଖ୍ୟା ବହୁଳ ସହରାଞ୍ଚଳମାନଙ୍କରେ ବାୟୁ ପ୍ରଦୂଷଣର ମାତ୍ରା କମାଇବ ଏବଂ ବାୟୁମଣ୍ଡଳରେ ବାୟୁ ଗୁଣବତ୍ତା ବୃଦ୍ଧି ଘଟିବ। ସେଥିପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ତତ୍ପର ଅଛି। ଆମ ସରକାର ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ ନିଷେଧ ସହ ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ ଏବଂ ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଇଛନ୍ତି। ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବାକୁ ହେଲେ ଏହା ପ୍ରଥମେ ନିଜ ଓ ନିଜ ପରିବାରଠାରୁ ଆରମ୍ଭ ହେବା ଆବଶ୍ୟକ। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ରାଜ୍ୟ ସରକାର ପ୍ରାୟ ସାଢେ ୬ କୋଟିରୁ ଉର୍ଦ୍ଧ୍ୱ ଗଛ ଲଗାଇ ଏହି ଅଭିଯାନକୁ ସଫଳ କରିଛନ୍ତି ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ଆମ ସରକାର ଆସିବା ପରେ ଜଙ୍ଗଲ ଓ ବୃକ୍ଷ ଆବରଣରେ ପାଖାପାଖି ୫୬୦ ବର୍ଗ କିଲୋମିଟର ନେଟ୍ ବୃଦ୍ଧି ହୋଇଛି, ଯାହା ସମସ୍ତ ରାଜ୍ୟ ମଧ୍ୟରେ ଚତୁର୍ଥ ସର୍ବାଧିକ। ଜନସାଧାରଣ ଓ ଅନୁଷ୍ଠାନ ଗୁଡିକ ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଚାରା ରୋପଣ କରି ରେକର୍ଡ ସୃଷ୍ଟି କରିଛନ୍ତି। ଭାରତ ସରକାରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ୧୦୭ତମ ଜାତୀୟ ଉଦ୍ୟାନର ମାନ୍ୟତା ପାଇଛି ଶିମିଳିପାଳ। 'ଆମ ଶିମିଳିପାଳ' ଯୋଜନା ମାଧ୍ୟମରେ ବନ୍ୟପ୍ରାଣୀ ଓ ଉଦ୍ଭିଦ ସଂରକ୍ଷଣ ଓ ସୁରକ୍ଷା ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦରେ ଏକ ନୂତନ ପ୍ରୟାସର ଶୁଭାରମ୍ଭ କରିଛନ୍ତି ରାଜ୍ୟ ସରକାର। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ପରିବେଶ ସୁରକ୍ଷା ତଥା ଏହାର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଜିଲ୍ଲାର ୧୮୫ ପ୍ରକୃତି ମିତ୍ର ଏବଂ ୨୧୧ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଅନୁଷ୍ଠାନ ତଥା ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଉଛି। ମୋର ଦୃଢ ବିଶ୍ୱାସ ସେମାନଙ୍କର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ। ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ ଉପରେ ରାଜ୍ୟସ୍ତରର ଇକୋ-ମଡେଲ ପ୍ରଦର୍ଶନୀର ସମସ୍ତ ଅଂଶଗ୍ରହଣକାରୀ ଓ ବିଜେତା ମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ଓଡିଶାରୁ ସର୍ବଶ୍ରେଷ୍ଠ ଇକୋ କ୍ଲବ ପୁରସ୍କାର ବିଜେତା ବିଦ୍ୟାଳୟ ତଥା ଶିକ୍ଷକମାନଙ୍କୁ ତାଙ୍କର ନିଷ୍ଠା ଏବଂ ପ୍ରତିବଦ୍ଧତା ପାଇଁ ଶୁଭେଚ୍ଛା ଜଣାଉଛି। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ପରିବେଶ ନିୟନ୍ତ୍ରଣ ବିଷୟରେ ସଂଶ୍ଲିଷ୍ଟ ବିଭିନ୍ନ ସଂସ୍ଥା ପ୍ରଦର୍ଶନୀ ମାଧ୍ୟମରେ ସଚେତନତା • ପୃଷ୍ଠା ୭ ଦେଖନ୍ତୁ...

## ଜାମ୍ମୁ-କାଶ୍ମୀରରେ ଉନ୍ନତ ସଂଯୋଗୀକରଣ ପାଇଁ ପ୍ରକଳ୍ପଗୁଡ଼ିକର ରୂପରେଖ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୫।୬ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାମ୍ମୁ-କାଶ୍ମୀରରେ ଉନ୍ନତ ସଂଯୋଗୀକରଣ ପାଇଁ ୪୬,୦୦୦ କୋଟି ଟଙ୍କାର ଦୂରଦୃଷ୍ଟିସମ୍ପନ୍ନ ଏବଂ ପ୍ରମୁଖ ପ୍ରକଳ୍ପଗୁଡ଼ିକର ରୂପରେଖ ପ୍ରସ୍ତୁତ କରିଛନ୍ତି, ଯାହା ଏହି କ୍ଷେତ୍ରର ସଂଯୋଗୀକରଣ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପୂର୍ବରୁ ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଚେନାବ ସେତୁର ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଶ୍ରୀ ମୋଦି ଉଲ୍ଲେଖ କରିଥିଲେ ଯେ ଚେନାବ ରେଳ ସେତୁ ଜାମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ଯୋଗାଯୋଗରେ ଉନ୍ନତି ଆଣିବ। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଉଧମପୁର-ଶ୍ରୀନଗର-ବାରାମୂଳା ରେଳ ସଂଯୋଗ (ୟୁଏସବିଆରଏଲ୍) ପ୍ରକଳ୍ପ ସବୁଦିନିଆ ସଂଯୋଗକୁ ସୁନିଶ୍ଚିତ କରିବ ଏବଂ ଶ୍ରୀ ମାତା ବୈଷ୍ଣୋଦେବୀ କଟରା ଏବଂ ଶ୍ରୀନଗର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଆଧ୍ୟାତ୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀଙ୍କ ଏକ୍ସ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଶୁକ୍ରବାର ଜାମ୍ମୁ-କାଶ୍ମୀରର ମୋର ଭଉଣୀ ଏବଂ ଭାଇମାନଙ୍କ ପାଇଁ ବାସ୍ତବରେ ଏକ ସ୍ୱତନ୍ତ୍ର ଦିନ। ୪୬,୦୦୦ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପଗୁଡିକ ଉଦଘାଟନ କରାଯାଉଛି, ଯାହା ଲୋକମାନଙ୍କ ଜୀବନ ଉପରେ ବହୁତ • ପୃଷ୍ଠା ୭ ଦେଖନ୍ତୁ...






## ସ୍ନାନ ପୂର୍ଣ୍ଣିମା ପାଇଁ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ: ନିୟୋଜିତ ହେବ ୭୦ ପ୍ଲାଟୁନ ଫୋର୍ସ

ପୁରୀ, ୫।୬ (ଡିକେ ନ୍ୟୁଜ): ଆସନ୍ତା ଜୁନ ୧୧ରେ ଦେବସ୍ନାନ ପୂର୍ଣ୍ଣିମା। ରତ୍ନବେଦୀ ଛାଡ଼ି ସ୍ନାନ ବେଦୀକୁ ଆସିବେ ଚତୁର୍ଦ୍ଧାମୂର୍ତ୍ତି। ସ୍ନାନଯାତ୍ରାକୁ ଶୃଙ୍ଖଳିତ ପରିଚାଳନା ପାଇଁ ଶ୍ରୀମନ୍ଦିର, ଜିଲ୍ଲା ଓ ପୋଲିସ ପ୍ରଶାସନ ଜୋରଦାର ପ୍ରସ୍ତୁତି ଚଳାଇଛି। କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଗୁରୁବାର ପୁରୀ ଏସପିଙ୍କ କାର୍ଯ୍ୟାଳୟରେ ସ୍ନାନଯାତ୍ରାରେ ଭକ୍ତଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳା ଓ ପାର୍କିଂ ଭଳି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ପୁରୀ ଏସପି ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଯୋଗଦେଇଥିଲେ। ସ୍ନାନଯାତ୍ରା ପାଇଁ ସୁରକ୍ଷା ଦାୟିତ୍ୱରେ ୪ ଜଣ ଏସପି, ୪୫୦ ପୋଲିସ ଅଫିସରଙ୍କ ସହିତ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ ବୋଲି ଆଇଜି




ଗଣମାଧ୍ୟମକୁ କହିଛନ୍ତି। ଚଳିତ ବର୍ଷ ଏଆଇ ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ ହେବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ଖୋଲାଯିବ ବୋଲି ଆଇଜି କହିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଚାରୋଟି ନିଯୋଗ ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଶୃଙ୍ଖଳିତ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ ସମ୍ପର୍କରେ ମୁଖ୍ୟତଃ ଆଲୋଚନା କରାଯାଇଛି। ଠାକୁରଙ୍କ ପହଣ୍ଡି, ଜଳଲାଗି, ହାତୀବେଶ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସ୍ନାନ ମଣ୍ଡପରେ ସିସିଟିଭି କ୍ୟାମେରା ସହିତ ଖୁବ୍ କମ୍ ସମୟରେ କିଭଳି ଅଧିକ ଭକ୍ତ ଠାକୁରଙ୍କୁ ଦର୍ଶନ କରିପାରିବେ ସେନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଠାକୁରଙ୍କ ପହଣ୍ଡି ଦର୍ଶନ ପାଇଁ ତିନି ହଜାର ଟିକେଟ ବ୍ୟବସ୍ଥା କରାଯାଇଥିବା ବେଳେ ଟିକେଟ ମୂଲ୍ୟ ୧୫୦ ଟଙ୍କା ରଖାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା • ପୃଷ୍ଠା ୭ ଦେଖନ୍ତୁ...




# ବେଦାନ୍ତ ଆଲୁମିନିୟମ ଓଡ଼ିଶା ଏବଂ ଛତିଶଗଡ଼ରେ ଡିକାର୍ବୋନାଇଜେସନ, ଜଳ ସକାରାତ୍ମକତା ଏବଂ ଜୈବ ବିବିଧତା ପଦକ୍ଷେପ ପାଇଁ ଡବ୍ଲୁଡବ୍ଲୁଏଫ ସହିତ ବୁଝାମଣା

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ବିଶ୍ୱ ପରିବେଶ ଦିବସ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପ୍ରଥମ ଥର ପାଇଁ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର କାର୍ଯ୍ୟରେ ସ୍ଥାୟୀତ୍ୱ ପଦକ୍ଷେପଗୁଡ଼ିକୁ ବୃଦ୍ଧି କରିବା ପାଇଁ ଡବ୍ଲୁଡବ୍ଲୁଏଫ ଇଣ୍ଡିଆ ସହିତ ଏହାର ସହଭାଗୀତା ଘୋଷଣା କରିଛି। ଡିକାର୍ବୋନାଇଜେସନ, ଜଳ ସକାରାତ୍ମକତା ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ କେନ୍ଦ୍ରିତ, ଏହି ସହଯୋଗ ୨୦୫୦ ସୁଦ୍ଧା ନେଟ୍ ଜିରୋ ହାସଲ କରିବା ତଥା ୨୦୩୦ ସୁଦ୍ଧା ନେଟ୍ ଜଳ ସକାରାତ୍ମକତା ଏବଂ ଜୈବ ବିବିଧତାର କୌଣସି ନେଟ୍ କ୍ଷତି ସୁନିଶ୍ଚିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ପ୍ରାରମ୍ଭରେ ବେଦାନ୍ତର ଝାରସୁଗୁଡା ସ୍ମେଲ୍ଟର ଚାରିପାଖରେ ଜୈବ ବିବିଧତା ପ୍ରକଳ୍ପ ଉପରେ କେନ୍ଦ୍ରିତ, ଏହି ସହଭାଗୀତା ବର୍ତ୍ତମାନ ଏହାର ସମସ୍ତ କାର୍ଯ୍ୟକ୍ଷମ ଅଞ୍ଚଳଗୁଡ଼ିକରେ ବିସ୍ତାରିତ ହେବ ଏବଂ ଡିକାର୍ବନାଇଜେସନ୍, ଜଳ ସକାରାତ୍ମକତା ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ ଧ୍ୟାନ ଦେବ, ଯାହା କମ୍ପାନୀର ମୂଲ୍ୟ ଶୃଙ୍ଖଳରେ ସ୍ଥାୟୀତ୍ୱକୁ ଏକୀକୃତ କରିବାରେ ଏକ ପ୍ରମୁଖ ପଦକ୍ଷେପ ଅଟେ। ଡବ୍ଲୁଡବ୍ଲୁଏଫ ସହିତ ସହଭାଗୀତା ଉପରେ ପ୍ରତିଫଳିତ କରି, ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ପ୍ରକାଶ କରିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମର ଭଲ ପାଇଁ ପରିବର୍ତ୍ତନ ଦର୍ଶନ ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ପ୍ରଭାବ ପ୍ରତି ଆମର ପ୍ରତିବଦ୍ଧତାର ମୂଳଦୁଆ। ଡବ୍ଲୁଡବ୍ଲୁଏଫ ସହିତ ଏହି ସହଯୋଗ ସ୍ଥାୟୀ ଅଭିବୃଦ୍ଧି ଚଳାଇବା ଏବଂ ପରିବେଶଗତ ପରିଚାଳନାକୁ ଚାମ୍ପିଅନ କରିବା ପାଇଁ ଆମର ଅଟଳ ସମର୍ପଣକୁ ଉଦାହରଣ ଦିଏ। ଦୃଢ଼ ଇଏସଜି ନୀତିରେ ଆବଦ୍ଧ, ଆମେ ୨୦୫୦ ସୁଦ୍ଧା କାର୍ବନ ନିରପେକ୍ଷତା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛୁ ଏବଂ ୨୦୭୦ ପାଇଁ ଭାରତର ନେଟ୍ ଜିରୋ ଦୃଷ୍ଟିକୁ ସମର୍ଥନ କରୁଛୁ। ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଚ୍ୟାଲେଞ୍ଜକୁ ସମାଧାନ କରି, କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରି ଆମ ପ୍ରୟାସର କେନ୍ଦ୍ରରେ ସମ୍ପ୍ରଦାୟଗୁଡ଼ିକୁ ରଖି, ଆମେ ବିଶ୍ୱ ଆଲୁମିନିୟମ ଶିଳ୍ପକୁ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛୁ। ଏକାଠି, ଆମେ ଏକ ଅଧିକ ସ୍ଥାୟୀ ଗ୍ରହ ପାଇଁ ଏକ ପଥ ନିର୍ମାଣ କରୁଛୁ ଏବଂ ଦାୟିତ୍ୱବାନ ବ୍ୟବସାୟର ପ୍ରକୃତ ଅର୍ଥ କଣ ତାହା ପୁନଃପରିଭାଷିତ କରୁଛୁ। ଏହି ସହଯୋଗର ଗୁରୁତ୍ୱ ଉପରେ ଅଧିକ ଆଲୋକପାତ କରି, ଡବ୍ଲୁଡବ୍ଲୁଏଫ ଇଣ୍ଡିଆର ଜଳବାୟୁ ଏବଂ ଶକ୍ତିର ପାର୍ଟନର ସନ୍ଦୀପ କୁମାର ମହାନ୍ତି କହିଛନ୍ତି, ଆମେ ବେଦାନ୍ତ ଆଲୁମିନିୟମ ସହିତ ଏହାର କାର୍ଯ୍ୟରେ ସ୍ଥାୟୀତ୍ୱକୁ ସାମିଲ କରିବା ପାଇଁ ଏହି ପ୍ରେରଣାଦାୟକ ଯାତ୍ରାରେ ସହଭାଗୀ ହେବାକୁ ଉତ୍ସାହିତ। ଏକାଠି, ଆମେ ଲୋକଙ୍କ ଜୀବନ ଏବଂ ପରିବେଶରେ ଏକ ପ୍ରକୃତ ପରିବର୍ତ୍ତନ ଆଣିବା ପାଇଁ ପ୍ରତିବଦ୍ଧ। ସମ୍ପ୍ରଦାୟ ସହଭାଗିତା ସହିତ ଅଭିନବ ପଦ୍ଧତିକୁ ମିଶ୍ରଣ କରି, ଆମେ ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ସବୁଜ ଭବିଷ୍ୟତ ସୃଷ୍ଟି କରିବାରେ ବେଦାନ୍ତ ଆଲୁମିନିୟମର ପ୍ରୟାସକୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ସହଭାଗୀତା ମାଧ୍ୟମରେ, କମ୍ପାନୀ ବର୍ଦ୍ଧିତ ଡିକାର୍ବୋନାଇଜେସନ, ଜଳ ସକାରାତ୍ମକତା ହାସଲ ଏବଂ ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ଦୃଶ୍ୟମାନ ଫଳାଫଳ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଲକ୍ଷ୍ୟ ୬ (ସ୍ୱଚ୍ଛ ଜଳ ଏବଂ ପରିମଳ), ଲକ୍ଷ୍ୟ ୧୩ (ଜଳବାୟୁ କାର୍ଯ୍ୟ)



ଏବଂ ଲକ୍ଷ୍ୟ ୧୫ (ଭୂମି ଉପରେ ଜୀବନ) ସମେତ ବହୁବିଧ ମିଳିତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଡ଼କୁ ଅଗ୍ରଗତିକୁ ସମର୍ଥନ କରିବ। ଡବ୍ଲୁଡବ୍ଲୁଏଫ ଇଣ୍ଡିଆ ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ କାର୍ଯ୍ୟରେ ଲଗାଇବାରେ ସାହାଯ୍ୟ କରିବ। ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସଆଇ) ଲକ୍ଷ୍ୟ ସହିତ ସମନ୍ୱୟ ରଖିବା ପାଇଁ ଏକ ବ୍ୟାପକ ଡିକାର୍ବୋନାଇଜେସନ ରୋଡମ୍ୟାପ୍ କାର୍ଯ୍ୟକାରୀ କରିବା, ଯାହା ସବୁଜ ଆଲୁମିନିୟମ ଉତ୍ପାଦନକୁ ସକ୍ଷମ କରିବ। ୨୦୩୦ ସୁଦ୍ଧା କମ୍ପାନୀକୁ ଜଳ ସକାରାତ୍ମକତା ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଜଳ ବ୍ୟବହାର ହ୍ରାସ କରିବାକୁ ପ୍ରୟାସ କରନ୍ତୁ। ଆକ୍ରମଣାତ୍ମକ ପ୍ରଜାତିକୁ ଦୂର କରି ଏବଂ ସ୍ଥାନୀୟ ଉଦ୍ଭିଦକୁ ପୁନଃପ୍ରବର୍ତ୍ତନ କରି ଜୈବ ବିବିଧତାର କୌଣସି ନିଟ୍ କ୍ଷତି ହାସଲ କରିବା ପାଇଁ ବ୍ୟାପକ ଜୈବ ବିବିଧତା ପରିଚାଳନା ଯୋଜନା ବିକଶିତ କରନ୍ତୁ। ପ୍ୟାରିସ ଚୁକ୍ତିନାମା ଲକ୍ଷ୍ୟ ସହିତ ନିର୍ଗମନ ହ୍ରାସକୁ ସମନ୍ୱିତ କରିବା ପାଇଁ ଏକ ବିଶ୍ୱ ଜଳବାୟୁ କାର୍ଯ୍ୟ ପ୍ରୟାସ, ବିଜ୍ଞାନ-ଆଧାରିତ ଲକ୍ଷ୍ୟ ପଦକ୍ଷେପ (ଏସବିଟିଆଇ) ଗ୍ରହଣ କରିବାର ସମ୍ଭାବନାର ମୂଲ୍ୟାଙ୍କନ କରନ୍ତୁ। ବେଦାନ୍ତ ଆଲୁମିନିୟମ ପରିବେଶଗତ ପରିଚାଳନା ଏବଂ ନବସୃଜନକୁ ଚାମ୍ପିଅନ କରି ବିଶ୍ୱ ଆଲୁମିନିୟମ ଶିଳ୍ପକୁ ଏକ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଆଗେଇ ନେବାର କଳ୍ପନା କରେ। କମ୍ପାନୀ ଗତ କିଛି ବର୍ଷ ମଧ୍ୟରେ ନିରନ୍ତର ସବୁଠାରୁ ସ୍ଥାୟୀ ଆଲୁମିନିୟମ କମ୍ପାନୀ ମଧ୍ୟରେ ସ୍ଥାନ ପାଇଛି। ବିଶ୍ୱ ମାନଦଣ୍ଡ ଏବଂ ରଣନୈତିକ ଜୈବ ବିବିଧତା ପରିଚାଳନା ସହିତ ସଂଯୁକ୍ତ ଏକ ବ୍ୟାପକ ଡିକାର୍ବୋନାଇଜେସନ ରୋଡମ୍ୟାପ୍ ସହିତ, କମ୍ପାନୀ ଏକ ନେଟ୍-ସକାରାତ୍ମକ ପରିବେଶଗତ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏହାର କାର୍ଯ୍ୟରେ ପରିବେଶଗତ ଏବଂ ସାମାଜିକ ପ୍ରାଥମିକତାକୁ ସମନ୍ୱିତ କରି, ବେଦାନ୍ତ ଆଲୁମିନିୟମ ଏକ ଅଧିକ ସ୍ଥାୟୀ ଗ୍ରହ ନିର୍ମାଣ ପାଇଁ ପ୍ରତିବଦ୍ଧ ରହିଛି। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଅଗ୍ରଣି ଭାବରେ ଉଭା ହୋଇଛି ଯାହାକି ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ବ୍ୟବହାର କରିଥାଏ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ୍ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ଭବିଷ୍ୟତର ଧାତୁ ଭାବରେ ଆଲୁମିନିୟମ୍ର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

# ଆର୍ଥିକ ବର୍ଷ ୨୦୨୫ରେ ଭାରତରେ ଷ୍ଟେନଲେସ ଷ୍ଟିଲ ବ୍ୟବହାରରେ ୮% ଅଭିବୃଦ୍ଧି : ଆଇଏସ୍ଏସ୍ଡିଏ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଭାରତୀୟ ଷ୍ଟେନଲେସ୍ ଷ୍ଟିଲ୍ ଡେଭଲପମେଣ୍ଟ ଆସୋସିଏସନ୍ (ଆଇଏସଏସଡିଏ) ଭାରତରେ ୨୦୨୫ ଆର୍ଥିକ ବର୍ଷ ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ବ୍ୟବହାର ତଥ୍ୟ ଘୋଷଣା କରିଛି। ଆସୋସିଏସନ୍ ଆକଳନ କରିଛି ଯେ ୨୦୨୫ ଆର୍ଥିକ ବର୍ଷରେ ଷ୍ଟେନଲେସ୍ ଷ୍ଟିଲ୍ ବ୍ୟବହାର ୪.୮୫ ମିଲିୟନ ଟନ୍ ରହିଛି, ଯାହା ଆର୍ଥିକ ବର୍ଷ-୨୪ ତୁଳନାରେ ପ୍ରାୟ ୮% ଅଧିକ। ଏଠାରେ ଆୟୋଜିତ ଗ୍ଲୋବାଲ ଷ୍ଟେନଲେସ ଷ୍ଟିଲ ଏକ୍ସପୋ ଅବସରରେ ଆଇଏସ୍ଏସ୍ଡିଏ ଭାରତୀୟ ବଜାରର ଅଭିବୃଦ୍ଧି ସମ୍ଭାବନା ଉପରେ ଆସ୍ଥା ବ୍ୟକ୍ତ କରିଛି। ମାକ୍ରୋଇକୋନୋମିକ୍ ଏବଂ ରାଜନୈତିକ ଆହ୍ୱାନ ସତ୍ତ୍ୱେ, ଭାରତରେ ଷ୍ଟେନଲେସ୍ ଷ୍ଟିଲ ବଜାର ସୁଦୃଢ଼ ହେବା ସହ ବିଶ୍ୱସ୍ତରରେ ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ମଧ୍ୟରେ ରହିଛି। ଆଇଏସଏସଡିଏର ଅଧ୍ୟକ୍ଷ, ରାଜମଣି କୃଷ୍ଣମୂର୍ତ୍ତି କହିଛନ୍ତି, ସମଗ୍ର ବିଶ୍ୱ ସ୍ଥାୟିତା ଓ ସୁଦୃଢ଼ ଭିତ୍ତିଭୂମି ଆଡ଼କୁ ଗତି କରୁଥିବା ବେଳେ ଷ୍ଟେନଲେସ୍ ଷ୍ଟିଲର ପ୍ରାସଙ୍ଗିକତା ବଢ଼ିବାରେ ଲାଗିଛି। ତଥାପି ଶସ୍ତା ମୂଲ୍ୟର ଆମଦାନୀ ଘରୋଇ ଉତ୍ପାଦନକାରୀଙ୍କୁ ଚ୍ୟାଲେଞ୍ଜ କରୁଛି। ଆଇଏସ୍ଏସ୍ଡିଏ କ୍ରମାଗତ ଭାବରେ ଏହି ବିପଦ ପ୍ରତି ସତର୍କ କରାଇ ଦେଇଛି ଏବଂ ଜୋର ଦେଇ କହିଛି ଯେ ଅନିୟନ୍ତ୍ରିତ ବାଣିଜ୍ୟ- ବିଶେଷକରି ଚାଇନା ଏବଂ ଭିଏତନାମ ପରି ଦେଶରୁ ଆମଦାନୀ, ଏହି କ୍ଷେତ୍ରରେ ଘରୋଇ ଉତ୍ପାଦନ ଏବଂ ନିଯୁକ୍ତିକୁ ପ୍ରଭାବିତ କରିପାରେ। ଭାରତୀୟ ଷ୍ଟେନଲେସ୍ ଇସ୍ପାତ ଶିଳ୍ପର ଅଭିବୃଦ୍ଧି ପାଇଁ ଉଭୟ ସରକାର ଓ ଶିଳ୍ପ ଅଂଶୀଦାରମାନେ ସତର୍କ ରହିବା, ଆମଦାନୀ ଉପରେ ତୀକ୍ଷ୍ଣ ନଜର ରଖିବା ଏବଂ ଆବଶ୍ୟକ ପଦକ୍ଷେପକୁ ସକ୍ରିୟ ଭାବରେ କାର୍ଯ୍ୟକାରୀ କରିବା ଆବଶ୍ୟକ। ଭାରତର ସ୍ଥାପିତ ଷ୍ଟେନଲେସ୍ ଇସ୍ପାତ କ୍ଷମତା ୭.୫ ମେଟ୍ରିକ୍ ଟନ୍ ରହିଛି, ଓ ବର୍ତ୍ତମାନ ବ୍ୟବହାର ପ୍ରାୟ ୬୦% ରହିଛି। ଯଦି ଉପଯୁକ୍ତ ନୀତି ଏବଂ ଚାହିଦା ବଜାୟ ରହେ, ତେବେ ଏଥିରେ ବୃଦ୍ଧି ପାଇଁ ଯଥେଷ୍ଟ ସମ୍ଭାବନା ରହିଛି। ଜିନ୍ଦଲ ଷ୍ଟେନଲେସର ଅଧ୍ୟକ୍ଷ, ରତନ ଜିନ୍ଦଲ କହିଛନ୍ତି, ଯଦି ଭାରତ ପ୍ରକୃତରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ହେବାକୁ ଚାହୁଁଛି, ତେବେ ଷ୍ଟେନଲେସ୍ ଷ୍ଟିଲ ଏହାର ସବୁଠାରୁ ଶକ୍ତିଶାଳୀ ଭିତ୍ତିଭୂମି ହେବା ଆବଶ୍ୟକ। ୨୦୪୭ ସୁଦ୍ଧା ବ୍ୟବହାର ୨୦ ମିଲିୟନ ଟନ୍ ଅତିକ୍ରମ କରିବାକୁ ଯାଉଥିବା ବେଳେ ଆମକୁ ତ୍ରିମୁଖୀ ରଣନୀତି ମାଧ୍ୟମରେ ଷ୍ଟେନଲେସ୍ ଷ୍ଟିଲ୍ ଇକୋସିଷ୍ଟମର ବିକାଶ କରିବାକୁ ପଡ଼ିବ। ପ୍ରଥମତଃ, ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଆମକୁ ଆମର କ୍ଷମତାକୁ ବୃଦ୍ଧି କରିବାକୁ ପଡିବ। ଦ୍ୱିତୀୟତଃ, ଗବେଷଣା କ୍ଷେତ୍ରରେ ପୁଞ୍ଜିନିବେଶ, ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ଲିଙ୍କରେ ଡିଜିଟାଲାଇଜେସନକୁ ସମନ୍ୱିତ କରିବା, ଶିଳ୍ପ-ଶିକ୍ଷା ଭାଗିଦାରୀ ବୃଦ୍ଧି ଏବଂ ସ୍ଥାୟୀ ଉତ୍ପାଦନ ଅଭ୍ୟାସକୁ ପ୍ରୋତ୍ସାହିତ କରି ଆମେ ଆମର ସାମର୍ଥ୍ୟକୁ ସୁଦୃଢ଼ କରିବା ଆବଶ୍ୟକ। ତୃତୀୟତଃ ଭିଏତନାମ ଭଳି ଅନ୍ୟ ଏସୀୟ ଦେଶମାନଙ୍କ ଜରିଆରେ ଚୀନରୁ ରିହାତି ମୂଲ୍ୟରେ ଆମଦାନୀକୁ ରୋକିବା ପାଇଁ ପ୍ରତିକାରମୂଳକ ବାଣିଜ୍ୟିକ ପଦକ୍ଷେପ ଗ୍ରହଣ କରି ଏମଏସ୍ଏମଇ ପାଇଁ ଏକ ସମାନ ସୁଯୋଗ ବଜାୟ ରଖିବା ଦିଗରେ ଆମକୁ ସରକାରଙ୍କ ସହ କାମ କରିବାକୁ ପଡିବ। ମେକ୍ ଇନ୍ ଇଣ୍ଡିଆ, ଗୁଣାତ୍ମକ ମାନକ ଏବଂ ଭିତ୍ତିଭୂମିରେ ପୁଞ୍ଜିନିବେଶ ସମେତ ଏହି ରଣନୀତିକୁ କାର୍ଯ୍ୟକାରୀ କରିବାରେ ସରକାରଙ୍କ ନିରନ୍ତର ସହଯୋଗକୁ ମୁଁ ପ୍ରଶଂସା କରୁଛି। ଏହି ଅଭିବୃଦ୍ଧି ଭାରତରେ ଷ୍ଟେନଲେସ୍ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଉଭୟ କ୍ଷମତା ଏବଂ ସାମର୍ଥ୍ୟ ଦୃଷ୍ଟିରୁ କ୍ରମାଗତ ଅଗ୍ରଗତିର ଫଳ ଅଟେ। ଯାହା ରାଷ୍ଟ୍ର ନିର୍ମାଣରେ ମେଟାଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଛି ଏବଂ ଭାରତକୁ ଏହାର ୨୦୪୭ ସୁଦ୍ଧା ଆତ୍ମନିର୍ଭର ଏବଂ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଛି । ୨୦୨୫ ଆର୍ଥିକ ବର୍ଷରେ ଭାରତୀୟ ଷ୍ଟେନଲେସ୍ ଷ୍ଟିଲ ଶିଳ୍ପରେ ଘରୋଇ ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା, ଯାହା ମେକ୍ ଇନ୍ ଇଣ୍ଡିଆ ଭଳି ସରକାରୀ ପଦକ୍ଷେପ ଏବଂ ଅନ୍ତିମ ବ୍ୟବହାର ପ୍ରୟୋଗ ସମ୍ପ୍ରସାରଣ ଯୋଗୁଁ ହୋଇଥିଲା । ୨୦୪୭ ସୁଦ୍ଧା ଭାରତ ୪୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଥିବା ବେଳେ ସବୁଜ ଶକ୍ତି, ଇଥାନଲ୍, ଜଳ ସଂରକ୍ଷଣ, ପ୍ରତିରକ୍ଷା ଏବଂ ଏରୋସ୍ପେସ୍ କ୍ଷେତ୍ରରେ ପ୍ରୟୋଗ ବୃଦ୍ଧି ଯୋଗୁଁ ୨୦୪୦ ଆର୍ଥିକ ବର୍ଷ ସୁଦ୍ଧା ଷ୍ଟେନଲେସ୍ ଷ୍ଟିଲ୍ ବ୍ୟବହାର ୧୨.୫-୧୨.୭ ମେଟ୍ରିକ୍ ଟନ୍ ଏବଂ ୨୦୪୭ ଆର୍ଥିକ ବର୍ଷ ସୁଦ୍ଧା ୧୯-୨୦ ମେଟ୍ରିକ୍ ଟନ୍କୁ ବୃଦ୍ଧି ହେବ ବୋଲି ଆଇଏସ୍ଏସ୍ଡିଏ ଆକଳନ କରିଛି।



# ଉତ୍କଳ ବିଲଡ଼ର୍ସର ୩୫ତମ ଗୌରବମୟ ବର୍ଷ : ୬ରୁ 'ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ନିଭାଲ୍'

**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ୩୫ ବର୍ଷର ଅଟଳ ବିଶ୍ୱାସ, ଅଗ୍ରଣୀ ପ୍ରକଳ୍ପ ଏବଂ ସ୍ଥାପତ୍ୟ ଉତ୍କର୍ଷତା ପାଳନ ଅବସରରେ, ଉତ୍କଳ ବିଲଡ଼ର୍ସ ୬ରୁ ୮ ଜୁନ୍ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ହୋଟେଲ ଲାଇଫରେ ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ଣ୍ଣିଭାଲ ଆରମ୍ଭ କରିଅଛି। ଏହି ତିନି ଦିନିଆ କାର୍ଯ୍ୟକ୍ରମ 'ଉତ୍କଳ'ର ଯାତ୍ରାର ଭିନ୍ନ ଏକ ମାଇଲଖୁଣ୍ଟ ଯାହା - ପ୍ରଥମ ଥର ପାଇଁ ପ୍ରିମିୟମ୍ ଆବାସିକ ଆପାର୍ଟମେଣ୍ଟ, ଉଚ୍ଚ ସମ୍ଭାବନା ଥିବା ବାଣିଜ୍ୟିକ କାର୍ଯ୍ୟାଳୟ ଏବଂ ଦୋକାନ ଗୃହକୁ ଗୋଟିଏ ଛାତ ତଳେ ଏକତ୍ରିତ କରିବ। ଆଗ୍ରହୀ ଗ୍ରାହକମାନେ ସ୍ୱତନ୍ତ୍ର ସ୍ପଟ୍ ଅଫର୍, ଆଶ୍ଚର୍ଯ୍ୟଜନକ ଉପହାର ଓ ଆକର୍ଷଣୀୟ ସୁବିଧା ନେଇ ଓଡିଶାର ସବୁଠାରୁ ସମ୍ମିତ ଡେଭଲପର ଦ୍ୱାରା ପ୍ରସ୍ତୁତ ସମିତିର ମାଲିକ ହୋଇପାରିବେ। ଗତ ସାଢ଼େ ତିନି ଦଶନ୍ଧି ଧରି ଉତ୍କଳ ତାର ଗୁଣବତ୍ତା, ସ୍ଥିରତା, ବିଶ୍ୱସନୀୟତା ପାଇଁ ଗ୍ରାହକ ମହଲରେ ପ୍ରସିଦ୍ଧି ଲାଭ କରିଛି। ଉତ୍କଳ ବିଲଡ଼ର୍ସର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କୁହନ୍ତି ଏହି କାର୍ନିଭାଲ୍ ସେହି ଅତୁଟ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ଏବଂ ଭବିଷ୍ୟତ ପାଇଁ ଏକ ନିମନ୍ତ୍ରଣୟ ଭୁବନେଶ୍ୱରରେ ଉତ୍କଳ ଦ୍ୱାର ପ୍ରସ୍ତୁତ ଅନେକ ଗୁଡ଼ିଏ ଆବାସିକ ଏବଂ ବାଣିଜ୍ୟିକ ପ୍ରକଳ୍ପ ବର୍ତ୍ତମାନ ସମାପ୍ତ ହୋଇ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବ। ଆମେ ଉପଭୋକ୍ତାମାନଙ୍କ ପାଇଁ ଏକ ବିଶ୍ୱସନୀୟ ଏବଂ ବିରଳ ଓ୍ୱିଣ୍ଡୋ ସୃଷ୍ଟି କରିବା ପାଇଁ ସଫଳ ହୋଇପାରିଛୁ ବୋଲି ସଂସ୍ଥାର ଅନ୍ୟତମ ନିର୍ଦ୍ଦେଶକ ଅମିତ ବୈଦ କହିଛନ୍ତି। ଘୋଷଣା ପରଠାରୁ ଚମତ୍କାର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହା ପ୍ରକୃତରେ ଆଗରୁ କେବେ ଦେଖାଯାଇନି। ଏହ ଉପଭୋକ୍ତମାନଙ୍କ ପାଇଁ ନିବେଶର ପ୍ରକୃଷ୍ଟ ସମୟ। ଏହି ଅବସରରେ ଉତ୍କଳ ବିଲଡ଼ର ପକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତିର ସୁଯୋଗ ରହିଛି।




# ରୁଷକୁ ରୋକିବାକୁ ଆମେରିକା ଟାର୍ଗେଟ୍‌ରେ ଭାରତ : ୫୦୦% ଶୁଳ୍କ ଲଗାଇବାକୁ ଧମକ

**ନୂଆଦିଲ୍ଲୀ,(ହି.ସ):** ୟୁକ୍ରେନ୍ ବିରୋଧରେ ରଷର ଆକ୍ରମଣ ରୋକିବାକୁ ହେଲେ ପ୍ରଥମେ କ୍ରିମ୍ଲିନ୍‌କୁ ପାଣ୍ଠି ଶୂନ୍ୟ କରିବାକୁ ହେବ। ଏଥିପାଇଁ ଭାରତକୁ ଅଟକାଇବାକୁ ପଡ଼ିବ। ଯାହାଫଳରେ ରଷକୁ ରୋକିବାକୁ ଆମେରିକା ଟାର୍ଗେଟ୍‌ରେ ଭାରତ ରହିଛି। ଏହି ଚିନ୍ତାଧାରା ସହିତ ଆମେରିକା ବର୍ତ୍ତମାନ ଭାରତ ଉପରେ ପ୍ରତିବନ୍ଧକ ଲଗାଇବାକୁ ଯୋଜନା କରୁଛି। ରଷଠାରୁ ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣିଲେ ଭାରତ ଉପରେ ୫୦୦% ଶୁଳ୍କ ଲାଗିବ। ଏହି ଧମକ ଏବେ ଦେଉଛି ଆମେରିକା। ଆମେରିକାର ସାଂସଦ ରିଚର୍ଡ ବ୍ଲୁମେନ୍‌ଥାଲ ଏହି ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ସପ୍ତାହରେ ଏହା ଉପରେ ଆଲୋଚନା ହୋଇପାରେ। ସେପଟେ ଭାରତରୁ ଇସ୍ପାତ ଆମଦାନୀ ଉପରେ ମଧ୍ୟ ଟ୍ରମ୍ପ ସରକାରଙ୍କ ୫୦% ଶୁଳ୍କ ବୃଦ୍ଧି ଭାରତୀୟ ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି। ରଷ ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ନେଉନି। ଯୁଦ୍ଧ ବନ୍ଦ କରି ବାହାବା ନେବାକୁ ଚାହୁଁଥିବା ଆମେରିକାର ଉଦ୍ଦେଶ୍ୟ ପୂରା ହୋଇପାରୁନି। ତେଣୁ ଔଷଧ ରାଗରେ ତାଟିଆ କାମୁଡ଼ିବା ଭଳି ଏବେ ଆମେରିକା ଭାରତ ଉପରେ ଟାର୍ଗେଟ୍ କରୁଛି। ଭାରତ ରଷଠାରୁ ତେଲ, ପେଟ୍ରୋଲ କିମ୍ବା ପେଟ୍ରୋକେମିକାଲ୍ସ କିଣୁଛି, ଆଉ ଏହି ଅର୍ଥରେ ରଷ ବଳିଆନ ହେଉଛି ବୋଲି ଆମେରିକା ଭାବୁଛି। ତେଣୁ ଭାରତକୁ ଅଟକାଇବାକୁ ଶୁଳ୍କକୁ ଅସ୍ତ୍ର କରିଛି ଆମେରିକା। ରଷଠାରୁ ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣିଲେ ୫୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି ଆମେରିକା ସାଂସଦ ରିଚର୍ଡ ବ୍ଲୁମେନ୍‌ଥାଲ। ବିଶେଷ କରି ଚୀନ ଓ ଭାରତ ଉପରେ ଚାପ ପକାଇବାକୁ ସେ ଏପରି କହିଛନ୍ତି। ତେବେ ଏପ୍ରିଲରେ ଆମେରିକା ସାଂସଦ ଲିଣ୍ଡସେ ଗ୍ରାହାମଙ୍କ ଦ୍ୱାରା ଏକ ଦ୍ୱିପାକ୍ଷିକ ପ୍ରତିବନ୍ଧକ ବିଲ୍ ଆଗତ ହୋଇଥିଲା। ଯେଉଁଥିରେ ବ୍ଲୁମେନ୍‌ଥାଲ ୫୦୦ % ଶୁଳ୍କ ପ୍ରସ୍ତାବ ଦେଇଥିଲେ। ଆସନ୍ତା ସପ୍ତାହରେ ଏହି ବିଲ୍ ଉପରେ ଆଲୋଚନା ହୋଇପାରେ। ଭାରତ ଓ ଚୀନ ରଷଠାରୁ ୭୯% ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣୁଛି। ପ୍ରତିବନ୍ଧକ ସତ୍ତ୍ୱେ ବି ଭାରତ ମେ ମାସରେ ରଷ ଠାରୁ ୧୯ ଲକ୍ଷ ୬୦ ହଜାର ବ୍ୟାରେଲ ଆଶୋଧଳତ ତେଲ କିଣିଛି। ଅପରପକ୍ଷେ ଇସ୍ପାତ ଓ ଆଲୁମିନିୟମ ଆମଦାନୀ ଉପରେ ଟ୍ରମ୍ପ ୫୦% ଶୁଳ୍କ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି, ଯାହାକୁ ଭାରତ ବିରୋଧ କରିଛି।



# ଭାରତରେ ତିଆରି ହେବ ରାଫେଲ୍: ଟାଟା-ଡାସଲଟ୍ ସହ ବୁଝାମଣା



**ନୂଆଦିଲ୍ଲୀ,(ହି.ସ):** ଫ୍ରାନ୍ସର ଅଗ୍ରଣୀ ପ୍ରତିରକ୍ଷା କମ୍ପାନୀ ଡାସଲଟ ଆଭିଏସନ୍ ଏବଂ ଭାରତର ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଲିମିଟେଡ୍ (ଟିଏଏସଏଲ୍) ରାଫେଲ୍ ଲଢୁଆ ବିମାନ ନିର୍ମାଣ ପାଇଁ ଚାରୋଟି ଉତ୍ପାଦନ ସ୍ଥାନାନ୍ତର ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହା ଅଧୀନରେ, ରାଫେଲ୍ ଜେଟ୍‌ର ସମ୍ପୂର୍ଣ୍ଣ ଫ୍ୟୁଜଲେଜ୍ (ବିମାନର ମୁଖ୍ୟବଡି) ଏବେ ଭାରତରେ ହିଁ ନିର୍ମିତ ହେବ। ଏହି ଚୁକ୍ତି ଦେଶର ପ୍ରତିରକ୍ଷା ଉତ୍ପାଦନ କ୍ଷମତାକୁ ମଜବୁତ କରିବା ସହିତ ଭାରତକୁ ବିଶ୍ୱ ମହାକାଶ ଯୋଗାଣ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ କରିପାରିବ। ଏହି ସହଭାଗୀତା ଅଧୀନରେ, ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ହାଇଦ୍ରାବାଦରେ ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ସ୍ଥାପନ କରିବ, ଯେଉଁଠାରେ ରାଫେଲ୍ ବିମାନର ପ୍ରମୁଖ ଅଂଶ- ଯେପରିକି ପଛ ଫ୍ୟୁଜେଲେଜର ପାର୍ଶ୍ୱ ସେଲ୍, ସମ୍ପୂର୍ଣ୍ଣ ପଛ ଅଂଶ, କେନ୍ଦ୍ରୀୟ ଫ୍ୟୁଜେଲେଜ୍ ଏବଂ ସମ୍ମୁଖ ଅଂଶ ନିର୍ମିତ ହେବ। ଡାସଲଟ୍ ଆଭିଏସନ୍ ଷ୍ଟକ୍ ଏକ୍ସଚେଞ୍ଜକୁ ଏକ ବିବୃତ୍ତିରେ କହିଛି, ଏହି କାରଖାନା ଭାରତର ମହାକାଶ ଭିତ୍ତିଭୂମିରେ ଏକ ପ୍ରମୁଖ ନିବେଶ ଏବଂ ହାଇ-ପ୍ରିସିସନ ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ଏହି ପ୍ଲାଣ୍ଟରେ ଫ୍ୟୁଜଲେଜ୍ ନିର୍ମାଣ ଆର୍ଥିକ ବର୍ଷ ୨୦୨୮ରୁ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ପ୍ରାରମ୍ଭରେ, ପ୍ରତି ମାସରେ ଦୁଇଟି ସମ୍ପୂର୍ଣ୍ଣ ଫ୍ୟୁଜଲେଜ୍ ଆସେମ୍ବିଲ ଲାଇନରୁ ଗଡ଼ିପାରିବ। ଏହା ପ୍ରଥମ ଥର ହେବ ଯେ ରାଫେଲର ଗଠନ ଫ୍ରାନ୍ସ ବାହାରେ କୌଣସି ସ୍ଥାନରେ ନିର୍ମାଣ କରାଯିବ।

# ୧୨ଟି ଦେଶର ନାଗରିକଙ୍କୁ ଆମେରିକା ପ୍ରବେଶ ମନା : ଟ୍ରମ୍ପଙ୍କ କଡ଼ା ନିଷ୍ପତ୍ତି

**ୱାଶିଂଟନ,(ହି.ସ):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ନିଷ୍ପତ୍ତି ନେଇ ୧୨ଟି ଦେଶକୁ ବିପଦପୂର୍ଣ୍ଣ ବର୍ଗରେ ରଖିବାକୁ ଘୋଷଣା କରିଛନ୍ତି। ଏପରି ଦେଶର ନାଗରିକମାନଙ୍କୁ ଆମେରିକାରେ ପ୍ରବେଶ ମିଳିବ ନାହିଁ। ଭାରତର ଦୁଇଟି ପଡ଼ୋଶୀ ଦେଶକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେଉଁ ୧୨ଟି ଦେଶରେ ପୂର୍ଣ୍ଣ ପ୍ରବେଶ ପ୍ରତିବନ୍ଧକ ଲଗାଇଛନ୍ତି ସେହି ୧୨ଟି ଦେଶର ମଧ୍ୟରେ ଆଫଗାନିସ୍ତାନ ଏବଂ ମିଆଁମାର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଇରାନ ଏବଂ ଲିବିଆ ଭଳି ଦେଶ ପାଇଁ ଏକ ନୋ ଏଣ୍ଟ୍ରି ବୋର୍ଡ ମଧ୍ୟ ଲଗାଯାଇଛି। ଏହି ୧୨ଟି ଦେଶର ତାଲିକାରେ ଚାଡ୍, କଙ୍ଗୋ ଗଣରାଜ୍ୟ, ଇକ୍ୱାଟୋରିଆଲ୍ ଗିନି, ଏରିଟ୍ରିୟା, ହୈତି, ଇରାନ, ଲିବିଆ, ସୁଦାନ ଏବଂ ୟେମେନର ନାଗରିକ ମଧ୍ୟ ଅନ୍ତର୍ଭୁକ୍ତ। ଅନ୍ୟ ସାତଟି ଦେଶ ଉପରେ ଆଂଶିକ ପ୍ରତିବନ୍ଧକ ଲଗାଯାଇଥିବା ବେଳେ ଏଥିରେ ବୁରୁଣ୍ଡି, କ୍ୟୁବା, ଲାଓସ୍, ସିଏରା ଲିଓନ୍, ଟୋଗୋ, ତୁର୍କମେନିସ୍ତାନ ଏବଂ ଭେନେଜୁଏଲା ଅନ୍ତର୍ଭୁକ୍ତ। ଏହି ୧୨ଟି ଦେଶକୁ ଉଚ୍ଚ ବିପଦପୂର୍ଣ୍ଣ ଦେଶ ବର୍ଗରେ ରଖାଯାଇଛି। ଏହା ପଛରେ ଦିଆଯାଇଥିବା କାରଣ ହେଉଛି ଏହି ଦେଶର ନାଗରିକଙ୍କ ବିଷୟରେ ପର୍ଯ୍ୟାପ୍ତ ତଦନ୍ତ କିମ୍ବା ସୂଚନାର ଅଭାବ। ଆତଙ୍କବାଦ ସହିତ ଲିଙ୍କ୍ ଏବଂ ଆମେରିକୀୟ ଏଜେନ୍ସିଗୁଡ଼ିକ ସହିତ ଅସହଯୋଗ ଅଭିଯୋଗ ରହିଛି। ଯେଉଁ ଦେଶଗୁଡ଼ିକ ଉପରେ ଆଂଶିକ ପ୍ରତିବନ୍ଧକ ଲଗାଯାଇଛି, ସେହି ଦେଶର ନାଗରିକମାନଙ୍କୁ ବି-୧, ବି-୨ ଭଳି ଉଚ୍ଚ ବର୍ଗର ଭିସା ଦିଆଯିବ ନାହିଁ। ଏଥିରେ ଦୀର୍ଘ ସମୟ ଧରି ଆମେରିକାରେ ରହିବା ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟର ଅଭାବ ଅନ୍ତର୍ଭୁକ୍ତ। ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ (ହ୍ୱାଇଟ୍ ହାଉସ୍) ଏହି ଦେଶଗୁଡ଼ିକ ଉପରେ ପ୍ରତିବନ୍ଧକକୁ ଯଥାର୍ଥ ଦର୍ଶାଇ କହିଛି ଯେ ଆଫଗାନିସ୍ତାନ ତାଲିବାନ ନିୟନ୍ତ୍ରଣରେ ଅଛି ଏବଂ ସେଠାକାର ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଇରାନ ଏବଂ କ୍ୟୁବା ମଧ୍ୟ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଦେଶମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ। ହାଇତି ଏବଂ ଚାଡ୍ ଭଳି ଦେଶଗୁଡ଼ିକରୁ ଆମେରିକାରେ ବଡ଼ ଧରଣର ଅବୈଧ ଅନୁପ୍ରବେଶର ଅଭିଯୋଗ ଆସୁଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯାତ୍ରା ପ୍ରତିବନ୍ଧକକୁ ଯଥାର୍ଥ ବୋଲି କହି କହିଛନ୍ତି ଏବଂ କହିଛନ୍ତି ଯେ ମୌଳବାଦୀ ଇସଲାମିକ୍ ଆତଙ୍କବାଦୀମାନଙ୍କୁ ଆମେରିକାରୁ ଦୂରରେ ରଖିବା ଆବଶ୍ୟକ। ସୁପ୍ରିମକୋର୍ଟ ମଧ୍ୟ ଏପରି ପ୍ରତିବନ୍ଧକକୁ ଯଥାର୍ଥ ବୋଲି ବିବେଚନା କରିଛନ୍ତି। ପୂର୍ବରୁ ମଧ୍ୟ ଏହି ଦେଶଗୁଡ଼ିକର ସନ୍ଦିଗ୍ଧ ନାଗରିକଙ୍କ ପୃଷ୍ଠଭୂମି ଯାଞ୍ଚ କରିବାରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସହଯୋଗର ଅଭାବରୁ ଏପରି ପ୍ରତିବନ୍ଧକ ଲଗାଯାଇଛି। ସୁପ୍ରିମକୋର୍ଟ ଯାତ୍ରା ପ୍ରତିବନ୍ଧକକୁ ଯଥାର୍ଥ କରିଛନ୍ତି। ତାଙ୍କର ମତ ହେଉଛି ଯେ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କର ଏପରି ପ୍ରତିବନ୍ଧକ ଲଗାଇବାର ଅଧିକାର ଅଛି। ଏହା ଉଲ୍ଲେଖନୀୟ ଯେ ଡୋନାଲ୍ଡ ଟ୍ରମ୍ପ ଅବୈଧ ଅନୁପ୍ରବେଶ କିମ୍ବା ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଦେଶଗୁଡ଼ିକ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଟ୍ରମ୍ପ ସରକାର ଆମେରିକୀୟ ସୀମାରେ ଏକ ପ୍ରାଚୀର ନିର୍ମାଣ କରିବାକୁ ମଧ୍ୟ ଘୋଷଣା କରିଥିଲେ। ପାକିସ୍ତାନ-ଆଫଗାନିସ୍ତାନ, ଇରାନ ଭଳି ଦେଶ ବିରୋଧରେ ତାଙ୍କର ମତ କଠୋର ରହିଛି।

# ଅଯୋଧ୍ୟା ରାମ ଦରବାରରେ ସ୍ଥାପନା ହେଲା ଶ୍ରୀରାମ, ମା' ସୀତା, ହନୁମାନଙ୍କ ବିଗ୍ରହ



**ଉତ୍ତରପ୍ରଦେଶ,(ହି.ସ.):** ବିରାଜିଲେ ଶ୍ରୀରାମ। ଅଯୋଧ୍ୟାରେ ରାମ ଦରବାରରେ ପ୍ରାଣ ପ୍ରତିଷ୍ଠା। ସ୍ଥାପନା ହେଲେ ଶ୍ରୀରାମ, ମା' ସୀତା, ହନୁମାନଙ୍କ ସମେତ ୩ ଭାଇଙ୍କ ବିଗ୍ରହ। ରାମନାମରେ ଗୁଞ୍ଜରିତ ଚତୁର୍ଦ୍ଦିଗ। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଭକ୍ତ ପ୍ରଭୁ ଶ୍ରୀରାମ ଓ ମାଆ ସୀତାଙ୍କ ପ୍ରଥମ ଝଲକର ଦିବ୍ୟ ଦର୍ଶନ କରିଛନ୍ତି। ଶ୍ରୀରାମ, ମାଆ ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଛି। ପାଖରେ ଅଛନ୍ତି ଭାଇ ଭରତ ଓ ଶତ୍ରୁଘ୍ନ। ଅଯୋଧ୍ୟାରେ ରାମଲାଲାଙ୍କ ପରେ, ଏବେ ରାମ ଦରବାର ମଧ୍ୟ ସମ୍ପୂର୍ଣ୍ଣ ସଜାଯାଇଛି ଏବଂ ପ୍ରାଣ ପ୍ରତିଷ୍ଠା ସମାରୋହର ପ୍ରଥମ ଫଟୋ ଆସିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମ ଦରବାରର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଛନ୍ତି ଏବଂ ବିଗ୍ରହମାନଙ୍କ ଦିବ୍ୟ ଦର୍ଶନ କରିଛନ୍ତି। ଦ୍ୱିତୀୟ ପ୍ରାଣ ପ୍ରତିଷ୍ଠା ସମୟରେ, ପ୍ରଭୁ ରାମଙ୍କୁ ରାଜା ଭାବରେ ପ୍ରତିଷ୍ଠିତ କରାଯାଇଛି। ବୁଧବାର ରାମ ମନ୍ଦିରରେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏଥିରେ ରାମ ଦରବାର, ଶିବ, ଶେଷାବତାର, ମା' ଅନ୍ନପୂର୍ଣ୍ଣା, ମା' ଦୁର୍ଗା, ପ୍ରଭୁ ସୂର୍ଯ୍ୟ ଦେବ, ଗଣେଶ ଜୀ ଏବଂ ବଜରଙ୍ଗବଳୀ ସମେତ ୮ଦେବତାଙ୍କ ଉତ୍ସବମୁଖୀ ପ୍ରତିମା ରାମଲଲ୍ଲାଙ୍କୁ ଦେଖାଯାଇଥିଲା। ସମସ୍ତଙ୍କୁ ମଖମଲ ଚାଦରରେ ଆଚ୍ଛାଦିତ ଏକ ପାଲିଙ୍କିରେ ପରିଭ୍ରମଣ କରାଯାଇଥିଲା।

## ବିଶ୍ୱ ପରିବେଶ ଦିବସରେ ଚାରା ରୋପଣ କଲେ ରାଜ୍ୟପାଳ

# ପରିବେଶର ଯତ୍ନ ନେବା ଏବଂ ସୁରକ୍ଷା ଦେବା ସମସ୍ତଙ୍କର ଦାୟିତ୍ୱ ହେଉ: ରାଜ୍ୟପାଳ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ପରିବେଶର ଯତ୍ନ ନେବା ଏବଂ ସୁରକ୍ଷା ଦେବା ସମସ୍ତଙ୍କର ଦାୟିତ୍ୱ ହେଉ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ଜୁନ ୫ ତାରିଖ ଦିନ ବିଶ୍ୱ ପରିବେଶ ଦିବସରେ ରାଜଭବନ ପରିସରରେ ଚାରା ରୋପଣ କରିବା ଅବସରରେ ଏକ ବାର୍ତ୍ତାରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱ ପରିବେଶ ଦିବସ ବିଶ୍ୱରେ ଜୀବଜନ୍ତୁଙ୍କର ଜୀବନ ଧାରଣ ପାଇଁ ପରିବେଶର ଯତ୍ନ ଓ ସୁରକ୍ଷା ପ୍ରସଙ୍ଗ ସ୍ମରଣ କରାଇଦିଏ। ଏହି ଦିବସ ପାଳନ କେବଳ ସଚେତନତାର ପ୍ରଚାର ପ୍ରସାର କରିବାରେ ସୀମିତ ନୁହେଁ, ବରଂ ପ୍ରତ୍ୟେକ ବ୍ୟକ୍ତି, ଗୋଷ୍ଠୀ ଏବଂ ଅନୁଷ୍ଠାନ ଏକ ସୁସ୍ଥ ଏବଂ ସବୁଜ ପୃଥିବୀ ଗଠନ ପାଇଁ କାମ କରିବାକୁ ଆହ୍ୱାନ ଜଣାଇଥାଏ। ଆମର ଜୀବନ ପ୍ରକୃତି ସହିତ ଗଭୀର ଭାବେ ଜଡିତ। ଆମ ପାଇଁ ଏବଂ ଆଗାମୀ ପିଢି ପାଇଁ ପରିବେଶ ସନ୍ତୁଳନ ରକ୍ଷା କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ହେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ ପୁଣି କହିଛନ୍ତି ଯେ, ଆମେ ଗଛ ଲଗାଇବା, ଜଳ ସଂରକ୍ଷଣ କରିବା, ପ୍ରଦୂଷଣ ହ୍ରାସ କରିବା ଏବଂ ଦୈନନ୍ଦିନ ଜୀବନରେ ଅଧିକ ପରିବେଶ ଅନୁକୂଳ ଅଭ୍ୟାସକୁ ଗ୍ରହଣ କରି ଆମର ପ୍ରତିବଦ୍ଧତା ଦେଖାଇ ପାରିବା। ବିଶେଷକରି ବୃକ୍ଷରାଜି ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ବୃକ୍ଷରାଜି ଜଳବାୟୁକୁ ଶୁଦ୍ଧ କରନ୍ତି, ନିୟନ୍ତ୍ରଣ କରନ୍ତି ଏବଂ ବିବିଧ ଇକୋ ସିଷ୍ଟମ୍‌କୁ ବଜାୟ ରଖିବାରେ ବୃକ୍ଷରାଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତ ବର୍ଷର ଶୀର୍ଷକ "ପ୍ଲାଷ୍ଟିକ ପ୍ରଦୂଷଣ ସମାପ୍ତ କରିବା" ରହିଥିବାରୁ ଏହାକୁ ଆଧାର କରି ଏକ ସ୍ୱଚ୍ଛ ଓ ସବୁଜ ପୃଥିବୀ ଗଠନ ପାଇଁ ଅର୍ଥପୂର୍ଣ୍ଣ ପଦକ୍ଷେପ ନେବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ରାଜଭବନରେ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ଓଡିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି ମଧ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜଭବନର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ସଦସ୍ୟ ବିଶ୍ୱଜିତ ମହାନ୍ତିଙ୍କ ଶପଥ ଗ୍ରହଣ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଗୁରୁବାର ପୂର୍ବାହ୍ନରେ ଶୈଳଶ୍ରୀ ବିହାରସ୍ଥିତ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ କାର୍ଯ୍ୟାଳୟରେ ବିଶ୍ୱଜିତ ମହାନ୍ତି ସଦସ୍ୟ ରୂପେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଅଧକ୍ଷ ପ୍ରଦୀପ କୁମାର ଜେନା ଶ୍ରୀ ମହାନ୍ତିଙ୍କୁ ପଦ ଓ ଗୋପାନୀୟତାର ଶପଥ ପାଠ କରାଇଥିଲେ। ଏହି ଶପଥ ଗ୍ରହଣ ସମାରୋହରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଅନ୍ୟ ସଦସ୍ୟଙ୍କ ସହିତ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଓପିଟିସିଏଲ ନିର୍ଦ୍ଦେଶକ ବିବି ମେହତା, ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଏମଡି ଗ୍ରୀଡ୍‌କୋ ତ୍ରିଲୋଚନ ପଣ୍ଡା, ଓଏଚପିସି ଡ଼ାଇରେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ ଖୁବଶୀଘ୍ର ଖୋଲିବ ୫୦୦ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଅଧୀନରେ ୫୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମୂଳପତ୍ର ଆଗାମୀ ସପ୍ତାହରେ ଓଡ଼ିଶାରେ ସ୍ଥାପନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋନ୍ଦ ସୂଚନା ଦେଇଛନ୍ତି। ଓଡ଼ିଶାରେ ଭାଜପା ସରକାରର ଏକ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୁନ୍ ୧୨ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଅଧୀନରେ ୫୦୦ ବିଦ୍ୟାଳୟର ମୂଳପତ୍ର ସ୍ଥାପନ କରିବେ। ମନ୍ତ୍ରୀ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ରାଜ୍ୟରେ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ୨୦୨୫-୨୬ ବାର୍ଷିକ ବଜେଟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୨,୯୬୦ କୋଟି ଟଙ୍କା ବରାଦ କରିଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ହେଉଛି ଓଡ଼ିଶା ସରକାରଙ୍କର ଏକ ଉଦ୍ୟମ, ଯାହା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏକ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ସରକାର ଏହି ଯୋଜନା ଅଧୀନରେ ପ୍ରାୟ ୬,୮୦୦ ରାଜ୍ୟ ପରିଚାଳିତ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ଉନ୍ନୀତ କରିବାକୁ ଯୋଜନା କରୁଛନ୍ତି। ନିଷ୍ପତ୍ତି ଅନୁଯାୟୀ, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୬,୭୯୪ ଗ୍ରାମ ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯିବ।

## ଧୀରେ ଧୀରେ କାୟା ବିସ୍ତାର କରୁଛି କୋଭିଡ୍

ଭୁବନେଶ୍ୱର, (ଡିକେ ନ୍ୟୁଜ୍): କୋଭିଡ୍ ଧୀରେ ଧୀରେ ତାର କାୟା ବିସ୍ତାର କରୁଛି। ଏହାକୁ ଆଖିଆଗରେ ରଖି ଛାତ୍ର ଏବଂ ଶିକ୍ଷକ ଓ କର୍ମଚାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଗ୍ରୀଷ୍ମ ଛୁଟି ପରେ ସ୍କୁଲଗୁଡ଼ିକରେ ରାଜ୍ୟ ସରକାର ସୁରକ୍ଷା ପ୍ରୋଟୋକଲ୍ ଆରମ୍ଭ କରିବେ। ସ୍କୁଲଗୁଡ଼ିକ ପୁଣି ଆରମ୍ଭ ହେବା ପରେ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ କୋଭିଡ୍-୧୯ ସୁରକ୍ଷା ବ୍ୟବସ୍ଥା ପାଳନ କରିବାକୁ ପଡିବ ଓ ସମସ୍ତଙ୍କୁ ସତର୍କ ରହିବାକୁ ପଡିବ। ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଆମର ପ୍ରଥମ ଓ ପ୍ରାଥମିକତା ବୋଲି ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି। ଥଣ୍ଡା ଭଳି ଲକ୍ଷଣ ଥିବା ଛାତ୍ରଛାତ୍ରୀମାନଙ୍କୁ ସ୍କୁଲରେ ମାସ୍କ ପିନ୍ଧିବାକୁ କୁହାଯିବ। ସେହିପରି ଅଧିକ ଗୁରୁତର ଲକ୍ଷଣ ଥିବା ଛାତ୍ରଛାତ୍ରୀମାନଙ୍କୁ ଘରେ ରହିବା ଏବଂ ଅଲଗା ରହିବାକୁ ପରାମର୍ଶ ଦିଆଯିବ। ସ୍ୱାସ୍ଥ୍ୟ ବିଭାଗର ସମସ୍ତ କୋଭିଡ୍-୧୯ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବୁ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

## ବିଶ୍ୱ ପରିବେଶ ଦିବସ: ପ୍ଲାଷ୍ଟିକ୍ ମୁକ୍ତ କ୍ୟାମ୍ପସ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତିବଦ୍ଧ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଏବଂ ଗବେଷଣା ଓ ବିକାଶ ସେଲ୍ ଦ୍ୱାରା ମିଳିତ ଭାବରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ପ୍ଲାଟିକ୍ ପ୍ରଦୂଷଣର ଅନ୍ତ ଘଟାଇବା' ଶୀର୍ଷକରେ ସ୍ନାତକୋତ୍ତର ପରିଷଦର ସଭାଗୃହରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ତଥା ଓୟୁଏଟିର ପୂର୍ବତନ ଅଧ୍ୟାପକ ଏବଂ ଓପିଏସ୍‌ସିର ସଦସ୍ୟ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ମାଇକ୍ରୋପ୍ଲାଷ୍ଟିକର ବୃଦ୍ଧି ପାଉଥିବା ଉତ୍ପାଦନ ଏବଂ ପ୍ରସାର ଉପରେ ଚିନ୍ତା ପ୍ରକାଶ କରିଥିଲେ। ସେ ଏକ ବର୍ଷରେ ବିଶ୍ୱବ୍ୟାପୀ ଉତ୍ପାଦିତ ୪୦୦ ନିୟୁତ ଟନ୍ ପ୍ଲାଷ୍ଟିକର ସ୍ଥାୟୀ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବଦଳରେ ବିକଳ୍ପ ବାଛିବା ସହ ପରିବେଶ ଅନୁକୂଳ ଉପକରଣ ଗ୍ରହଣ କରିବା ପାଇଁ ସେ ମତ ରଖିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ଯୋଗଦେଇ, କୁଳପତି ପ୍ରଫେସର ଜଗନ୍ନେଶ୍ୱର ଦଣ୍ଡପାଟ ଏକ ପ୍ଲାଷ୍ଟିକ୍ ମୁକ୍ତ କ୍ୟାମ୍ପସ ପାଇଁ ଆହ୍ୱାନ ଦେଇଥିଲେ। ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ଦ୍ୱାରା ହେଉଥିବା ପ୍ରଦୂଷଣକୁ ହ୍ରାସ କରିବା ପାଇଁ ଭାରତ ସରକାର ଦୃଢ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ଲାଷ୍ଟିକର କ୍ଷତିକାରକ ପ୍ରଭାବ ବିଷୟରେ ଅଧିକାଂଶ ଲୋକ ଅବଗତ ଥିଲେ ମଧ ଏହାକୁ ରୋକିବା ପାଇଁ ପ୍ରୟାସ ବଦଳରେ ଏହାର ବ୍ୟବହାର ଜାରି ରହିଛି। ଆମ ପରିବେଶ ଉପରେ ଏହାର ଖରାପ ପ୍ରଭାବ ପଡୁଛି। ତେଣୁ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ସହ ଏ ଦିଗରେ ସମସ୍ତେ ପଦକ୍ଷେପ ନେବା ଉଚିତ ବୋଲି ସେ କହିଥିଲେ। ଏହି ବିପଦକୁ ରୋକିବା ପାଇଁ, ଆମକୁ ପରିସଂସ୍ଥାକୁ ରକ୍ଷା କରିବା ପାଇଁ କଠିନ ପ୍ରୟାସ କରିବାକୁ ପଡିବ, ଗ୍ରହର ଜୈବ ବିବିଧତାକୁ ନଷ୍ଟ କରୁଥିବା ବିପଦଗୁଡ଼ିକୁ ଚିହ୍ନଟ କରିବାକୁ ପଡିବ ଏବଂ ଆମ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରୁଥିବା ସୂକ୍ଷ୍ମ-ପ୍ଲାଷ୍ଟିକ୍ ଉତ୍ସଗୁଡ଼ିକୁ ହ୍ରାସ କରିବାକୁ ପଡିବ ବୋଲି ସେ ପରାମର୍ଶ ଦେଇଥିଲେ। ଏହି ଆଲୋଚନାଚକ୍ରରେ ଅଧକ୍ଷତା କରି, ପିଜି କାଉନସିଲର ଅଧକ୍ଷା ପ୍ରଫେସର ମିତାଲି ଚିନାରା ତାଙ୍କ ସ୍ୱାଗତ ଭାଷଣରେ ୧୯୭୩ ମସିହାରେ ୟୁଏନ୍‌ଇପି ଦ୍ୱାରା ବିଶ୍ୱ ପରିବେଶ ଦିବସର ଆରମ୍ଭ ଏବଂ ଏହାପରେ ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ହୋଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଗବେଷଣା ଓ ବିକାଶ ସେଲର ନିର୍ଦ୍ଦେଶକ ପ୍ରଫେସର ଜୟଦେବ ଡିଣ୍ଡା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିବା ସହ ଆମ ଜୀବନରୁ ପ୍ଲାଷ୍ଟିକ୍ ଦୂର କରିବା ଉପରେ ମତ ରଖିଥିଲେ। ଦାୟିତ୍ୱପୂର୍ଣ୍ଣ ଆଚରଣ ମାଧ୍ୟମରେ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ମୁକାବିଲା କରିବାର ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ, ବିଶ୍ୱବିଦ୍ୟାଳୟର ଅନେକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହ ବହୁସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣର ମୁକାବିଲା କରିବା ପାଇଁ ପ୍ରଭାବଶାଳୀ କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ସହିତ ପୂର୍ବତଟ ରେଳପଥ ବିଶ୍ୱ ପରିବେଶ ଦିବସ ପାଳନ କରିଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ରେଳ ଜୋନ୍ ମଇ ମାସ ୨୨ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛି। ଯାହାର ବିଷୟବସ୍ତୁ ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା ସହିତ ସମନ୍ୱିତ। ଏହି ପଦକ୍ଷେପରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍, ୱାଲଟିୟର ଏବଂ ସମ୍ବଲପୁର ରେଳମଣ୍ଡଳରେ ବିଭିନ୍ନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଥିଲା। ଯାହା ଏକ ସ୍ୱଚ୍ଛ ପରିବେଶ ପାଇଁ ସାମୂହିକ ପ୍ରୟାସରେ ରେଳ କର୍ମଚାରୀ, ଅଧିକାରୀ, ସେମାନଙ୍କ ପରିବାର ଏବଂ ଯାତ୍ରୀମାନଙ୍କୁ ସାମିଲ କରାଯାଇଥିଲା। ପ୍ଲାଷ୍ଟିକ୍ ଅପଚୟ, ବିଶେଷକରି ଏକକ-ବ୍ୟବହୃତ ପ୍ଲାଷ୍ଟିକ୍, ପ୍ଲାଷ୍ଟିକ୍ ଅପଚୟକୁ ହ୍ରାସ, ପୁନଃବ୍ୟବହାର ଏବଂ ପୁନଃଚକ୍ରଣ ପାଇଁ ସଚେତନତା ଅଭିଯାନ, ପ୍ଲାଟଫର୍ମ, ଟ୍ରେନ ଏବଂ କାର୍ଯ୍ୟାଳୟଗୁଡ଼ିକରେ ସଚେତନତା ଅଭିଯାନ। ୫ ଜୁନରେ ବୃକ୍ଷରୋପଣରେ ଏକ ବଡ଼ ଧରଣର ସବୁଜ ଅଭିଯାନ ଆୟୋଜନ କରାଯାଇଥିଲା। ଯେଉଁଠାରେ କର୍ମଚାରୀ, ଅଧିକାରୀ ଏବଂ ବିଭାଗୀୟ ମୁଖ୍ୟମାନେ ସବୁଜ ଆଚ୍ଛାଦନ ବୃଦ୍ଧି ଏବଂ ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ରେଳ ପରିସରରେ ଚାରା ରୋପଣ କରିବାରେ ନିୟୋଜିତ ହୋଇଥିଲେ। ପିଲା ଏବଂ ପରିବାରର ଯୋଗଦାନରେ ପିଲାମାନଙ୍କୁ ନେଇ ପରିବେଶ ଅନୁକୂଳ କାର୍ଯ୍ୟକଳାପ, ଯେପରିକି ଚାରା ରୋପଣ ଏବଂ ପୁନଃଚକ୍ରିତ ସାମଗ୍ରୀରୁ କଳା, ଯାହା ପିଲା ବୟସରୁ ପରିବେଶଗତ ଦାୟିତ୍ୱ ଜାଗ୍ରତ କରିଥାଏ। ସଚେତନତା କାର୍ଯ୍ୟକଳାପରେ ପ୍ଲାଷ୍ଟିକ୍ ଅପଚୟର କ୍ଷତିକାରକ ପ୍ରଭାବ ଏବଂ ସବୁଜ ଅଭ୍ୟାସର ଲାଭ ଉପରେ ବ୍ୟାନର, ପ୍ଲାକାର୍ଡ, ପୋଷ୍ଟର ଏବଂ ସ୍ଲୋଗାନ ଷ୍ଟେସନଗୁଡ଼ିକରେ ପ୍ରଦର୍ଶିତ କରାଯାଇଥିଲା। କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟମାନେ ଏହି ଅଭିଯାନ ଚଳାଇବା ପାଇଁ ଜନସାଧାରଣଙ୍କ ସହିତ ଜଡିତ ହୋଇଥିଲେ। ପ୍ରତିଯୋଗିତା ଏବଂ ପ୍ରଚାରରେ ପରିବେଶ ସଂରକ୍ଷଣର ଗୁରୁତ୍ୱ ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରବନ୍ଧ ଲେଖା, ପୋଷ୍ଟର ତିଆରି, ନୁକ୍କଡ ନାଟକ (ପଥପ୍ରାନ୍ତ ନାଟକ) ଏବଂ କୁଇଜ୍ ଆୟୋଜନ କରାଯାଇଥିଲା। ଦେଶବ୍ୟାପୀ ଅଂଶଗ୍ରହଣରେ ଏହି ଅଭିଯାନ ଜାତୀୟ ପ୍ରୟାସ ସହିତ ସମନ୍ୱିତ, ସଫେଇ ଅଭିଯାନ, କର୍ମଶାଳା ଏବଂ ୱେବିନାର ମାଧ୍ୟମରେ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର, ନାଗରିକ ସମାଜ ଏବଂ ସ୍ଥାନୀୟ ପ୍ରତିଷ୍ଠାନଗୁଡ଼ିକୁ ସାମିଲ କରି। ତେବେ ପୂର୍ବତଟ ରେଳପଥ ପରିବେଶ ସୁରକ୍ଷା ପ୍ରତି ଏହାର ସମର୍ପଣକୁ ପୁନଃସଜାଗ କରି ଏହାର କାର୍ଯ୍ୟଗୁଡ଼ିକୁ ବିଶ୍ୱ ଏବଂ ଜାତୀୟ ପ୍ରୟାସ ସହିତ ସମନ୍ୱିତ କରୁଅଛି। ସ୍ଥିର ଏବଂ ଏକତାବଦ୍ଧ ଅଂଶଗ୍ରହଣ ମାଧ୍ୟମରେ ପୂର୍ବତଟ ରେଳପଥ ଏକ ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ଓ ଉନ୍ନତ ପରିବେଶ ଆଡ଼କୁ ଗୋଟିଏ ପାଦ ଆଗକୁ ବଢିଛି।

# ଡବଲ୍ ଇଞ୍ଜିନର ଡବଲ୍ ଉପଲବ୍ଧି

ଚଳିତ ମାସଟି ଦେଶ ଓ ରାଜ୍ୟ ପାଇଁ ଅତି ଗୁରୁତ୍ୱ ଓ ମହତ୍ୱପୂର୍ଣ୍ଣ। ଏହି ମାସରେ ଓଡ଼ିଶାରେ ପ୍ରଥମଥର ଶାସନକୁ ଆସିଥିବା ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱାଧୀନ ଡବଲ୍ ଇଞ୍ଜିନ ସରକାର ତାହାର ଏକ ବର୍ଷ ପୂରଣ କରୁଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ସେବା ଓ ସୁଶାସନକୁ ୧୧ ବର୍ଷ ପୂରଣ ହେଉଥିବା ବେଳେ ଓଡ଼ିଶାରେ ସମ୍ମାନନୀୟ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ସରକାର ଏକ ବର୍ଷର ସଙ୍କଳ୍ପ ପୁରଣ କରିବାକୁ ଯାଉଛି। ଏହା ରାଜ୍ୟବାସୀଙ୍କ ପାଇଁ ଡବଲ୍ ଖୁସି ଆଣିଦେଇଛି। ୨୦୨୪ ଓଡ଼ିଶା ପାଇଁ ଏକ ଐତିହାସିକ ବର୍ଷ ଥିଲା। ଦୀର୍ଘ ୨୪ ବର୍ଷର ବିଜୁ ଜନତା ଦଳ (ବିଜେଡି) ସରକାରକୁ ପଦଚ୍ୟୁତ କରି ବିଜେପି ଜନମତରେ ସଂଖ୍ୟାଗରିଷ୍ଠତା ହାସଲ କରି ରାଜ୍ୟରେ ଏକାକୀ ସରକାର ଗଠନ କରିବାର ଅବିସ୍ମରଣୀୟ ଉପଲବ୍ଧି ହାସଲ କରିଥିଲା। ଏଥିସହିତ ପ୍ରଧାନମନ୍ତ୍ରୀ ମୋଦିଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ଗଠନ ହୋଇଥିଲା ଲୋକପ୍ରିୟ ସରକାର। ଜାତୀୟସ୍ତରରେ ରୂପାନ୍ତରଣର ଏକ ଦଶନ୍ଧି ଓ ରାଜ୍ୟରେ ନୂଆ ଅଧ୍ୟାୟ ଶୁଭାରମ୍ଭର ଏକ ବର୍ଷ ପୂର୍ତ୍ତିକୁ ଧୁମଧାମରେ ପାଳନ କରିବା ଲାଗି ରାଜ୍ୟବାସୀଙ୍କ ପାଇଁ ଅନନ୍ୟ ସୁଯୋଗ ଆଣିଛି। ଓଡ଼ିଆମାନେ ଏବେ ଓଡ଼ିଆ ଭାବେ ନିଜର ସାମାଜିକ, ଅର୍ଥନୈତିକ, ଧାର୍ମିକ, ସାଂସ୍କୃତିକ ଓ ଐତିହ୍ୟ ପରମ୍ପରାର ପରିଚୟକୁ ନେଇ ଗର୍ବ କରୁଛନ୍ତି।

ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥାରେ ହୋଇଥିବା ବିରାଟ ପରିବର୍ତ୍ତନର ଏହି ଯାତ୍ରା ସାମଗ୍ରିକ ଓ ସନ୍ତୁଳିତ ବିକାଶ, ସଶକ୍ତୀକରଣ, ସୁଶାସନ, ଗରିବ କଲ୍ୟାଣ ଓ ଦାୟିତ୍ୱବୋଧର କାହାଣୀ କହୁଛି। ଓଡ଼ିଶାକୁ ଏଭଳି ଏକ ସରକାର ମିଳିଛି ଯାହା ଓଡ଼ିଆ ଅସ୍ମିତାକୁ ପାଥେୟ କରି ବିକାଶର ଗତିପଥରେ ଦ୍ରୁତ ଗତିରେ ଆଗକୁ ମାଡ଼ିଚାଲିଛି। ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ଯଥୋଚିତ ସମ୍ମାନ ଫେରିଆସିଥିବା ବେଳେ ଅନେକ ନୂଆ ଅଭିଯାନର ଶୁଭାରମ୍ଭ ହୋଇଛି ଯାହା ପୂର୍ବରୁ କେହି କଳ୍ପନା କରିନଥିଲେ। ରାଜ୍ୟକୁ ଏଭଳି ଜଣେ ମୁଖ୍ୟମନ୍ତ୍ରୀ ମିଳିଛନ୍ତି, ଯିଏ ଆମ ଭିତରୁ ଜଣେ ଭଳି ଲାଗୁଛନ୍ତି। ସେ କେବଳ ସାଧାରଣ ଲୋକ ନୁହନ୍ତି, ବରଂ ଲୋକଙ୍କ କଥା ବୁଝିବା ଲାଗି ଦୀର୍ଘଦିନ ଦରି ବନ୍ଦ ରହିଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଖୋଲି ସ୍ଥାଣୁ ପାଲଟିଯାଇଥିବା ବ୍ୟବସ୍ଥା ଦ୍ୱାରା ପୀଡ଼ିତ ହୋଇ ଅସହାୟ ଜୀବନ ବିତାଉଥିବା ଲୋକଙ୍କୁ ଏକ ସମସ୍ୟାମୁକ୍ତ ଓ ସମ୍ମାନଜନକ ଜୀବନ ବଞ୍ଚିବାର ଆଲୋକ ଦେଖାଇଛନ୍ତି। କେବଳ ଭୁବନେଶ୍ୱରରେ ଏହି ଅଭିଯାନ ସୀମିତ ନ ରହି ତାହାକୁ ରାଜ୍ୟର କୋଣଅନୁକୋଣରେ ପହଞ୍ଚାଇବାକୁ ଆମ ମୁଖ୍ୟମନ୍ତ୍ରୀ କଠିନ ପରିଶ୍ରମ କରୁଛନ୍ତି।

ଜଣେ ଆଦିବାସୀ ନେତା ଭାବେ ଆମ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ଏକ ସାଧାରଣ ଓ ସର୍ବସ୍ପର୍ଶୀ ସୁଶାସନରେ ପରିଣତ କରିଛନ୍ତି। ତ୍ୱରିତ ପଦକ୍ଷେପ ନେବା, କଠିନ ପରିଶ୍ରମ କରିବା, ଦୁର୍ବଳ ବର୍ଗଙ୍କ ଉତ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବା ଏବଂ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ତାଙ୍କ ଗୁରୁତ୍ୱ ନିଶ୍ଚିତ ରୂପେ ଓଡ଼ିଶା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତିର ପ୍ରତିଫଳନ ପ୍ରତିଦିନ ଟିଭି ପରଦା ଓ ଖବରକାଗଜର ପୃଷ୍ଠା ବିମଣ୍ଡିତ କରିଛି। ଦୁର୍ନୀତିଖୋରଙ୍କ ବିରୋଧରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଖବର ଭାବେ ପ୍ରତିଫଳିତ ହୋଇଛି, ଯାହା ଲୋକଙ୍କ ମନରେ ଦୁର୍ନୀତି ରାକ୍ଷାସ ବଧ କରିବାର ସମ୍ଭାବନାକୁ ପୁଣି ଥରେ ଉଜାଗର କରିବାରେ ସଫଳ ହୋଇଛି। ଖଣି ଚୋରି, ବେଆଇନ ଖଣି କାରବାର ଓ ଲଘୁ ଖଣିଜ ଉତ୍ପାଦର ବ୍ୟାପକ ଚୋରାଚାଲାଣ ରୋକିବାକୁ ସରକାର ରୀତିମତ ଉଦ୍ୟମ କରୁଛନ୍ତି।

ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଘରେ ଘରେ ପ୍ରଭାବ ସୃଷ୍ଟି କରିପାରିଛି ତାହା ହେଉଛି 'ସୁଭଦ୍ରା ଯୋଜନା'। ରାଜ୍ୟକୁ ପ୍ରଥମ ଥର ପାଇଁ ଏଭଳି ଏକ ସରକାର ମିଳିଛି ଯାହା ବାସ୍ତବରେ ମହିଳା ସଶକ୍ତୀକରଣକୁ ଏକ ନୂଆ ଦିଗନ୍ତ ପ୍ରଦାନ କରିଛି। ବିନା କୌଣସି ସର୍ତ୍ତରେ ମହିଳାମାନଙ୍କୁ ପାଞ୍ଚ ବର୍ଷରେ ୫୦ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ ଏବଂ ସାମାଜିକ-ଅର୍ଥନୈତିକ ବିକାଶରେ ମହିଳାମାନଙ୍କ ଭୂମିକାର ଏକ ବୈପ୍ଳବିକ ମଡେଲ୍ ଭାବେ ଉଭା ହୋଇଛି ଯାହାକି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲଖପତି ଦିଦି ସୃଷ୍ଟି କରି ଦେଶରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ପ୍ରେରଣା ହୋଇପାରିଛି।

ଚାଷୀଙ୍କ ଦୁଃଖ ବୁଝିବା ଲାଗି ଧାନ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସପି)କୁ ୩୧୦୦ ଟଙ୍କାକୁ ବୃଦ୍ଧି କରିବାଠାରୁ ଆରମ୍ଭ କରି ଦେଶରେ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା ଲାଗୁ କରି ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଜାଲରୁ ମୁକୁଳାଇବା ପର୍ଯ୍ୟନ୍ତ ମୋହନ ସରକାରଙ୍କ ପ୍ରତିଟି ପଦକ୍ଷେପ ଲୋକଙ୍କ କଥା କହୁଛି, ଲୋକଙ୍କ କଥା ଶୁଣୁଛି ଓ ଲୋକଙ୍କ ପାଇଁ କାମ କରୁଛି। ଶିଳ୍ପାୟନରେ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ତିନିଟି ରାଜ୍ୟରେ ପରିଣତ କରିବାର ସଂକଳ୍ପ ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ରେ ପ୍ରତିଫଳିତ ହୋଇଥିଲା, ଯେଉଁଥିରେ ୧୭ ଲକ୍ଷ କୋଟି ଟଙ୍କାର ୧୪୫ ନିବେଶ ପ୍ରସ୍ତାବ ୧୨ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିଥିଲା। ଓଡ଼ିଆ ଜାତିର ଆରାଧ୍ୟ ଠାକୁର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପ୍ରବେଶ କରିବାକୁ ସଂଘର୍ଷ କରୁଥିବା ଲୋକଙ୍କ ପାଇଁ ନୂଆ ସରକାର ଶ୍ରୀମନ୍ଦିରର ଚାରି ଦ୍ୱାରା ଖୋଲି ଭକ୍ତ ଓ ଭଗବାନଙ୍କ ଭିତରେ ଥିବା ଅନ୍ତରକୁ ଦୂର କରିଥିଲେ। ବୟସ୍କଙ୍କ ପାଇଁ ପେନସନକୁ ବଢାଇବା, ୮୦ ବର୍ଷରୁ ଅଧିକ ବୟସର ଲୋକ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଭତ୍ତାକୁ ମାସିକ ୩୫୦୦ ଟଙ୍କାକୁ ବଢାଇ ଏହି ସରକାର ସମାଜର ପ୍ରତିଟି ବର୍ଗର କଲ୍ୟାଣ ବିଷୟରେ ଚିନ୍ତା କରୁଥିବା ଭାବନାକୁ ସତ ପ୍ରମାଣିତ କରିଛନ୍ତି। ପ୍ରତିଶ୍ରୁତି ଅନୁସାରେ ରତ୍ନ ଭଣ୍ଡାରକୁ ଖୋଲିବା ଓ ତାହାର ମରାମତି କରିବା ଲାଗି ମଧ ସରକାର ପଦକ୍ଷେପ ନେଇଛନ୍ତି।

ନୂଆ ସରକାରରେ ଘଟିଥିବା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଥିଲା ରାଜନେତାମାନଙ୍କ ପାଖରେ ଶାସନର ଡୋରି ପହଞ୍ଚିବା ଯାହା ପୂର୍ବ ସରକାର ଅମଳରେ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇପଡ଼ିଥିଲା। ଜନ ପ୍ରତିନିଧିମାନେ ନିଜକୁ ଅସହାୟ ମନେ କରୁଥିବା ବେଳେ ପ୍ରଶାସକମାନେ ଶକ୍ତିଶାଳୀ ହୋଇପଡ଼ିଥିଲେ। ଏବେ ମନ୍ତ୍ରୀମାନେ ନିଜ ବିଭାଗର ନିଷ୍ପତ୍ତି ନିଜେ ନେବାର ସ୍ୱାଧୀନତା ପାଇଛନ୍ତି।

ଗୋଟିଏ ପଟେ ଓଡ଼ିଶା ନିଜ ହଜିଲା ଗୌରବ ଫେରିପାଇ ଖୁସିରେ ଆତ୍ମହରା ହୋଇପଡ଼ିଥିବା ବେଳେ ଅନ୍ୟ ପଟେ ଜଣେ ମାର୍ଗଦର୍ଶକ ଭାବେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ନିଜର ସନ୍ତାନ ଭାବେ ଲାଳନପାଳନ କରୁଛନ୍ତି। ଯେଉଁ ସବୁ ମହତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକରୁ ଓଡ଼ିଶା ବଞ୍ଚିତ ଥିଲା ତାହାକୁ କାର୍ଯ୍ୟକାରୀ କରାଯାଉଛି। ଆୟୁଷ୍ମାନ ଭାରତ ଯୋଜନା, ଜାତୀୟ ଶିକ୍ଷା ନୀତି ୨୦୨୫ ଭଳି କେନ୍ଦ୍ର ସରକାରଙ୍କ ଯୋଜନା ଓଡ଼ିଶା ବିକାଶର ନୂତନ ମାର୍ଗ ନିର୍ଦ୍ଧାରଣ କରିବାକୁ ଯାଉଛି। ସେ ଏହି ଗୋଟିଏ ବର୍ଷ ନୁହେଁ, ଦୀର୍ଘ ୧୧ ବର୍ଷ ଧରି ରାଜ୍ୟ ତଥା ଦେଶବାସୀଙ୍କ ସୁଖଦୁଃଖର ସାଥୀ ହୋଇରହିଛନ୍ତି। ୨୦୧୪ରେ ଏକ ଗମ୍ଭୀର ସନ୍ଧିକ୍ଷଣରେ ଦେଶର ମଙ୍ଗ ସମ୍ଭାଳିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିକାଶର ଗତି ମନ୍ଥର ହୋଇଯାଇଥିଲା, ଶିଳ୍ପ ଜଗତ ଚିନ୍ତାରେ ଥିଲା, ଦରଦାମ୍ ସ୍ଥିତି ବେଲଗାମ ହୋଇପଡ଼ିଥିଲା, ଯୁବକଯୁବତୀଙ୍କୁ ଚାକିରି ମିଳୁନଥିବା ଭଳି ଏକ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ତାଙ୍କୁ ଦେଶର ନେତୃତ୍ୱ ମିଳିଥିଲା। ନିଜ କର୍ତ୍ତବ୍ୟ ନିଷ୍ଠା, ପରିଶ୍ରମ, ଜନ କଲ୍ୟାଣ ଆଭିମୁଖ୍ୟ ବଳରେ ସେ ଗୋଟିଏ ଦଶନ୍ଧିରେ ଐତିହାସିକ ଓ ଅକଳ୍ପନୀୟ ପରିବର୍ତ୍ତନ ଆଣିପାରିଛନ୍ତି। ଦଶ ବର୍ଷ ପୂର୍ବେ ଦଶମ ସ୍ଥାନରେ ଥିବା ଭାରତୀୟ ଅର୍ଥନୀତି ଏବେ ଜାପାନକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତିରେ ପରିଣତ ହୋଇପାରିଛି। ଯେଉଁ ଦେଶରେ ୯୦ ପ୍ରତିଶତରୁ ଅଧିକ ଫୋନ୍ ଆମଦାନି ହୋଇ ଆସୁଥିଲା, ସେହି ଦେଶରେ ଆଜି ବିଶ୍ୱର ୨୫ ପ୍ରତିଶତ ଆଇଫୋନ୍ ତିଆରି ହେଉଛି। ପ୍ରତିଟି ଲୋକଙ୍କ ହାତରେ ଥିବା ଫୋନ୍ 'ମେକ୍ ଇନ୍ ଇଣ୍ଡିଆ'ର ଗୁଣଗାନ କରୁଛି।

ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାରେ ପ୍ରତିଟି ଯୋଗ୍ୟ ଲୋକଙ୍କ ବ୍ୟାଙ୍କ ଖାତା ଖୋଲିବା, ସରକାରୀ ବାଟମାରଣା ରୋକିବା ଲାଗି ଆଧାର କାର୍ଡ ଜାରି କରିବା, ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ବାର୍ତ୍ତାକୁ ପ୍ରଭାବଶାଳୀ ଢଙ୍ଗରେ ଘରେ ଘରେ ପହଞ୍ଚାଇବା, ୟୁପିଆଇ ଜରିଆରେ ଦେଶକୁ ଏକ ଡିଜିଟାଲ୍ ଅର୍ଥନୀତିରେ ପରିଣତ କରିବା ପର୍ଯ୍ୟନ୍ତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତିଟି ପଦକ୍ଷେପ ଭାରତୀୟଙ୍କ ଜୀବନରେ ଉତ୍ଥାନ ଆଣିବାର ମୂଳଦୁଆକୁ ଆହୁରି ସୁଦୃଢ କରିଥିଲା। ଗରିବ କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ମୋଦି ସରକାର ୫୦କୋଟି ଗରିବଙ୍କୁ ପିଏମ୍ ଗରିବ କଲ୍ୟାଣ ଅନ୍ନ ଯୋଜନା ମଧ୍ୟମରେ ସାହାଯ୍ୟ ଯୋଗାଇ ଦେଇଛନ୍ତି। ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠି ପାରିଛନ୍ତି (ଏ ସମସ୍ତ ଉପଲବ୍ଧି ବିଶ୍ୱ ସ୍ତରରେ ଏକ ରେକର୍ଡ଼)।

ବଡ଼ ସ୍ୱପ୍ନ ଦେଖିବା ଲାଗି ଲୋକମାନଙ୍କୁ ଅନୁପ୍ରାଣିତ କରି ମୋଦି ସରକାର ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବାର ସ୍ୱପ୍ନ ନେଇ ଆଗକୁ ବଢୁଛନ୍ତି। ଜର୍ମାନୀକୁ ଅତିକ୍ରମ କରି ବିଶ୍ୱର ତୃତୀୟ ବଡ଼ ଅର୍ଥନୀତି ହେବା ଓ ବିକାଶର ପ୍ରତିଟି ମାନଦଣ୍ଡରେ ଉପରେ ରହିବାର ସେହି ସଂକଳ୍ପକୁ ପୂରଣ କରିବା ଲାଗି ସମାଜର ପ୍ରତି ବର୍ଗର ସହଯୋଗ ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟର ମୋହନ ମାଝୀଙ୍କ ସରକାର ମଧ୍ୟ ନିଜର ଲକ୍ଷ୍ୟ ପଥ ଧାର୍ଯ୍ୟ କରିଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ଦେଶ ଭଳି ବିକଶିତ ଓଡ଼ିଶା ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଓଡ଼ିଶାକୁ ୫୦୦ ବିଲିଅନ ଡଲାରର ଅର୍ଥନୀତିରେ ପହଞ୍ଚାଇବାର ଲକ୍ଷ୍ୟ ହାସଲ କରିବା ଲାଗି ଭିଜନ ଡକ୍ୟୁମେଣ୍ଟ ମଧ୍ୟ ପ୍ରସ୍ତୁତ ହୋଇ କାମ ଚାଲୁରହିଛି।

ମୋଦି ସରକାରଙ୍କ ୧୧ ବର୍ଷର ଯାତ୍ରା ଭାରତୀୟ ରାଜନୀତିରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି। ଜାତି, ଧର୍ମ ଓ ବର୍ଣ୍ଣକୁ ପଛରେ ପକାଇ ବିକାଶ, ବୃଦ୍ଧି ଓ ସମୃଦ୍ଧି କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୧.୬୩ କୋଟି ଯୁବକଯୁବତୀ କୁଶଳୀ ହୋଇଛନ୍ତି। ରୋଜଗାର ମେଳା ଲୋକଙ୍କୁ ଜୀବିକା ପ୍ରଦାନ କରିଛି। ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ୧.୬ ଲକ୍ଷ ପଞ୍ଜୀକୃତ ଷ୍ଟାର୍ଟଅପ୍ ୧୭.୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୨୦୨୪-୨୪ରେ ଉଦ୍ୟୋଗୀମାନଙ୍କୁ ୩୩.୬୫ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଅଗ୍ନିପଥ ସ୍କିମରେ ୧.୫ ଲକ୍ଷ ଅଗ୍ନିବୀର ଯୋଡ଼ି ହୋଇଛନ୍ତି। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଦେଶକୁ କ୍ରୀଡ଼ାର ଏକ ମହାଶକ୍ତିରେ ପରିଣତ କରିଛି। ଗତ ଦଶନ୍ଧିରେ ସରକାର ଅଧିକ କଲେଜ ଖୋଲିଛନ୍ତି, ଅଧିକ ଲୋକଙ୍କୁ କୁଶଳୀ କରିଛନ୍ତି, ଷ୍ଟାର୍ଟଅପ୍ସମାନଙ୍କୁ ଆଗକୁ ବଢିବାରେ ସହଯୋଗ କରିଛନ୍ତି। ସୁଚିନ୍ତିତ ଯୋଜନା ଓ ଉଦ୍ୟମ ବଳରେ ଭାରତର ଯୁବବର୍ଗଙ୍କୁ ଦ୍ରୁତ ଅଭିବୃଦ୍ଧିର ଇଞ୍ଜିନ ଭାବେ ଉପସ୍ଥାପନ କରିବାରେ ସରକାର ସଫଳ ହୋଇଛନ୍ତି।

ମୋଦିଙ୍କ ଶାସନରେ ସମସ୍ତବର୍ଗର ଲୋକମାନଙ୍କୁ ସାମଗ୍ରିକ ମର୍ଯ୍ୟାଦା ଉପଲବ୍ଧ ହୋଇଛି। କୃଷକମାନଙ୍କୁ ଅନ୍ନଦାତା, ନାରୀମାନଙ୍କୁ ମାତୃଶକ୍ତି, ବୟୋଜ୍ୟେଷ୍ଠମାନଙ୍କୁ ପୂଜ୍ୟପୂଜା, ଯୁବାମାନଙ୍କୁ ଯୁବ ଶକ୍ତିଭାବେ ଉପସ୍ଥାପିତ କରାଯାଇଛି। ମୋଦିଙ୍କର ସବୁଠୁ ବଡ ଅବଦାନ ହେଲା ଆତଙ୍କବାଦୀଙ୍କୁ ଆତଙ୍କିତ କରିବା। ଆତଙ୍କବାଦ ଇତିହାସରେ ପ୍ରଥମଥର ପାଇଁ ମୋଦିଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦୀଙ୍କର ମୂଳଲକ୍ଷ୍ୟ ଦେଶବାସୀଙ୍କ ମନରେ ଆତଙ୍କ ସୃଷ୍ଟି କରିବା ସଂପୂର୍ଣ୍ଣ ରପେ ବିଫଳ ହୋଇଛି। ଅନେକ ଆତଙ୍କବାଦୀ ମାଟିରେ ମିଶିବା ସହିତ କିଛି ଆତଙ୍କବାଦୀ ମୃତ୍ୟୁ ଭୟରେ ଲୁଚି ବୁଲୁଛନ୍ତି। ଆତଙ୍କବାଦ ବିରୋଧରେ କଡା ଜବାବ ସମସ୍ତ ଭାରତୀୟଙ୍କୁ ତ୍ରିରଙ୍ଗା ତଳେ ଏକଜୁଟ କରିପାରନ୍ତି ଓ ବିଶ୍ୱବାସୀ ଯେଉଁମାନେ ଆତଙ୍କବାଦ ବିରୋଧରେ ଲଢେଇ ଜାରି ରଖିଛନ୍ତି ସେମାନଙ୍କ ପାଇଁ ଭାରତ ଏକ ପ୍ରେରଣାର ଉତ୍ସ ହୋଇଯାଇଛି। ଅପରେସନ ସିନ୍ଦୁର ବିଶ୍ୱ ସ୍ତରରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି।

**ଡ. ତପନ କୁମାର ଚନ୍ଦ**
**ପୂର୍ବତନ ଅଧକ୍ଷ, ନାଲକୋ ଓ ଭାରତୀୟ ଜନତା ପାର୍ଟିର ମୁଖପାତ୍ର**

## ସମ୍ପାଦକୀୟ

# ଚାଲିବାକୁ ହେବ ଅନେକ ବାଟ

ଦେଶରେ ମୌସୁମି ପ୍ରବେଶ କରିସାରିଛି, ମାତ୍ର ଗ୍ରୀଷ୍ମର ପ୍ରଭାବ ଶେଷ ହୋଇନାହିଁ। ଜୁନ୍ ମାସ ପ୍ରଥମ ସପ୍ତାହରେ ବି ଦେହ ଖରାରେ ଜଳିପୋଡି ଯାଉଛି। ଏପରି ଅବସ୍ଥା ଆଜି ହେଉଛି, ତାହା ନୁହେଁ। କେତେ ବର୍ଷ ଧରି ଗ୍ରୀଷ୍ମ ଅନେକଙ୍କୁ ପ୍ରଭାବିତ କରୁଛି, ବିଶେଷକରି ଗରିବ, ଖଟିଖିଆ, ଦିନମଜୁରିଆର ଜୀବନ ଖରାରେ ଉହଳ ବିକଳ ହୋଇ ଛଟପଟ ହେଉଛି। ବଡଲୋକ ବା ଥିଲାବାଲାମାନେ ତ ଶୀତତାପ ନିୟନ୍ତ୍ରିତ କୋଠରିରେ ରହି, କାର୍‌ରେ ବୁଲି ମଉଜ କରୁଛନ୍ତି; ମାତ୍ର ସାଧାରଣ ମଣିଷ ଯାହା ହିନସ୍ତା ହେଉଛି। ଏଣିକି ଗ୍ରୀଷ୍ମର ପ୍ରଭାବ ବର୍ଷର ଆଠମାସ ଅନୁଭୂତ ହେଲାଣି। ପାଣିପାଗର ବ୍ୟତିକ୍ରମ, ଜଳବାୟୁ ସଙ୍କଟ ଯୋଗୁଁ ଏ ଜଗତର ଅଧାରୁ ଅଧିକ ଲୋକଙ୍କ ଜୀବନ ଯନ୍ତ୍ରଣାଦାୟକ ହୋଇଯାଇଛି।

ନିକଟରେ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ କୁହାଯାଇଛି ଯେ ବିଗତ ୫ ବର୍ଷ ମଧ୍ୟରେ ଜଳବାୟୁ ସଙ୍କଟ କାରଣରୁ ୬୦ ପ୍ରତିଶତ ଲୋକ ପ୍ରଭାବିତ ହୋଇଛନ୍ତି। ଦକ୍ଷିଣ ଏସିଆରେ ଏହି ପ୍ରଭାବ ୯୦ ପ୍ରତିଶତ ଲୋକଙ୍କ ଉପରେ ପଡି ଥିଲାବେଳେ ଆଗାମୀ କେତେ ବର୍ଷ ମଧ୍ୟରେ ଏପରି ପ୍ରଭାବରେ ଦକ୍ଷିଣ ଏସିଆର ଶତ ପ୍ରତିଶତ ଲୋକ ପ୍ରଭାବିତ ହେବେ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରୁଛି। ପ୍ରତି ୫ ଜଣରେ ଜଣେ ଲୋକ ପ୍ରାକୃତିକ ବିପର୍ଯ୍ୟୟ ଯଥା; ବନ୍ୟା ବାତ୍ୟା ମରୁଡି ସୁନାମୀ ଭୂକମ୍ପ ଆଦି ଦ୍ୱାରା କ୍ଷତିଗ୍ରସ୍ତ ହେବେ। ଅତ୍ୟଧିକ ଉତ୍ତାପ ଯୋଗୁଁ ମେରୁ ଅଂଚଳର ବରଫ ପାହାଡ ତରଳିଚାଲିଛି ଓ ଏହି ପ୍ରକ୍ରିୟା ଆଗକୁ ଅଧିକ ଦ୍ରୁତଗତିରେ ହେବ। ଫଳରେ ସମୁଦ୍ରର ଜଳସ୍ତର ବୃଦ୍ଧିପାଇ, ସମୁଦ୍ର କୂଳଲଂଘି ଅନେକ ଭୂଭାଗକୁ ବୁଡାଇ ଦେବ। ସେଥିରେ ଅନେକ ସମୃଦ୍ଧ ସହର ଗୁରୁତର ଭାବେ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ସେହିପରି ଅତିବୃଷ୍ଟି ଓ ଅନାବୃଷ୍ଟି ଗରିବକୁ ଅଧିକ ଗରିବ କରିବା ସଙ୍ଗେ ସଙ୍ଗେ ଅର୍ଥନୀତିକୁ ବ୍ୟାପକ କ୍ଷତି ପହଁଚାଇବ। ଚାଷୀ ପରିବାର ଏହାଦ୍ୱାରା ଅଧିକ ପ୍ରଭାବିତ ହେବେ ବୋଲି ବିଶ୍ୱବ୍ୟାଙ୍କ ତା' ରିପୋର୍ଟରେ କହୁଛି।

ଦକ୍ଷିଣ ଏସିଆରେ ଥିବା ପ୍ରମୁଖ ଦେଶ ହେଲା ଭାରତ। ଏହାର ଜନସଂଖ୍ୟା ପ୍ରାୟ ୧୪୦ କୋଟି, ଯାହା ବିଶ୍ୱ ଜନସଂଖ୍ୟାର ପ୍ରାୟ ୨୦ ପ୍ରତିଶତ। ଜଳବାୟୁ ସଙ୍କଟ ଜନିତ ପ୍ରଭାବରେ ଭାରତର ପ୍ରାୟ ସମସ୍ତ ଅଂଚଳ ପ୍ରଭାବିତ ହେବ ଓ ସବୁଲୋକ କ୍ଷତିଗ୍ରସ୍ତ ହେବେ। ଏପରି ସ୍ଥିତିରେ କେତେକ ଆଗୁଆ ପଦକ୍ଷେପ ନେବା ଆବଶ୍ୟକ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ ସୂଚିତ କରାଯାଇଛି। ଯେପରିକି ପାଣିପାଗଜନିତ ଆଗୁଆ ସୂଚନା ଯେପରି ସବୁ ଲୋକଙ୍କ ପାଖରେ ପହଁଚି ପାରିବ, ତା'ର ବ୍ୟବସ୍ଥା କରାଯିବା ଆବଶ୍ୟକ। ଯାହା ଫଳରେ କୌଣସି ବିପଦ ଆସିଲେ, ତା'ର ସୂଚନା ଲୋକମାନଙ୍କ ପାଖରେ ପୂର୍ବରୁ ରହିଥିବ ଓ ଲୋକମାନେ ସତର୍କ ହୋଇ ପାରିବେ ଏବଂ ପ୍ରାକୃତିକ ସଙ୍କଟ କାରଣରୁ କ୍ଷୟକ୍ଷତି କମ୍ ହୋଇପାରେ। ସେହିପରି ଦ୍ୱିତୀୟ କଥାଟି ହେଲା, ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟକୁ ମୁକାବିଲା କରିପାରୁଥିବା କୃଷିକୁ ଅଗ୍ରାଧିକାର ଦେବା। ଏପରି ଫସଲ ଚାଷ କରାଯିବ ଯେପରି ସେ ଫସଲର କୌଣସି କ୍ଷତି ହେବ ନାହିଁ ବା ଜଳବାୟୁ ସଙ୍କଟ କାରଣରୁ କୃଷି ପ୍ରଭାବିତ ହେବ ନାହିଁ। ସେଥିପାଇଁ ଧାନ ଗହମ ଜାତୀୟ ଫସଲ ଚାଷକୁ ଛାଡି ମାଣ୍ଡିଆ ଜାତୀୟ ଫସଲର ଚାଷ ଉପରେ ଗୁରୁତ୍ୱ ଦେବାକୁ ହେବ ବୋଲି କୁହାଯାଉଛି। ଜଳବାୟୁ ସଙ୍କଟ ସହଣୀ ଚାଷ ଓ ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ସୂଚନା, ଏହି ଦୁଇଟି ପଦକ୍ଷେପ ଦ୍ୱାରା ଆମେ ଆମକୁ କେତେକ ପରିମାଣରେ ସୁରକ୍ଷିତ ରଖିପାରିବୁ ବୋଲି ସମ୍ଭାବନା ପ୍ରକାଶ ପାଉଛି; ମାତ୍ର ବାସ୍ତବ କଥା କିଛି ଭିନ୍ନ।

ପରିସ୍ଥିତି ଏତେ ପରିମାଣରେ ଜଟିଳ ଓ କୁଟିଳ ହୋଇଛି ଯେ ଯେତେ ଯାହା କଲେ ବି ପ୍ରକୃତିର କୋପ ଘଟୁଛି ଓ ଘଟି ଚାଲିଥିବ, ମଣିଷମାନଙ୍କୁ ତତ୍‌ଜନିତ କ୍ଷତି ସହିବାକୁ ହେବ, ଦୁଃଖ ଓ ଯନ୍ତ୍ରଣା ଭୋଗ କରିବାକୁ ହେବ। ପ୍ରକୃତି ଉପରେ ଯେତେବେଳେ ମଣିଷମାନଙ୍କର କ୍ରୁରତା ସବୁସୀମା ଟପିଯାଇଛି ସେତେବେଳେ ପ୍ରକୃତିର କରାଳ ରୂପ ଦେଖିବାକୁ ହେବ। ପ୍ରାକୃତିକ ବିପର୍ଯ୍ୟୟରୁ ଆଉ ନିସ୍ତାର ନାହିଁ। ସାରା ଜଗତର ମଣିଷମାନଙ୍କୁ, ଜୀବଜଗତକୁ ଏପରି ବିପଦ ମୁହଁକୁ ଠେଲିଦେବାରେ ଯଦି କାହାର ବଡ ଯୋଗଦାନ ଥାଏ, ସେ ହେଉଛି ବିଶ୍ୱବ୍ୟାଙ୍କ। ଯେଉଁ ବିଶ୍ୱବ୍ୟାଙ୍କ ଆଜି ରିପୋର୍ଟ ପ୍ରକାଶକରି ଲୋକମାନଙ୍କୁ ସତର୍କ କରାଉଛି, ସେହି ବିଶ୍ୱବ୍ୟାଙ୍କର ଅନେକ ନୀତି କାରଣରୁ ବିଶ୍ୱର ପ୍ରାକୃତିକ ସନ୍ତୁଳନ ଆଜି ବିଗିଡିଯାଇଛି। ପାହାଡ ହଜିଯାଇଛି, ଝରଣା ମରିଯାଇଛି, ନଦ-ନଦୀ ଶୁଖିଯାଇଛି। ସବୁଠାରୁ ଅଧିକ କ୍ଷତି ହୋଇଛି ବିଶ୍ୱର ସବୁଜିମା। ସାରା ବିଶ୍ୱରେ କର୍ପୋରେଟ ସାମ୍ରାଜ୍ୟବାଦକୁ ଆଗକୁ ଆଣିବାରେ ବିଶ୍ୱବ୍ୟାଙ୍କର କ'ଣ ଭୂମିକା ନାହିଁ ? କର୍ପୋରେଟ ସାମ୍ରାଜ୍ୟବାଦ କ'ଣ ପ୍ରାକୃତିକ ସମ୍ପଦ, ଭୂସମ୍ପଦକୁ ଲୁଟପାଟ କରୁନାହିଁ ? ପ୍ରାକୃତିର ଭାରସାମ୍ୟକୁ ବିଗାଡି ଦେବାରେ ଏହାର କ'ଣ କୌଣସି ଯୋଗଦାନ ନାହିଁ ? ସବୁକିଛି ନଷ୍ଟକରି ଏବେ ଲୋକଙ୍କୁ ସତର୍କ କରାଇବାକୁ ବିଶ୍ୱବ୍ୟାଙ୍କ କାହିଁକି ବ୍ୟାକୁଳ ହେଉଛି ? ଏ ସମସ୍ତ ପ୍ରତିକୂଳ ଅବସ୍ଥାରେ ମଧ୍ୟ ଲୋକଙ୍କୁ ଆଗ୍ରସର ହେବାକୁ ପଡିବ। କବି ରବର୍ଟ ଫ୍ରଷ୍ଟଙ୍କର ଏକ କବିତାର କେତେଧାଡି ବେଶ୍ ପ୍ରଣିଧାନଯୋଗ୍ୟ-

"ସୁନ୍ଦର ଯେତିକି ଅନ୍ଧାର ସେତିକି ଏଇ ଯେ ଗହନ ବନ,
ତେଣୁ ତୁ ଆପଣା ସଂକଳ୍ପେ ଅଟଳ ଅଚଳ ରହରେ ମନ।
ଆଗରେ ପଡିଛି ପଥ ବହୁଦୂର ଆହୁରି କେତେ ଯେ ବାକି,
ଚାଲିବି ଚାଲିବି ନ ପଡିବି ଥକି ମୁଦିବା ଆଗରୁ ଆଖି।"

ଜୀବଜଗତର ସୁରକ୍ଷା ପାଇଁ, ମାନବସଭ୍ୟତାର ଚିରନ୍ତନ ବିକାଶ ପାଇଁ ଆମ ସମସ୍ତଙ୍କୁ ଦୃଢ ସଂକଳ୍ପ ସହିତ ବହୁଦୂର ଚାଲିବାକୁ ହେବ।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଶିକ୍ଷା, ଶିକ୍ଷାବ୍ୟବସ୍ଥା ଓ ଶିକ୍ଷା ଅଧିକାର


ହିମାଂଶୁ ଶେଖର ଆଚାର୍ଯ୍ୟ

କଥାରେ ଅଛି- ପେଟକୁ ଦାନା, ପିଠିକୁ କନା,ମୁଣ୍ଡ ଗୁଞ୍ଜିବାକୁ ବାସ,ରୋଗକୁ ଔଷ ଓ ପଢିବାକୁ ଦି'ଅକ୍ଷର ପାଠ ଜଣେ ନାଗରିକର ସର୍ବନିମ୍ନ ମୌଳିକ ଅଧିକାର। କିନ୍ତୁ କ୍ଷୋଭର ବିଷୟ ସ୍ୱାଧୀନତାର ୭୮ବର୍ଷ ପରେ ବି ଆମ ଦେଶର ଭବିଷ୍ୟତ ନାଗରିକମାନଙ୍କୁ ଏସବୁ ମୌଳିକ ଅଧିକାର ଅଦ୍ୟାବଧି ମିଳିପାରି ନାହିଁ।ଏସବୁ ମଧ୍ୟରୁ ଶିକ୍ଷାର ଅଧିକାର ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ମାତ୍ର ଶିକ୍ଷା କ୍ଷେତ୍ରରେ ଏବେବି ଆମେ ବହୁତ ପଛରେ। ଏପରିକି ସାମ୍ବିଧାନିକ ବିଧିବ୍ୟବସ୍ଥା,ଜାତୀୟ ଶିକ୍ଷାନୀତି, ନିରନ୍ତର ଶିକ୍ଷା, କଳାପଟା ଅଭିଯାନ, ଜିଲ୍ଲା ପ୍ରାଥମିକ ଶିକ୍ଷା ଓ ସର୍ବଶିକ୍ଷା ଅଭିଯାନ ଭଳି ଯୋଜନା ସତ୍ତ୍ୱେ ଭାରତ ନିରକ୍ଷର ଲୋକଙ୍କ ଭୂସ୍ୱର୍ଗ ପାଲଟିଛି କହିଲେ ଭୁଲ ହେବନାହିଁ । ସବୁଠୁ କ୍ଷୋଭର କଥା ଅଦ୍ୟାବଧି ଆମ ଦେଶରେ ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭରୁ ବଞ୍ଚିତ। ଏମାନଙ୍କୁ ସ୍କୁଲକୁ ଆଣିବା ପାଇଁ ଏକ ଆଇନର ଅବଶ୍ୟକତା ଥିଲା । ଭାରତୀୟ ସମ୍ବିଧାନର ୮୬ତମ ସଂଶୋଧନରେ ଏକ ଧାରା ଯୋଗ କରାଯାଇ ୨୦୦୯ ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରାଯାଇଛି ଓ ଆମ ଦେଶ ତଥା ରାଜ୍ୟରେ ୨୦୧୦ ମସିହା ଏପ୍ରିଲ ପହିଲାରୁ ବହୁ ଚର୍ଚ୍ଚିତ ଏହି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେଉଛି।

ଶିକ୍ଷା ଅଧିକାର ଆଇନ ଆମ ରାଜ୍ୟରେ କାର୍ଯ୍ୟକାରୀ ହେବା ପରେ ଯେଉଁ ସବୁ ସମସ୍ୟା ଦେଖାଦେଇଛି ତାହା ଏଠାରେ ଆଲୋଚନା କରିବା ଯଥାର୍ଥ ମନେ ହୁଏ । ଏହି ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ଅତି କମ୍‌ରେ ୨ଲକ୍ଷ ୨୪ହଜାର ୩୩୦ ଜଣ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ଲକ୍ଷ ୮ ହଜାର ୪୯୭ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ରାଜ୍ୟ ସରକାର ୭୩ ହଜାର ୭୩୬ ଜଣ ଶିକ୍ଷା ସହାୟକ ଓ ଗଣ ଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି। ଏବେବି ୩୪ହଜାର ୭୭୯ ଶିକ୍ଷକ ପଦବୀ ଖାଲି ପଡିଅଛି। ସବୁଠୁ ଆଶ୍ଚର୍ଯ୍ୟର କଥା ନିୟମିତ ଶିକ୍ଷକଙ୍କଠାରୁ ୩ ରୁ ୪ ଭାଗ କମ୍ ଦରମାରେ ଏହି ବର୍ଗର ଶିକ୍ଷକମାନେ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଶିକ୍ଷକମାନେ ସମାନ କାମ କରି ସମାନ ଦରମା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ଶିକ୍ଷକମାନଙ୍କ ଭିତରେ ଜାତିଭେଦ ସୃଷ୍ଟି କରିବା ସହ ଗୁଣାତ୍ମକ ଶିକ୍ଷାରେ ବାଧକ ସାଜିଛି। ଗୋଟିଏ ପଟେ ସରକାର ଖାଲିଥିବା ହଜାର ହଜାର ଶିକ୍ଷକ ପଦବୀ ପୂରଣ କରିପାରୁନଥିବା ବେଳେ ଶିକ୍ଷା ଅଧିକାର ଆଇନ ଅନୁସାରେ ଅଧିକ ଶିକ୍ଷକ ନିଯୁକ୍ତି କଲେ ସେ ବାବଦ ଅଧିକ ଅର୍ଥ କିପରି ଭରଣା କରିବେ ତାହା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇ ରହିଛି।

ଶିକ୍ଷା ଅଧିକାର ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ସ୍କୁଲମାନଙ୍କରେ ତାଲିମପ୍ରାପ୍ତ ଶିକ୍ଷକ ରହିବେ । ତା'ନହେଲେ ସେମାନେ ଚାକିରି ହରାଇବେ । ଘରୋଇ ସି.ଟି ଓ ବି.ଏଡ୍ ଉଠିଯିବା ପରେ ସରକାରୀ ସ୍ତରରେ ଏସବୁ ଟ୍ରେନିଂ ପାଇଁ ଜିଲ୍ଲା ଭିତ୍ତିରେ ଯେତିକି ସ୍ଥାନ ରହିଛି ତାହା ପର୍ଯ୍ୟାପ୍ତ ନୁହେଁ । ଫଳରେ ଏତେ ସଂଖ୍ୟକ ତାଲିପ୍ରାପ୍ତ ଶିକ୍ଷକ ଆସିବେ କେଉଁଠୁ ? ସବୁଠାରୁ ବଡକଥା ହେଲା ଏହି ଆଇନରେ କେନ୍ଦ୍ର ସରକାର ଶିଶୁ ଶ୍ରମିକମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିନାହାନ୍ତି। ଆମ ଦେଶରେ ଏବେବି ୯୦ ଲକ୍ଷ ଶିଶୁ ଶ୍ରମିକ ପେଟପାଟଣା ପାଇଁ ବିପଜ୍ଜନକ କ୍ଷେତ୍ରରେ ଖଟୁଛନ୍ତି । ସେମାନଙ୍କ ଉପାର୍ଜନରେ ଦରିଦ୍ର ପରିବାର ମଧ୍ୟ ଚଳୁଛି । ଆମ ରାଜ୍ୟରେ ଏମାନଙ୍କ ସଂଖ୍ୟା ୪ ଲକ୍ଷ ୩୯୯ । ତେଣୁ ଏହି ଶିଶୁମାନଙ୍କୁ ଥଇଥାନ କରି ସ୍ୱତନ୍ତ୍ର ବ୍ୟବସ୍ଥା ଜରିଆରେ ଶିକ୍ଷାଦାନ କରିବାର ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ଏହି ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବେ । କିନ୍ତୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ସରକାରୀ ନିୟମକୁ ମାନୁନାହାଁନ୍ତି। ଫି ଆଦାୟ ଠାରୁ ଆରମ୍ଭ କରି ନାମଲେଖା ପ୍ରର୍ଯ୍ୟନ୍ତ ସବୁଠି ଅଭିଭାବକମାନେ ଶୋଷଣର ଶିକାର ହୋଇଛନ୍ତି। ରାଜ୍ୟର ସହରାଞ୍ଚଳରେ ଥିବା ଘରୋଇ ବିଦ୍ୟାଳୟ ସରକାରଙ୍କ ଏହି ନିୟମକୁ ଆଖିମିଟିକା ମାରୁଥିବା ଲକ୍ଷ୍ୟ କରାଯାଉଛି। ଅବସ୍ଥା ଏଭଳି ହୋଇଛି ଖୋଦ୍ ରାଜଧାନୀରେ ପ୍ରଥମ ଶ୍ରେଣୀରେ ନାମ ଲେଖିବା ପାଇଁ ଅଭିଭାବକ ମାନଙ୍କଠାରୁ ୫୦ ରୁ ୭୦ ହଜାର ଟଙ୍କା ଆଦୟ କରାଯାଉଛି। ଏପରିକି ଓଡ଼ିଆ ମାଧ୍ୟମ ଘରୋଇ ଶିକ୍ଷାନୁଷ୍ଠାନ ବି ପ୍ରଥମ ଶ୍ରେଣୀର ନାମ ଲେଖିବା ପାଇଁ ୧୫ ରୁ ୨୫ ହଜାର ଟଙ୍କା ନେଉଛନ୍ତି। ଏପରିସ୍ଥଳେ ସରକାର ଘରୋଇ ଶିକ୍ଷାନୁଷ୍ଠାନ ଉପରେ କେତେଦୂର ଅଙ୍କୁଶ ଲଗାଇ ପାରିବେ ତାହା ଉପରେ ଶିକ୍ଷା ଅଧିକାର ଆଇନର ସଫଳତା ଅନେକାଂଶରେ ନିର୍ଭର କରୁଛି।

ଶିକ୍ଷା ଅଧିକାର ଆଇନର ପ୍ରମୁଖ ଅଙ୍ଗ ହେଲା ସର୍ବଶିକ୍ଷା ଅଭିଯାନ । ୨୦୦୨ ମସିହାରୁ ଆମ ରାଜ୍ୟରେ ଏହା କାର୍ଯ୍ୟକାରୀ ହେଲାଣି । ଏ ଦିଗରେ ୭ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି । କିନ୍ତୁ ଶିକ୍ଷା କ୍ଷେତ୍ରରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ହୋଇପାରିନି। ଫଳରେ "ସଭିଏଁ ପଢନ୍ତୁ ଓ ସଭିଏଁ ବଢନ୍ତୁ" ସ୍ଲୋଗାନ ବସ୍ତୁତଃ ସ୍ଲୋଗାନରେ ରହିଯାଇଛି । ଏକ ହିସାବରୁ ଜଣାଯାଏ ଓଡିଶାରେ ୬ ରୁ ୧୪ ବର୍ଷ ମଧ୍ୟରେ ମୋଟ ୬୫ ଲକ୍ଷ ୨୮ ହଜାର ୩୫୬ ଜଣ ଶିଶୁଙ୍କ ମଧ୍ୟରୁ ପ୍ରାୟ ୩ ଲକ୍ଷ ୫୧ ହଜାର ୧୪୭ ଜଣ ଶିଶୁ ସ୍କୁଲ ଘର ଦେଖିନାହାଁନ୍ତି। ଏସବୁ ପିଲା କିପରି ସ୍କୁଲ ଆସିବେ ତାହା ଗୁରୁତର ସହ ଚିନ୍ତା କରାଯିବା ଜରୁରୀ। ଅନ୍ୟ ଏକ ସମସ୍ୟା ହେଲା ସରକାର ଯଥା ସମୟରେ ପିଲାଙ୍କୁ ପାଠ୍ୟପୁସ୍ତକ ଯୋଗାଇବାରେ ବିଫଳ ହୋଇଛନ୍ତି। ଏପ୍ରିଲ୍ ୧ରୁ ନୂଆ ଶିକ୍ଷା ବର୍ଷ ଆରମ୍ଭ ହେଲା। ପ୍ରବେଶ ଉତ୍ସବ କରି ପିଲାଙ୍କୁ ସ୍ୱାଗତ କରାଗଲା। ଇତି ମଧ୍ୟରେ ଚାରି ମାସ ବିତିଯାଇଥିଲେ ମଧ୍ୟ ପିଲାଙ୍କ ବସ୍ତାନିରେ ପଢ଼ାବହି ନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାର ଆବଶ୍ୟକ ରହିଛି।

ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାପାଇଁ ପାଞ୍ଚବର୍ଷିଆ ଅବଧି ଗତ ୨୦୧୫ ମସିହା ଏପ୍ରିଲ ପହିଲାରେ ଶେଷ ହୋଇଯାଇଛି। ତେବେ ଏ ଦିଗରେ ଆଖିଦୃଶିଆ ସଫଳତା ହାସଲ ହୋଇପାରିନାହିଁ। ତେବେ ଭବିଷ୍ୟତରେ ଏହି ଆଇନ ତାର ଲକ୍ଷ୍ୟ ପୂରଣ ଦିଗରେ କେତେ ଦୂର ସଫଳ ହେବ ତାହା ଏକ ବିରାଟ ପ୍ରଶ୍ନବାଚୀ ରୁପେ ଉଭା ହୋଇଛି। ସେ ଦୃଷ୍ଟିରୁ ଏହି ଆଇନର ସଫଳ ରୂପାୟନ ପାଇଁ ଦୃଢ ଇଚ୍ଛାଶକ୍ତି ଓ ଆନ୍ତରିକତା ସରକାରୀସ୍ତରରେ ରହିବା ଦରକାର । ସେହିପରି ଦୀର୍ଘ ୩୪ ବର୍ଷ ପରେ କେନ୍ଦ୍ର ସରକାର ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି । ଏଥିରେ ମାତୃଭାଷାରେ ଶିକ୍ଷା ଦାନ ଠାରୁ ଆରମ୍ଭ କରି ବୌଷୟିକ ଶିକ୍ଷା ପର୍ଯ୍ୟନ୍ତ ଅନେକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ସ୍ଥାନ ପାଇଛି । କିନ୍ତୁ ଅସଲ କଥା ହେଲା ଶିକ୍ଷା କ୍ଷେତ୍ରରେ ଯୋଜନା ଯେତେ, ସମସ୍ୟା ସେତେ । ଏବେ ଆମ ରାଜ୍ୟରେ ସ୍କୁଲ ରୁପାନ୍ତରୀକରଣ କାର୍ଯ୍ୟ ଚାଲିଛି । ରଙ୍ଗ ବେରଙ୍ଗରେ ଝଲସୁଛି ସ୍କୁଲ ଘର । ଏସବୁ ସତ୍ତ୍ୱେ ସ୍କୁଲରେ ଡ୍ରପ୍‌ଆଉଟ ସଂଖ୍ୟା କମିବାର ନାଁ ଧରୁନି । ଉଚ୍ଚ ଶିକ୍ଷାରେ ମଧ୍ୟ ଅନୁରୂପ ଅବସ୍ଥା ।

ସବୁଠୁ ବଡକଥା ହେଲା ଆବଶ୍ୟକ ଭିତ୍ତି ଭୂମିର ଅଭାବ, ଶିକ୍ଷକ ମାନଙ୍କ ଅଭାବ ବଡ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ସର୍ବୋପରି ଦାରିଦ୍ର୍ୟ ଯେଗୁ ଅଭିଭାବକ ଅଭିଭାବିକା ମାନେ ସେମାନଙ୍କ ପିଲାଙ୍କୁ ସ୍କୁଲକୁ ପଠାଇ ପାରୁନାହାନ୍ତି । ଏପରିକି ମାଗଣା ପୋଷାକ, ଜୋତା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପିଲାଙ୍କୁ ସ୍କୁଲକୁ ଆକୃଷ୍ଟ କରିପାରୁନାହିଁ । ଏହି ବିଷୟରେ ଗଭୀର ଭାବେ ଅନୁଶୀଳନ କରିବାର ଅଛି । ଏହି ପ୍ରସଙ୍ଗରେ ଏକ ଲୋକପ୍ରିୟ କାହାଣୀ କୁହେ " ଯଦି ତୁମେ ଗୋଟିଏ ବର୍ଷପାଇଁ ଯୋଜନା କରୁଛ ତା' ହେଲେ ତୁମେ ଜମିରେ କିଛି ମଞ୍ଜି ବୁଣିଦିଅ,ଯଦି ତୁମେ ଦଶ ବର୍ଷ ବା ତା ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ ତା' ହେଲେ ତୁମେ ଜମିରେ କିଛି ଗଛ ଲଗାଇ ଦିଅ, ଆଉ ଯଦି ତୁମେ ଶହେ ବର୍ଷ ପାଇଁ ଯୋଜନା କରୁଛ ତା' ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ।"

**ସଭାପତି, ସାରସ୍ୱତ ପରିଷଦ,ଜଗତସିଂହପୁର,**
**ମୋ - ୯୯୩୭୧୫୧୦୫୨**

# 'ଜ୍ଞାନମଣ୍ଡଳ' ପ୍ରଣେତା : ବିନୋଦ କାନୁନଗୋ


ଡ଼ଃ.ଅରୁନ୍ଧତୀ ଦେବୀ

ଜ୍ଞାନକୋଷ ବା ଏନ୍‌ସାଇକ୍ଲୋପିଡ଼ିଆ ବିନା କୌଣସି ଭାଷା ଶତ ପ୍ରତିଶତ ସମୃଦ୍ଧ ବୋଲି କୁହାଯାଇପାରିବ ନାହିଁ। ଜ୍ଞାନକୋଷ ରଚନା ଏତେ ସହଜ କଥା ନୁହେଁ। ଏଥିପାଇଁ ଲୋଡ଼ା ମିଳିତ ଉଦ୍ୟମ ସାଙ୍ଗକୁ ଆର୍ଥିକ ସହାୟତା ଓ ମାନସିକ ପ୍ରୋତ୍ସାହନ। ଆଉ ଏସବୁର ଅଭାବ ସତ୍ତ୍ୱେ ଏଭଳି ଜଣେ ଓଡ଼ିଆ ଥିଲେ, ଯିଏ ସଂପୂର୍ଣ୍ଣ ଭାବେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ସୃଷ୍ଟି କରିପାରିଥିଲେ, ଆମ ଭାଷାର ଅଦ୍ୟାବଧି ସବୁଠାରୁ ଉନ୍ନତ ଜ୍ଞାନକୋଷ। ସେ ହେଉଛନ୍ତି ଜ୍ଞାନପ୍ରଦୀପ ବିନୋଦ କାନୁନ୍‌ଗୋ। ସେ ବିଧିବଦ୍ଧ ଭାବେ କୌଣସି ପ୍ରକାରର ଉଚ୍ଚ ଶିକ୍ଷା ପାଇ ନଥିବା ମଣିଷ। ତଥାପି ନିଜର ଅସୀମ ଜ୍ଞାନ, ପ୍ରଗାଢ଼ ନିଷ୍ଠା ବଳରେ ଗଢ଼ିପାରିଥିଲେ ଜ୍ଞାନକୋଷ। ସେ ଥିଲେ ପରମ ଗାନ୍ଧୀବାଦୀ। ଗାନ୍ଧୀଙ୍କ ଆଦର୍ଶକୁ ଗ୍ରହଣ କରି ଜ୍ଞାନର ପ୍ରସାର ପାଇଁ ଆଜୀବନ ଉଦ୍ୟମ କରିଥିଲେ। ଏକଦା ବିନୋଦ ଥିଲେ ମେଧାବୀ ଛାତ୍ର। ତାଙ୍କ ମାମୁଁ ଥିଲେ ପ୍ରସିଦ୍ଧ ପୋଥି ଓ ସାହିତ୍ୟ ଗବେଷକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି। ମାମୁଁଙ୍କ କଟକସ୍ଥିତ ବସାରେ ରହି ସେ କଲିଜିଏଟ୍ ସ୍କୁଲରେ ପଢୁଥିଲେ।

ସେହି ସମୟରେ ଜାତୀୟକବି ବୀରକିଶୋରଙ୍କ ଏକ ଗୀତ, ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା ରଣ ସମୟରେ ବହି ଘୋଷିବାକୁ ମୋତେ ଆଉତୁମେ ବଳାନା; ଛାତିର ରକତ ତାତିଉଠେ ମୋର, ବାଜିବାରୁ ଯୁଦ୍ଧ ବାଜଣା। ଯୁଦ୍ଧ ଇତିହାସ ହୋଇଲେ ପଠିତ, ଶୁଣି ବଂଶଧର ହୋଇବେ ପଣ୍ଡିତ; ନରହନ୍ତାର କଂସେଇଶାଳେ ମୁଁ ଲେଖୁଥିବି ବସି ରଚନା। ବିନୋଦ ଲେଖିଛନ୍ତି ୧୯୩୦ ଏପ୍ରିଲ ୯ ତାରିଖ ସନ୍ଧ୍ୟାରେ ଏହି ଗୀତ ମୋ ମନର ସମସ୍ତ ସନ୍ଦେହ ଦୂରକରିଦେଲା। ଏବଂ ମୋର କର୍ତ୍ତବ୍ୟ କ'ଣ, ତାହା ସୂଚେଇ ଦେଲା। ପର ଦିନ ହିଁ ସେ କେତେକ ସହପାଠୀଙ୍କ ସହ ବିଦ୍ୟାଳୟ ଛାଡ଼ି, ଧର୍ମଘଟରେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସଚ୍ଚିରାୟ, ମାମୁଁ ଆର୍ତ୍ତବଲ୍ଲଭ ଓ ଡ.ପ୍ରାଣକୃଷ୍ଣ ପରିଜା ବହୁତ ବୁଝାଇବା ସତ୍ତ୍ୱେ ତାଙ୍କୁ ରୋକିପାରି ନଥିଲେ। ତାହାଥିଲା ବିଦ୍ୟାଳୟରେ ଶେଷ ଦିନ। ବିଦ୍ୟାଳୟରୁ ବହିଷ୍କୃତଙ୍କ ତାଲିକାରେ ସର୍ବାଗ୍ରେ ଥିଲା ବିନୋଦଙ୍କ ନାମ। ତାହାପରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ବାରମ୍ବାର କାରାବରଣ। ଅନୁଷ୍ଠାନଭିତ୍ତିକ ଶିକ୍ଷା ପାଇଁ ଆଉ ସୁଯୋଗ ମିଳି ନଥିଲା। ତେବେ କୌଣସି ସମୟରେ ସେ ପଠନରୁ ବିରତ ହୋଇନଥିଲେ। ସବୁବେଳେ ପାଖରେ ରହୁଥିଲା ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା। କାରାଗାର ଥିଲା ପଠନର ମୁଖ୍ୟ କ୍ଷେତ୍ର। ସ୍ୱାଧୀନତା ପରେ ସେ ରାଜନୀତିରେ ନ ମାତି ଜ୍ଞାନର ପ୍ରସାରକ ସାଜିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ମାତ୍ର ଏକ ଟଙ୍କା ଖଣ୍ଡିଏ ଖଦଡ଼ ଶତରଞ୍ଜି, ଖଦଡ଼ ପୋଷାକ ଓ କିଛି ବହିପତ୍ର ଧରି ଆସିଥିଲେ କଟକ। ଉଦ୍ଦେଶ୍ୟ ଜ୍ଞାନକୋଷ ରଚନା। ଦିନଟି ଥିଲା ୧ ଜାନୁଆରୀ ୧୯୫୪। ପରବର୍ତ୍ତୀ ଜୀବନ ଥିଲା ବେଶ ସଂଘର୍ଷମୟ। ୨ ଡିସେମ୍ବର ୧୯୬୦ରେ ପ୍ରକାଶ ପାଇଥିଲା ତାଙ୍କ ଜ୍ଞାନମଣ୍ଡଳର ପ୍ରଥମ ଖଣ୍ଡ। ତାହାର ଉନ୍ମୋଚନ ଉତ୍ସବରେ ଭାଷଣ ଦେବା ବେଳେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ ମାମୁଁ ଆର୍ତ୍ତବଲ୍ଲଭ। ୧୯୧୨ ଜୁନ୍ ୬ ତାରିଖ ଦିନ କିଶୋରନଗର ଅନ୍ତର୍ଗତ ମଲ୍ଲିପୁରରେ ଜନ୍ମ ହୋଇଥିଲେ ଏହି ମହାନ ଜ୍ଞାନକୋଷ ପ୍ରଣେତା।

**ସମ୍ପାଦିକା-ନିର୍ଦ୍ଦେଶିକା,**
**ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,**
**ଦୂରଭାଷ : ୯୯୩୭୧୭୨୮୧୦**

# ନିର୍ଜଳା ଏକାଦଶୀ ଓ ରୁକ୍ମିଣୀ ବିବାହ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଏକାଦଶୀକୁ ଅପରା ବା ନିର୍ଜଳା ଏକାଦଶୀ କୁହାଯାଇଥାଏ। ପଦ୍ମପୁରାଣ ଅନୁଯାୟୀ, ଏହି ଏକାଦଶୀରେ ନିର୍ଜଳ ବ୍ରତ ରଖି ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ସମସ୍ତ ପାପ-ତାପରୁ ମୁକ୍ତି ମିଳିଥାଏ। ବ୍ରହ୍ମଦେବଙ୍କ କହିବା ମୁତାବକ ଦେବର୍ଷି ନାରଦ ଏହି ତିଥିରେ ନିର୍ଜଳ ବ୍ରତ କରିଥିଲେ। ହଜାର ବର୍ଷ ପର୍ଯ୍ୟନ୍ତ ନିର୍ଜଳ ବ୍ରତ କରିବା ଫଳରେ ତାଙ୍କୁ ଚାରିଆଡ଼େ କେବଳ ନାରାୟଣଙ୍କ ସ୍ୱରୂପ ଦେଖାଗଲା। ଶେଷରେ ଭଗବାନ ବିଷ୍ଣୁ ତାଙ୍କୁ ଦର୍ଶନ ଦେଇ ନିଶ୍ଚଳ ଭକ୍ତିର ବରଦାନ ଦେଲେ। ସେବେଠାରୁ ନିର୍ଜଳ ବ୍ରତ ପାଳନର ପରମ୍ପରା ଆରମ୍ଭ ହୋଇଛି। ଏହି ବ୍ରତ ଶ୍ରୀବିଷ୍ଣୁଙ୍କ ଅତିପ୍ରୀୟ ହୋଇଥିବା ନିର୍ଜଳା ଏକାଦଶୀ ଦିନ ଜପ-ତପ ଏବଂ ପୂଜାପାଠ କରିବା ଦ୍ୱାରା ପ୍ରାଣୀ ନାରାୟଣଙ୍କ ସାନ୍ନିଧ୍ୟ ଲାଭ କରିଥାଏ ଏବଂ ଜୀବନ ମୃତ୍ୟୁର ବନ୍ଧନରୁ ମୁକ୍ତ ହୋଇଥାଏ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଏକାଦଶୀରେ ବ୍ରହ୍ମହତ୍ୟା ସହିତ ସମସ୍ତ ପାପରୁ ମୁକ୍ତି ମିଳିଥାଏ। ଏହି ଦିନ କୌଣସି ପ୍ରକାରର ବର୍ଜିତ କର୍ମରୁ ନିବୃତ୍ତ ରହିବା ଉଚିତ। ଦ୍ୱାପର ଯୁଗରେ ଭଗବାନ ଶିବଙ୍କ ଅଂଶାବତାର ମହର୍ଷି ବ୍ୟାସ ପାଣ୍ଡବମାନଙ୍କୁ ନିର୍ଜଳା ଏକାଦଶୀ ବ୍ରତର ମହତ୍ତ୍ୱ ବୁଝାଇଥିଲେ। ଏହି ସମୟରେ ବ୍ୟାସଦେବଙ୍କୁ ଭୀମ ପଚାରିଥିଲେ, ଭଗବାନ ! ମୋ ପେଟରେ ବୃକ ନାମକ ରାକ୍ଷସ ରହିଛି। ଯାହାର ଜ୍ୱାଳାରେ ମୁଁ ଦିନରେ ବହୁବାର ଭୋଜନ କରିଥାଏ। ତାହେଲେ କ'ଣ ମୁଁ ଏକାଦଶୀ ବ୍ରତର ପୂଣ୍ୟପ୍ରାପ୍ତିରୁ ବଞ୍ଚିତ ରହିବି ? ଭୀମଙ୍କ ଜିଜ୍ଞାସାର ଉତ୍ତର ଦେଇ ବ୍ୟାସଦେବ କହିଲେ, ତୁମେ କେବଳ ବ୍ରତ ରଖ। ଯଦ୍ୱାରା ତୁମେ ସାରା ବର୍ଷରେ ପଡୁଥିବା ସମସ୍ତ ଏକାଦଶୀ ବ୍ରତର ପୁଣ୍ୟ ଲାଭ କରିପାରିବ।

ପୁରାଣ ଅନୁସାରେ, ବିଦର୍ଭାର ରାଜା ଭୀଷ୍ମଙ୍କ ସୁପୁତ୍ରୀ ରୁକ୍ମିଣୀଙ୍କର ଆଜି ବିବାହ ହୋଇଥିଲା। ଗୋଟିଏ ଚାଉଳରେ ଗଢ଼ା ସେ। ବିବାହ ବୟସ ଉପନୀତ ହୁଅନ୍ତେ ସ୍ୱୟଂମ୍ବରର ଆୟୋଜନ ଚାଲିଥିଲା। ଦେବୀ କିନ୍ତୁ ଦ୍ୱାରକାଧିପତି ଭଗବାନ ଶ୍ରୀକୃଷ୍ଣଙ୍କୁ ମନ ଦେଇ ସାରିଥିଲେ। ପିତା ଭୀଷ୍ମ ଏ ସଂକ୍ରାନ୍ତରେ ଜାଣିବା ପରେ ବିବାହ ପାଇଁ ତାଙ୍କୁ ଅନୁମତି ଦେଲେ। ମାତ୍ର ରୁକ୍ମିଣୀଙ୍କ ଭାଇ ରୁକ୍ମି ଏହାକୁ ବିରୋଧ କଲେ। ସେ ତାଙ୍କ ବିବାହ ଶିଶୁପାଳ ସହ କରାଇବାକୁ ଚାହୁଁଥିଲେ। ରୁକ୍ମିଣୀ ଏ ପ୍ରସ୍ତାବରେ ପାଇ ଅରାଜି ହୋଇଥିଲେ। ଦେବୀ ଏ ବିଷୟରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଖଣ୍ଡିଏ ପତ୍ର ଲେଖିଲେ। ପତ୍ର ପାଇ ଶ୍ରୀକୃଷ୍ଣ ବିଦର୍ଭା ପହଞ୍ଚିଲେ। ସେଠୁ କୌଶଳକ୍ରମେ ରୁକ୍ମିଣୀଙ୍କୁ ସାଥୀରେ ନେଇ ପଳାଇ ଆସିଲେ। ଏ ଖବର ପ୍ରଚାର ହେବା ପରେ ଶିଶୁପାଳ ଓ ରୁକ୍ମି ନିଜ ନିଜ ସେନା ଧରି ଶ୍ରୀକୃଷ୍ଣଙ୍କ ସହ ଯୁଦ୍ଧ କରିବାକୁ ବାହାରିଲେ। ଭଗବାନ ସମସ୍ତଙ୍କୁ ପରାଜିତ କରି ଦେବୀଙ୍କୁ ସାଥୀରେ ଘେନି ଦ୍ୱାରକା ଅଭିମୁଖେ ଯାତ୍ରା କଲେ। ସେଠାରେ ପହଞ୍ଚିବା ପରେ ଉଭୟଙ୍କ ବିବାହ ହେଲା। ଦେବୀ ଲକ୍ଷ୍ମୀଙ୍କ ସ୍ୱରୂପ ରୁକ୍ମିଣୀ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରଥମ ପତ୍ନୀ। ଆମ ହିନ୍ଦୁ ଆଧ୍ୟାତ୍ମିକ ବିଚାରରେ ନିର୍ଜଳା ଏକାଦଶୀ ଓ ରୁକ୍ମିଣୀ ବିବାହ ଏକ ପବିତ୍ର ଦିବସ। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# 'ସୁଖ ଦୁଃଖ ନୁହେଁ ଏ ଜୀବନ ଲକ୍ଷ୍ୟ, ଏକା କର୍ତ୍ତବ୍ୟ ସାଧନ...'


କିଶୋର କୁମାର ଜେନା

ଈଶ୍ୱରଙ୍କ ସହିତ ସଂଯୁକ୍ତ ହୋଇଯିବାର ନାମ, ଈଶ୍ୱରଙ୍କ ପାଦରେ ନିବାସ କରିବାର ନାମ ଯୋଗ। ଈଶ୍ୱରନ୍ୟସ୍ତ ଜୀବନ ଶାଶ୍ୱତ ଆନନ୍ଦ ପ୍ରଦାନ କରେ। ଯୋଗ ମନୁଷ୍ୟକୁ ସନ୍ମାର୍ଗ ପ୍ରଦର୍ଶନ କରେ। ଯୋଗ ମନୁଷ୍ୟକୁ ଈଶ୍ୱରଙ୍କ ସହିତ ସଂଯୁକ୍ତ କରାଏ। ଯୋଗ ମନୁଷ୍ୟକୁ ଅମର କରିଦିଏ। ଯୋଗ ହିଁ ପୂର୍ଣ୍ଣାଙ୍ଗ ଜୀବନ। ଯୋଗ ହେଉଛି ଏପରି ଏକ ପ୍ରଣାଳୀ, ଯାହା କି ମନୁଷ୍ୟ ବ୍ୟକ୍ତିତ୍ୱର ପ୍ରତ୍ୟେକଟି ଦିଗର ସଂସ୍କାର ଘଟାଏ। 'ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ' – ହେ ଅର୍ଜୁନ ! ମୋର ହିଁ ଏକ ସନାତନ ଅଂଶ ଏହି ଜୀବଲୋକକୁ ଏହି ଜନ୍ମମୃତ୍ୟୁର ଲୋକକୁ ଆସି ଜୀବାତ୍ମା ହୋଇଯାଏ। ଏହି ଜୀବଲୋକରେ ନିଜର ପ୍ରାରବ୍ଧବଶତଃ ଜୀବାତ୍ମାମାନେ ଜନ୍ମ ହୁଅନ୍ତି ଏବଂ ମୋର ହିଁ ଏକ ଅଂଶ ଜୀବାତ୍ମା ହୋଇଯାଇଥାଏ। ବୋଲି ଦୃଢ଼କଣ୍ଠରେ ଘୋଷଣା କରିଦେଇ ଆମ୍ଭମାନଙ୍କୁ ଆମର ଦିବ୍ୟତ୍ୱ ସମ୍ବନ୍ଧରେ ସ୍ମରଣ କରାଇ ଦିଅନ୍ତି।

ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ – ମନ ହିଁ ମନୁଷ୍ୟର ବନ୍ଧନ ଓ ମୋକ୍ଷର କାରଣ। ଆପଣ ଯେପରି ଭାବିଚାଲିବେ, ସେପରି ହୋଇଯିବେ। ତେଣୁ ନିଜର ଦିବ୍ୟତାରେ କେନ୍ଦ୍ରିତ ହୋଇ ରହନ୍ତୁ। ତା'ଭିତରୁ ଅନ୍ୟସବୁ ଉତ୍ପନ୍ନ ହେବ। ସୂର୍ଯ୍ୟ ଉଦୟ ହୋଇଗଲେ, ଆଉ ଅନ୍ଧକାର ରହେ ନାହିଁ। ଆପଣଙ୍କ ହୃଦୟରେ ଏହି ଚେତନା ଜାଗ୍ରତ ହୋଇଗଲେ, ଆଉ ଏହାର କୌଣସି ବିପରୀତ ଭାବନା ରହିବ ନାହିଁ। ଜାଗ୍ରତ ଚେତନା ଆସିଗଲେ, ଆଉ ଅଜ୍ଞାନ ନିଦ୍ରା ରହିବ ନାହିଁ।

ମହାଭାରତ ଯୁଦ୍ଧ ସମୟରେ ନିଜର ପ୍ରିୟଜନଙ୍କ ବିୟୋଗ ଦେଖି ମଧ୍ୟମ ପାଣ୍ଡବ ଅର୍ଜୁନ ଆଉ ଯୁଦ୍ଧ କରିବା ପ୍ରତି ଆଗ୍ରହୀ ହେଲେ ନାହିଁ । ସଖା ଅର୍ଜୁନଙ୍କର ଏଭଳି ଅବସ୍ଥା ଦେଖି ପ୍ରଭୁ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର କର୍ତ୍ତବ୍ୟ ସଂପର୍କରେ ଉପଦେଶ ମାଧ୍ୟମରେ ବୁଝାଇଥିଲେ । ଶ୍ରୀକୃଷ୍ଣ ଭଗବାନଙ୍କର ଏହି ଉପଦେଶବାଣୀ ଶ୍ରୀମଦ୍ ଭଗବତ ଗୀତା ଭାବେ ବିଖ୍ୟାତ । ଏଥିରେ ଭଗବାନ ସଖା ଅର୍ଜୁନଙ୍କୁ ବୁଝାଇଛନ୍ତି ଯେ ଯୋଗ ବା ତପସ୍ୟା କଲାବେଳେ ସାଧୁ ସନ୍ନ୍ୟାସୀମାନେ ଯେପରି ଏକନିଷ୍ଠ ହୋଇ ଧ୍ୟାନରେ ମଗ୍ନ ରହନ୍ତି, ସଂସାରର କୋଳାହଳ ତାଙ୍କୁ ନିଜ ପଥରୁ ଭ୍ରାନ୍ତ କରିପାରେ ନାହିଁ । ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ ମାନଙ୍କୁ ମାର୍ଗ ଦର୍ଶନ କରି କହିଛନ୍ତି – 'ମନୁଷ୍ୟ ନିଜର ପ୍ରତ୍ୟେକ କର୍ମ କରିବା ସମୟରେ ସେଭଳି ଏକନିଷ୍ଠ ହେବା ଉଚିତ୍ । ଯେଉଁବ୍ୟକ୍ତି ଫଳପ୍ରାପ୍ତିର ଆଶା ନରଖି ଏକନିଷ୍ଠ ସାଧନା ଯୋଗୁ ତାର ମୋକ୍ଷଲାଭର ପଥ ମଧ୍ୟ ସୁଗମ ହୋଇଥାଏ । ଏହାହିଁ କର୍ମଯୋଗର ବୈଶିଷ୍ଟ୍ୟ । ସମସ୍ତ ଯୋଗ ଠାରୁ ଏହା ଶ୍ରେଷ୍ଠ । କର୍ମଯୋଗର ଅଭ୍ୟାସ ବଳରେ ମନୁଷ୍ୟର ମନ ପବିତ୍ର ହୁଏ। ଅନ୍ତଃକରଣ ନିର୍ମଳ ହୁଏ। ଚିତ୍ତଶୁଦ୍ଧି ହୁଏ। ଯାହାକି ପରବର୍ତ୍ତୀ ସମୟରେ ଜ୍ଞାନଯୋଗକୁ ରୂପାନ୍ତରିତ ହୋଇଥାଏ । ଏବଂ ଏହି ଜ୍ଞାନଯୋଗ ଦ୍ୱାରା ବ୍ୟକ୍ତି ମୋକ୍ଷଲାଭ କରେ।'

ସକଳ ପ୍ରାଣୀଙ୍କ ଠାରେ ଏକ ଆତ୍ମାକୁ ଦର୍ଶନ କରିବା ହିଁ ଜ୍ଞାନ, ଆତ୍ମାକୁ ପ୍ରେମ କରିବାର ନାମ ଭକ୍ତି, ଆତ୍ମାର ସେବା କରିବାର ନାମ କର୍ମ। ଜ୍ଞାନଯୋଗୀର ଜ୍ଞାନୋଦୟ ହୋଇଗଲେ, ତାର ଭକ୍ତି ଉଦୟ ହୋଇଯାଏ, ସେ ନିଃସ୍ୱାର୍ଥପର କର୍ମରେ ତତ୍ପର ହୋଇଯାଆନ୍ତି। କର୍ମଯୋଗ ତାଙ୍କର ଆଧାତ୍ମିକ ପ୍ରକୃତିର ଏକ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ହୋଇଯାଏ, କାରଣ ସେ ସକଳଙ୍କ ଠାରେ ସେହି ଏକ ଆତ୍ମାଙ୍କୁ ଦର୍ଶନ କରନ୍ତି। ଯେତେବେଳେ ଭକ୍ତଙ୍କର ଭକ୍ତିରେ ପୂର୍ଣ୍ଣତା ଆସିଯାଏ, ସେତେବେଳେ ତାଙ୍କର ଜ୍ଞାନ ଉଦୟ ହୋଇଯାଏ, ତାଙ୍କର କର୍ମତତ୍ପରତା ମଧ୍ୟ ଆସିଯାଏ। କର୍ମଯୋଗ ତାଙ୍କର ଆଧାତ୍ମିକ ପ୍ରକୃତିର ଏକ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ହୋଇଯାଏ। କାରଣ ସେ ସର୍ବତ୍ର ତାଙ୍କର ପ୍ରେମମୟ ପ୍ରଭୁଙ୍କୁ ହିଁ ଦର୍ଶନ କରନ୍ତି। ଠିକ ସେହିପରି ଯେତେବେଳେ କର୍ମଯୋଗୀଙ୍କର ସମସ୍ତ କର୍ମ ସମ୍ପୂର୍ଣ୍ଣ ନିଷ୍କାମ ହୋଇଯାଏ ସେତେବେଳେ ତାଙ୍କଠାରେ ମଧ୍ୟ ଜ୍ଞାନ ଓ ଭକ୍ତିର ଉଦୟ ହୋଇଥାଏ। କର୍ମଯୋଗ ସମ୍ପର୍କରେ ଆଲୋଚନା କଲାବେଳେ ମନେପଡୁଛି ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସେହି କାଳଜୟୀ ଧାଡ଼ି ଗୁଡ଼ିକ – 'ଏ ଜଗତ ସର୍ବ କର୍ମର ଆୟତ୍ତ, କର୍ମ ସୁଖ ଦୁଃଖ ହେତୁ। କର୍ମ କରେ ସ୍ୱର୍ଗ ନରକ ରଚନା, ଭୋଗ ଜାତ କର୍ମ କ୍ଷେତୁ। ସୁଖ ଦୁଃଖ ନୁହେଁ ଏ ଜୀବନ ଲକ୍ଷ୍ୟ, ଏକା କର୍ତ୍ତବ୍ୟ ସାଧନ, ମାନବ ଜୀବନ ଅର୍ଣ୍ଣବ ତରଣେ ହୁଅଇ ସିନା କାରଣ।'

**ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/୭୩୭୭୪୩୯୦୭୭**
**E-mail : kishorekumarjena.adv@gmail.com**

## ଜିଲ୍ଲା ପରିବେଶ ସମିତିର ଜିଲ୍ଲାସ୍ତରୀୟ ପରିବେଶ ଦିବସ ପାଳିତ



**ଯାଜପୁର,(ଡିକେ ନ୍ୟୁଜ୍):** ଅବଦଲପୁରସ୍ଥ ଉପେନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ପରିବେଶ ସମିତି ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଆଞ୍ଚଳିକ ଶାଖା, କଳିଙ୍ଗ ନଗର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱପରିବେଶ ଦିବସ ପାଳନ ଓ ଆଲୋଚନା ଚକ୍ର ବିଷୟ-ପ୍ଲାଷ୍ଟିକ ପ୍ରଦୂଷଣ ସମାପ୍ତ କରିବା ଜିଲ୍ଲାପାଳ ତଥା ସମିତିର ଅଧକ୍ଷା ପି.ଅନ୍ୱେଷା ରେଡ୍ଡିଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି।  କିପରି ବୃକ୍ଷ ରୋପଣ ଓ ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ କରି ପରିବେଶ ସୁରକ୍ଷା କରାଯାଇ ପାରିବ ତାହା ସେ ବର୍ଣନା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ପ୍ଲାଷ୍ଟିକ ପ୍ରଦୂଷଣ ସମସ୍ୟା ଓ ଏହାର ସମାଧାନ ସମ୍ବନ୍ଧରେ ଅଲକଚନା କରିଥିଲେ। ସହ ଉଦ୍ୟାନ ନିର୍ଦ୍ଦେଶକ ସାମ୍ମାନୀୟ ଅତିଥି ରୂପେ ଯୋଗ ଦେଇ ଉଦ୍ଭିଦର ଶତ୍ରୁ ପ୍ଲାଷ୍ଟିକକୁ କିପରି ଆମଠାରୁ ଦୁରେଇ ଦେଇ ପରିବା ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉପେନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଭା ପତି ରୂପେ ସଭା ପରିଚ୍ଛଳନା କରିଥିଲେ। ସମିତିର ସମ୍ପାଦକ ଡଃ ଶରତ କୁମାର ସାହୁ ଆଲୋଚନା ଚକ୍ରର ଉଦ୍ଦେଶ୍ୟ କ୍ଷୟ ଆବଶ୍ୟକତା ଉପେର ସୂଚନା ପ୍ରଦାନ କରିଥିଲେ। ପଣ୍ଡିତ ଭୂପତି ଭୂଷଣ ମିଶ୍ର ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇ ସଚେତନତା ବାର୍ତ୍ତା ସହିତ କିଛି ପରିବେଶ କାର୍ଯ୍ୟ କରିବାକୁ ମତ ପୋଷଣ କରିଥିଲେ।

## ସମ୍ବଲପୁରରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ

### ଏସ୍‌ଏମ୍‌ସି ଅଞ୍ଚଳରେ ଲାଗିବ ଏକ ଲକ୍ଷ ଗଛ

**ସମ୍ବଲପୁର,(ଡିକେ ନ୍ୟୁଜ୍):** ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନର ଆନୁକୁଲ୍ୟରେ ଏକ ସଭା ଜାମପାଲି ସ୍ଥିତ ନର୍ସରୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସାଂସଦଙ୍କ ପ୍ରତିନିଧି ନାଉରି ନାଏକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର, ଡିଏଫ୍‌ଓ କଳିଙ୍ଗ ଗୋରାଖ ୱ୍ୱାମନ୍‌ଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସବୁଜ ସମ୍ବଲପୁର ମିଶନର ଶୁଭାରମ୍ଭ ହୋଇଯାଇଛି। ଏହି ମିଶନ ମାଧ୍ୟମରେ ଜୁନ ୫ରୁ ଅଗଷ୍ଟ ୩୧ ମଧ୍ୟରେ ଏସଏମସି ଅଞ୍ଚଳରେ ୧ ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି। ସମ୍ବଲପୁର, ଡିଏଫ୍‌ଓ କଳିଙ୍ଗ ଗୋରାଖ ୱ୍ୱାମନ୍ ନିଜ ସ୍ୱାଗତ



ଅଭିଭାଷଣରେ ଚଳିତ ବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ବିଷୟ ବସ୍ତୁ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ତ ଉପରେ ଆଧାରିତ ଆମର ମୃତ୍ତିକା, ଜଳ, ଜଙ୍ଗଲ ଓ ଜୈବବିବିଧତା ପ୍ଲାଷ୍ଟିକ ଆବର୍ଜନା ବୃଦ୍ଧି ଯୋଗୁଁ ବିପଦର ସମ୍ମୁଖୀନ ହେଉଛି। ଏକକ ବ୍ୟବହୃତ ପ୍ଲାଷ୍ଟିକର ଅତ୍ୟଧିକ ଉତ୍ପାଦନ ଏବଂ ବ୍ୟବହାର, ଅପର୍ଯ୍ୟାପ୍ତ ବର୍ଜ୍ୟର ସୃଷ୍ଟି ଏବଂ ଉପଯୁକ୍ତ ପରିବେଶ ଅନୁକୂଳ ବିସ୍ଥାପନ ବ୍ୟବସ୍ଥା ନଥିବା ଯୋଗୁଁ ଆମ ପରିବେଶରେ ପ୍ଲାଷ୍ଟିକ୍ ଆବର୍ଜନା ବୃଦ୍ଧି ପାଉଛି। ଆମ ରାଜ୍ୟ ସରକାର ଏହି ସମସ୍ୟାର ସମାଧାନ ପାଇଁ ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବା, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ବିଶ୍ୱ ପରିବେଶ ଦିବସ ଅବସରରେ ସମସ୍ତଙ୍କୁ ବୃକ୍ଷରୋପଣ କରିବାକୁ କହିଥିଲେ। କେବଳ ଗଛ ଲଗେଇଲେ ହେବନି ତାହାର ଯତ୍ନ ନେବାକୁ କହିଥିଲେ। ଗୋଟେ ଦୃଶ୍ୟମାନ ଜାଗା, ସର୍ବସାଧାରଣ ଜାଗାରେ ଗଛ ଲଗେଇବାକୁ ପରାମର୍ଶ ଦେଇଥିଲେ। ଯାହା ଦ୍ୱାରା ସମସ୍ତ ଲୋକ ଲାଭବାନ ହୋଇପାରିବେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିଜ ଅଭିଭାଷଣରେ ବିଶ୍ୱ ପରିବେଶ ଦିବସ ପାଳନର ବିଷୟ ବସ୍ତୁ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ତ ଉପରେ ଧ୍ୟାନ ଦେବା ପ୍ରତି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମା' ପାଇଁ ଗଛଟିଏ ଅଭିଯାନ ନେଇ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଚାରା ବଣ୍ଟନ କରାଯାଇଥିଲା ଏବଂ ଅତିଥିବୃନ୍ଦ ମାନେ ମା' ପାଇଁ ଗଛ ଟିଏ ଅଭିଯାନ ନେଇ ବୃକ୍ଷ ରୋପଣ କରିଥିଲେ।

## ଲାଞ୍ଚ ନେଇ ସେକ୍ସନ ଅଫିସର ଗିରଫ



**ପୁରୀ,(ଡିକେ ନ୍ୟୁଜ୍):** ବିଭାଗୀୟ କର୍ମଚାରୀଙ୍କ ଠାରୁ ବୈଦ୍ୟୁତିକ ଯାନ ଅଗ୍ରୀମ ଦେୟ କାଗଜ ପତ୍ର ପ୍ରସ୍ତୁତି ଲାଗି ଲାଞ୍ଚ ନେବାବେଳେ ପୁରୀ ଏସଡିଭିଓ ସେକ୍ସନ ଅଫିସର ମନୋଜ ମହାନ୍ତି ଭିଜିଲାନ୍ସ ହାତରେ ଧରି ପଡିଛନ୍ତି। ମନୋଜ ତାଙ୍କ ଅଫିସ କାର୍ଯ୍ୟାଳୟରେ ୯୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ତାଙ୍କ ଠାରୁ କେମିକାଲ ବୋଳା ଯାଇଥିବା ଅର୍ଥ ଜବତ କରଯାଇଥିଲା। ଏଥିସହିତ  ମନୋଜ ହାତ ଓ ପ୍ୟାଣ୍ଟ ପ୍ୟାକେଟ ଧୋଇବାରୁ କେମିକାଲ ରଙ୍ଗ ବାହାରିଥିଲା। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇଛି। ଲାଞ୍ଚ ଟଙ୍କା ଜବତ ହେବା ସହିତ ତାଙ୍କ କଟକ ୪୨ ମୌଜା ସ୍ଥିତ ବାସଭବନ, କଟକ ମହଙ୍ଗାସ୍ଥିତ ପୈତୃକ ବାସଭବନ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ମିଳିଥିବାସୂଚନା ଅନୁଯାୟୀ ଅଭିଯୋଗକାରୀ ଏବଂ ଅନ୍ୟ ୫ ଜଣଙ୍କ ବୈଦ୍ୟୁତିକ ଯାନ କିଣିବା ପାଇଁ ସରକାର ଆବଶ୍ୟକୀୟ ଅଗ୍ରୀମ ଅର୍ଥ ମଞ୍ଜୁର କରିଥିଲେ। ତେବେ ମହାନ୍ତି ଅଗ୍ରୀମ ଅର୍ଥ ପ୍ରଦାନ ଲାଗି ପ୍ରୋସେସିଂ ପ୍ରକ୍ରିୟାରେ ଜାଣିଶୁଣି ବିଳମ୍ବ କରୁଥିଲେ। ମଞ୍ଜୁର ଅଗ୍ରୀମ ଅର୍ଥ ପ୍ରୋସେସିଂ ପାଇଁ ମନୋଜ ଲାଞ୍ଚ ଦାବି କରୁଥିଲେ। ଏ ସମ୍ପର୍କରେ ଅଭିଯୋଗକାରୀ ଏବଂ ଅନ୍ୟ ୫ଜଣ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ  ଜଣାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭୁବନେଶ୍ୱରସ୍ଥିତ ଭିଜିଲାନ୍ସ ଅଧିକାରୀମାନେ  ଅଭିଯୋଗକାରୀଙ୍କୁ କେମିକାଲ ବୋଳା ଟଙ୍କା ଦେଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ।

## ମେଧା ପାଟକରଙ୍କୁ ଅଟକ ଘଟଣାକୁ ନେଇ ଗାନ୍ଧୀବାଦୀ ଗଣ ସଙ୍ଗଠନର ନିନ୍ଦା



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ବିଶ୍ୱ ପରିବେଶ ଦିବସ ଅବସରରେ ରାୟଗଡ଼ା ଜିଲ୍ଲାର କାଶୀପୁର ଅଞ୍ଚଳରେ ଆୟୋଜିତ ପରିବେଶ ସୁରକ୍ଷା ସମାବେଶରେ ଯୋଗଦେବା ପାଇଁ ଆସିଥିବା ବିଶିଷ୍ଟ ଜନ ଆନ୍ଦୋଳନ ନେତ୍ରୀ ମେଧା ପାଟେକର, କୃଷକ ନେତା ଲିଙ୍ଗରାଜ, ଜନ ଆନ୍ଦୋଳନ କର୍ମୀ ନରେନ୍ଦ୍ର ମହାନ୍ତି ଓ ସାମାଜିକ କର୍ମୀ ହର ବଣିଆଙ୍କୁ ରାୟଗଡ଼ା ଷ୍ଟେସନରେ ଅଟକ କରି ସଭାକୁ ଯିବାରୁ ଅଟକ ରଖି ସେମାନଙ୍କୁ ବ୍ରହ୍ମପୁରକୁ ଫେରାଇ ଦିଆଯିବା ଘଟଣା ଗଭୀର ଭାବେ ଲୋକତନ୍ତ୍ର ବିରୋଧୀ ଏବଂ ଗଣତନ୍ତ୍ର ଉପରେ ଆକ୍ରମଣ। ଏହା ଅଭିବ୍ୟକ୍ତିର ସ୍ୱାଧୀନତା, ଆନ୍ଦୋଳନର ଅଧିକାର ଓ ପରିବେଶ- ଆଦିବାସୀ ଅଧିକାର ପ୍ରତି ଚାପ ଓ ଦମନ ରାଜନୀତିର ଏକ ନଗ୍ନ ଉଦାହରଣ।

## ମୈଥାନ ଇସ୍ପାତ ତରଫରୁ ବୃକ୍ଷ ରୋପଣ



**ଦାନଗଦି,(ଡିକେ ନ୍ୟୁଜ୍):** ସମଗ୍ର ଭାରତରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିବା ବେଳେ ରାଜ୍ୟ ପ୍ରଦୂଷଣ ବିଭାଗ କଳିଙ୍ଗ ନଗର ଶାଖା ଏବଂ ମୈଥାନ ଇସ୍ପାତ ଆନୁକୁଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ମାନତୀରା କଲେଜ ପ୍ରାଙ୍ଗଣରେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ (ରାଜ୍ୟ ପ୍ରଦୂଷଣ ବିଭାଗ ଓଡ଼ିଶା ) ସହକାରୀ ପରିବେଶ ବିତ୍ ବୈଜ୍ଞାନିକ ସୌମେନ୍ଦ୍ର ସାହୁ, ମୈଥାନ ଇସ୍ପାତ ଲିମିଟେଡର ସହାୟକ ସଭାପତି କୁମାର ବୀର ବର୍ଦ୍ଧନ, ମୈଥାନ ଇସ୍ପାତ ଲିମିଟେଡର ଚିଫ୍ ସିକୁରିଟି ଅଫିସର କ୍ୟାପଟେନ ଦୀପକ କୁମାର ମହାରଣା, କନିଷ୍ଠ ପ୍ରବନ୍ଧକ ପରିବେଶ ବିଭାଗର ପ୍ରମୋଦ କୁମାର ବେହେରା ଏବଂ ହିଉମାନ ରିସର୍ଚ୍ଚ ବିଭାଗ ମୈଥାନ ଇସ୍ପାତ ଲିମିଟେଡର ସମରେନ୍ଦ୍ର ଘଡ଼ାଇ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା।ବୃକ୍ଷ ହିଁ ଜୀବନ, ଆଜି ବିଶ୍ୱ ପରିବେଶ ଦିବସ ଏହା ପ୍ରତ୍ୟେକ ପାଇ ଏକ ଗୁରୁତ୍ୱର ଦିନ। ମଣିଷ ସୁନ୍ଦର ଭାବରେ ବଞ୍ଚିବା ଏକ ସୁନ୍ଦର ପରିବେଶ ଆବଶ୍ୟକ। ବର୍ତ୍ତମାନ ଆମ ସୁନ୍ଦର ପରିବେଶ ଦୂଷିତ ହେବାରେ ଲାଗିଛି । ଏହାର ସୁରକ୍ଷା କରିବା ନୀତାନ୍ତ୍ୟ ଆବଶ୍ୟକ।

## ଗଣ୍ଡାହାତୀ ରେ ଠାକୁରାଣୀ ଯାତ୍ରା ସମ୍ପନ୍ନ

**ପାରଳାଖେମୁଣ୍ଡି,(ଡିକେ ନ୍ୟୁଜ୍):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଗଣ୍ଡାହାତୀ ଗ୍ରାମରେ ସାତଦିନ ବ୍ୟାପି ଗ୍ରାମ ଦେବତୀ ମା' ମାହେଶ୍ୱରୀ ଠାକୁରାଣୀଙ୍କ ଘଟଯାତ୍ରା ମହା ଆଡମ୍ବରରେ ସମ୍ପନ୍ନ ହୋଇଯାଇଛି। ପ୍ରଥମ ଦିନ ମାଙ୍କୁ ସ୍ଥାୟୀ ମନ୍ଦିରରୁ ପୂଜାର୍ଚ୍ଚନା କରି ପଟୁଆରରେ ଅଣାଯାଇ ମା'ଙ୍କ ସକାଶେ ନିର୍ମିତ ଅସ୍ଥାୟୀ ମନ୍ଦିରରେ ରଖାଯାଇଥିଲା। ଦ୍ୱିତୀୟ ଦିନ ଠାରୁ ସପ୍ତମ ଦିନ ଯାଏଁ ପ୍ରତିଦିନ ମାଙ୍କ ଚଙ୍ଗୁଡ଼ି ଏବଂ ଘଟ ହାଣ୍ଡି ଗ୍ରାମର ସମସ୍ତ ସାହି ପରିକ୍ରମା କରୁଥିଲେ। ଏହାସହ ଆଖ ପାଖରୁ ଆସିଥିବା ଜନସାଧାରଣଙ୍କ ମନୋରଞ୍ଜନ ସକାଶେ ଡ୍ୟାନ୍ସ କାର୍ଯ୍ୟକ୍ରମ, ଭକ୍ତ ପ୍ରହଲ୍ଲାଦ ନାଟକ, ସତ୍ୟନାରାୟଣ ପାଲା ଏବଂ ଯାତ୍ରା କହିବାକୁ ଲାଜ ଶୁଣିଲେ ପାପ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭକ୍ତ ପ୍ରହଲ୍ଲାଦ ନାଟକଙ୍କୁ ଗାରାବନ୍ଧା ଥାନା ଅଧିକାରୀ



ପ୍ରଶାନ୍ତ କୁମାର ନିଶିକା ଉଦ୍‌ଘାଟନ କରିଥିବା ବେଳେ ଯାତ୍ରା ନାଟକଙ୍କୁ ମାନ୍ୟବର ମୋହନା ବିଧାୟକ ଦାଶରଥି ଗମାଙ୍ଗ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଯାତ୍ରାକମିଟି ସଭାପତି ଅଶୋକ ଦଳାଇ, ଉପସଭାପତି ସୁକୁଟା ମଣ୍ଡଳ, କୋଷାଧକ୍ଷ ବିଷ୍ଣୁ ପ୍ରସାଦ ସାଂକିଲି, ଗଣେଶ ସାଂକିଲି, କେ.ଚିନା ନାଇଡୁ, ଶରତ ଚନ୍ଦ୍ର କାର୍ଜୀ, ତ୍ରିନାଥ ବେହେରା, ରାମଚନ୍ଦ୍ର କାର୍ଜୀ, ରମେଶ ଗୌଡ଼, ସନ୍ତୋଷ ବିଡ଼ିକି, ରାମଚନ୍ଦ୍ର ବେହେରା, ପ୍ରକାଶ ଗୁନାଙ୍କ ସହ ଯୁବ ଗୋଷ୍ଠୀର ସାଗର ଲାବାନ୍ୟ, ରସାନନ୍ଦ ପାତ୍ର, ଦଣ୍ଡପାଣି କାର୍ଜୀ, ବିନୋଦ ବିଷୋୟୀ, ଦମ୍ବରୁ ଧର ପାଇକ, ରାଜା ପାଇକ , ରଂଜିତ କୁମାର ପାତ୍ର , କୈଳାସ ଗୌଡ଼ , ଭୋଳା ଗୌଡ଼, ପ୍ରମୋଦ ବିଡ଼ିକି, ଜିତୁ ଦଳାଇ, ରବି, ରିଙ୍କୁ , ରାହୁଲ, ଟୁକୁନା, କାଳିଆ, ଗୌତମ, ଦୀପକ, ଗଣେଶ, ଶିବୁଲୁ, ଚନ୍ଦନ, ସାଗର, ମଣ୍ଟୁ, ଚିନୁ , ସାଇଲ ଓ ମିଟୁ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଋଣ ଛାଡ ଦାବି କଲା କଂଗ୍ରେସ



**ବରଗଡ଼,(ଡିକେ ନ୍ୟୁଜ୍):** ବରଗଡ଼ ଜିଲ୍ଲାରେ ଅଦିନିଆ ବର୍ଷା ଯୋଗୁଁ ରବି ଧାନ ଓ ପନିପରିବାର ହୋଇଥିବା କ୍ଷୟକ୍ଷତି ସମ୍ବନ୍ଧରେ ବରଗଡ଼ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ସହିତ, ସମସ୍ୟାର ସମାଧାନ ପାଇଁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦିପ ସିଂଙ୍କ ନେତୃତ୍ୱରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଏହି ସ୍ମାରକ ପତ୍ରରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ରାଜ୍ୟ ସରକାର ୩୦ ହଜାର ଟଙ୍କା ପ୍ରଦାନ କରନ୍ତୁ, ଚାଷୀଙ୍କ କୃଷି ଋଣ ସମ୍ପୂର୍ଣ୍ଣ ଛାଡ କରାଯାଉ। କୃଷକଙ୍କୁ ପ୍ରଚଳିତ କୃଷି ଇନପୁଟ ଦ୍ୱିଗୁଣିତ କରାଯାଇ ପ୍ରଦାନ କରାଯାଉ। ପନିପରିବା କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଏକର ପିଛା ୫୦ ହଜାର ଟଙ୍କା ପ୍ରଦାନ କରାଯାଉ। ଅଦିନିଆ ବର୍ଷା ରେ ଭିଜିଯାଇଥିବା ଧାନକୁ ଏମଏସପିରେ କ୍ରୟ କରାଯାଉ ବୋଲି ଦାବି କରାଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ, ଯୁବ କଂଗ୍ରେସ , ଛାତ୍ର କଂଗ୍ରେସ, ନଗର କଂଗ୍ରେସ, କିସାନ କଂଗ୍ରେସର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଯୁଗଳ ପ୍ରସାଦ ସିଂହ, ସରୋଜ କୁମାର ଷଡଙ୍ଗୀ, ଅନନ୍ତ ଶୟନ ପାଢ଼ୀ, କିଶୋର ଦଫାଦାର, ନିପନ କୁମାର ଦାଶ, ଅଭିଷେକ ସେଠ, ବ୍ରହ୍ମାନନ୍ଦ ମହାକୁଡ଼, ପ୍ରଦୀପ ଦେବତା, ରବିନ୍ଦ୍ର ଦାଶ, ପଞ୍ଚାନନ ମିଶ୍ର, ରବିନାରାୟଣ ପଣ୍ଡା, ପ୍ରତାପ ଚନ୍ଦ୍ର ନାୟକ,ରଞ୍ଜନ ସେଠି,ଗୁଣ ମଣି ସାହୁ, ଆନନ୍ଦ ପ୍ରଧାନ, ସୁଭେନ୍ଦୁ ସାହୁ, ପାଣ୍ଡବ କର୍ଣ୍ଣ, ରମେଶ ପଣ୍ଡା, ଅମିତ ଆଚାର୍ଯ୍ୟ, ସୁରେଶ ମହାନନ୍ଦ, ସୁଶିଲ କୁମାର ଭୋଇ, ମନୋହର ପ୍ରଧାନ, କିଶୋର ସାହୁ , ସରୋଜ କୁମାର ଭୋଇ, ବରୁଣ ସାଗର, ସଦାନନ୍ଦ ମହାନନ୍ଦ,ସୁରୁ ବରାଇ, ମାଧବ ସାହୁ, କ୍ଷିରସିନ୍ଧୁ ଡାଙ୍ଗ, କିଶୋର କୁମାର ବରେଇ, ସୁଶାନ୍ତ ସାହୁ , ବିମଳ ଶିକ୍କା, ଦୟାସାଗର ମଣ୍ଡେଲି , ଅକ୍ଷୟ କୁମାର ପତି, ଅକ୍ଷୟ ମାହାପାତ୍ର, ଗୁଣନିଧି ମିଶ୍ର, ପ୍ରତାପ ନାଗ, ତୁଳସୀ ରାମ ବେର,ଶାନ୍ତି ସେଠ, ଏକାଦଶୀ ମାଝୀ, ଠାକୁର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦ୍ୱୀପରେ ସିରିଜ୍ ଦୁର୍ଘଟଣା



**ପାରାଦ୍ୱୀପ,(ଡିକେ ନ୍ୟୁଜ୍):** କଟକ-ପାରାଦୀପ' ରାସ୍ତାରେ ପନ୍ଦର ନମ୍ବର ନିକଟରେ ସିରିଜ ଦୁର୍ଘଟଣା, ଘଟଣା ସ୍ଥଳରେ ୫ଜଣ ଆହତ ହୋଇଥିବା ବେଳେ ଦୁଇଜଣ ଗୁରୁତର ଭାବେ କଟକ ସ୍ଥାନାନ୍ତର। ସୂଚନାନୁଯାୟୀ କଟକ ଆଡୁ ଦୃତ ଗତିରେ ଆସୁଥିବା ଏକ କାର ପିକପ୍ ଭ୍ୟାନ୍‌କୁ ପିଟି ଅନ୍ୟ ଏକ କାର୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଦୃତଗତିରେ ଆସି ଧକ୍କା ଦେଇଥିବା କାର୍‌ଟି ଚାରି ପଲଟା ଦେଇଥିବା ବେଳେ କାର୍‌ରେ ଥିବା ୪ଜଣଙ୍କ ସମେତ ପିକ୍‌ଅପ ଭ୍ୟାନ୍‌ର ଡ୍ରାଇଭର ଜଣଙ୍କ ଆହାତ ହୋଇ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଇଛି। ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଗୁରୁତର ଆହାତ ହୋଇଥିବା ୨ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ସ୍ଥାନୀୟ ଲୋକଙ୍କ ଉତ୍ତେଜନା ଦେଖା ଦେଇଥିବା ବେଳେ ଖବରପାଇ କୁଜଙ୍ଗ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ଅଖ ଉପରକୁ ଉଠିଲା ଦଣ୍ଡା ଫ୍ରେମ

**ପୁରୀ,(ଡିକେ ନ୍ୟୁଜ୍):** ରଥ ନିର୍ମାଣ କାର୍ଯ୍ୟର ୩୫ ତମ ଦିବସ। ଆଜିର ଅଖ ଉପରକୁ ଦଣ୍ଡା ଫ୍ରେମ ଉଠିଛି । ଗତକାଲି ତିନିରଥର ଚକ -ଅଖ ଥାକ ସହ ଦିଗ ନିର୍ଣ୍ଣୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ରଥର ବିଭିନ୍ନ ଅଂଶ ନିର୍ମାଣ ଜାରି ରହିଥିଲା। ତିନିରଥର ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକମାନଙ୍କ ସହଯୋଗରେ ତିନିରଥର  ଚକ ଥାକ ସହ ଦିଗ ନିର୍ଣ୍ଣୟ କାର୍ଯ୍ୟ ଶେଷ ହୋଇଥିଲା। ଏଥିସହ ତିନିରଥ ଅଖ ଉପରକୁ ଦଣ୍ଡା ଫ୍ରେଂମ ଉଠିବା କାର୍ଯ୍ୟ ସମ୍ପନ୍ନ ହୋଇଛି। ରଥଯାତ୍ରା ପୂର୍ବ ଦିନ ତିନି ରଥ ଗୁଡ଼ିକ ବିନା ବାଧାରେ ଯେପରି ନିଜ ନିଜ ସ୍ଥାନରେ ସିଂହଦ୍ୱାର ଠାରେ ପହଞ୍ଚି ପାରିବ ସେ ଦୃଷ୍ଟିରୁ ଦିଗ ନିର୍ଣ୍ଣୟ କରାଯାଇ ଚକ -ଅଖ ଗୁଡ଼ିକୁ ସେଟିଂ କରାଯାଇଛି। ଏଥିସହ ରଥ ନିର୍ମାଣ ସମୟରେ ଚକ ଗୁଡ଼ିକ ନିଜ ସ୍ଥାନରୁ ନ ଗଡିବା ପାଇଁ ପ୍ରତ୍ୟେକ ଚକର ଉଭୟ ପାର୍ଶ୍ୱରେ  ଆମ୍ବ ଗଡ ବାନ୍ଧ ଦିଆଯାଇଛି। ତିନିରଥ ଦଣ୍ଡାକୁ ଅଖ



ସହ ସେଟିଂ କରାଯାଇ ପାଞ୍ଚ ଦଣ୍ଡା ଆଗ, ପଛରେ ମୁହାଁଟ ସଂଯୋଗ ହେବ। ଏଥିସହ ଆଜି ତିନି ରଥର ପୋଲ ଗୟଳ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି, ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ୧୨ଟି ଲେଖାଏଁ ଗୟଳ ରୁ ୭ଟି ଲେଖାଏଁ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଥିବା ବେଳେ ଦର୍ପଦଳନ ରଥର ମୋଟ ୮ଟି ଗୟଳରୁ ୫ଟି ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଛି ରୂପକାର ସେବକମାନେ ତିନିରଥର ବେଦୀ ସିଂହାସନ ମୁହାଁଟରେ ଚିତ୍ର ଖୋଦେଇର ପଲିସ କାର୍ଯ୍ୟ ସହ ତିନିରଥ ନାଟ ଗୋଡ଼ରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ଦଣ୍ଡା କଣ୍ଟା ଶେଷ କରି ନଦା କଣ୍ଟା ନିର୍ମାଣ କରୁଛନ୍ତି। ସେହିପରି ଦୋଳବେଦୀ ଠାରେ ପାହି ମହାରଣାମାନେ ଅଣସର ଏବଂ ରଥ ଯାତ୍ରାରେ ସେବାପୂଜା କାଠ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

## ଭଞ୍ଜନଗର ବ୍ଲକ ବାହାଡାପଦର ନୋଡାଲ ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର



**ଭଞ୍ଜନଗର,(ଡିକେ ନ୍ୟୁଜ୍):** ଏଠାରୁ ପ୍ରାୟ ଦଶ କିଲୋମିଟର ଦୂର ବାହାଡାପଦର ନୋଡାଲ ହାଇସ୍କୁଲକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ପରିବେଶ ଦିବସ ଅବସରରେ କୃଷି ଶିକ୍ଷା ସଦନ, ଭୁବନେଶ୍ୱର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ ସହ ପୁରସ୍କୃତ କରିଥିଲେ। ବିଦ୍ୟାଳୟରେ ବୃକ୍ଷ ରୋପଣ, ସଚେତନତା କାର୍ଯ୍ୟକ୍ରମ, ପରିବେଶ ସମ୍ପର୍କୀୟ ଆଲୋଚନା ଚକ୍ର ସହ ବୃକ୍ଷର ରକ୍ଷଣା ବେକ୍ଷଣକୁ ଗୁରୁତ୍ୱ ଦେଇ ଏକ ସବୁଜ ବଳୟ ତିଆରି କରି ଅନୁଷ୍ଠାନ ଅଞ୍ଚଳ ପାଇଁ ସୁନାମ ଆଣିପାରିଛି। ଏକ୍ଷେତ୍ରରେ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ, ହୃଷିକେଶ ନାୟକ, ବାବୁଲା ନାୟକ, ପ୍ରବୀଣ କୁମାର ଜେନା, ଜାତୀୟ ସବୁଜ ବାହିନୀ, ଭାରତ ସ୍କାଉଟ ଗାଇଡ଼ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ଭୂମିକା ରହିଛି । ଅନୁଷ୍ଠାନକୁ ଉକ୍ତ ପୁରସ୍କାର ମିଳିଥିବା ଯୋଗୁଁ ପ୍ରାକ୍ତନ ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ଜଗବନ୍ଧୁ ଜେନା, ବିଦ୍ୟାଳୟ ପରିଚ୍ଛଳନା କମିଟି ସଭାପତି ତ୍ରିଲୋଚନ ଦାସ କୃତଜ୍ଞତା ଜଣାଇଛନ୍ତି।

## ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ବିଶ୍ୱ ପରିବେଶ ଦିବସ



**ପାରାଦ୍ୱୀପ,(ଡିକେ ନ୍ୟୁଜ୍):** ପାରିବେଶକୁ ସୁରକ୍ଷିତ ରଖିବା ପାଇଁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ପାରାଦିପ ମଧୁବନ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଏହି ଦିବସ ପାଳନ କରାଯାଇଛି। ଚଳିତ ବର୍ଷ ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରନ୍ତୁ ବିଷୟକୁ ନେଇ ସାରା ଦେଶରେ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ନିଜ ନିଜର ମତା ରଖିଥିଲେ। ପରେ କମ୍ପାନୀର ଅନ୍ୟ ସମସ୍ତ ଅଧିକାରୀ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ସ୍ଥାନରେ ଗଛ ଲଗାଇ ଥିଲେ। ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ. ବଂଚିବାକୁ ନିର୍ମଳ ବାୟୁ, ସ୍ୱଚ୍ଛ ଜଳ ଓ ବୃକ୍ଷର ଆବଶ୍ୟକତା ରହିଛି। ସେଥିପାଇଁ ସମସ୍ତେ ନିଜ ନିଜ ଘରେ କିମ୍ବା ଉପଯୁକ୍ତ ସ୍ଥାନରେ ଗଛ ଲଗାଇବାକୁ ବରିଷ୍ଠ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ। ଏଥି ସହିତ ଏକକ ପ୍ଲାଷ୍ଟିକର ଉତ୍ପାଦନ ଓ ଅଧିକ ବ୍ୟବହାର ପାଇଁ ଆମ ପରିବେଶରେ ପ୍ଲାଷ୍ଟିକ ଆବର୍ଜନା ବୃଦ୍ଧି ପାଉଛି। ତେଣୁ ଆଜିର ଦିନରେ ଏହାର ବ୍ୟବହାର କିଭଳି ହ୍ରାସ କରାଯିବ ସେ ନେଇ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଏକ ଶପଥ ପାଠ କରାଯାଇଥିଲା

## ଗ୍ରାମାଞ୍ଚଳରେ ସହରୀ ଡାକ୍ତରଙ୍କ ନିଆରା ପ୍ରୟାସ

**ଅସ୍ତରଙ୍ଗ,(ଡିକେ ନ୍ୟୁଜ୍):** ଅସ୍ତରଙ୍ଗ ଅଞ୍ଚଳରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଖିବାକୁ ମିଳିଛି ଏକ ପରିବର୍ତ୍ତନ। ଫିଜିଓଥେରାପି ଯାହା ଏକ ଚିକିତ୍ସା ପଦ୍ଧତିର ଆତ୍ମବିଶ୍ୱାସ, ଦୈନନ୍ଦିନ ଜୀବନରେ ଆଜିର ସାଧାରଣ ଲୋକ ଅନେକ ପ୍ରକାର ଆଣ୍ଠୁଗଣ୍ଠି ଜନିତ ସମସ୍ୟାକୁ ନେଇ ଯେଉଁ ପ୍ରକାର କଷ୍ଟ ଓ ଯନ୍ତ୍ରଣା ଅନୁଭବ କରୁଛନ୍ତି ତାହା ଠୁ ଅଧିକ ଗରିବ ଓ ମଧ୍ୟବିତ୍ତ ଚାଷୀ ପରିବାର ଲୋକ ଏହି ଅତ୍ୟାଧୁନିକ ଶାରୀରିକ ଅଙ୍ଗ ପରିଚାଳନା ଫିଜିଓଥେରାପି ଚିକିତ୍ସା ନିୟମିତ ପାଇବାକୁ ଭୋଗୁଛନ୍ତି ଅନେକ ସମସ୍ୟା। ସାଧାରଣତଃ ଦୁର୍ଘଟଣାରେ ସ୍ନାୟୁ ଅଚଳ, ପକ୍ଷାଘାତ ରୋଗରେ ଛଟପଟ ହେଉଥିବା ରୋଗୀଙ୍କୁ ଡାକ୍ତର ଏହି ଚିକିତ୍ସା ନେବାକୁ ପରାମର୍ଶ କରୁଥିବା ବେଳେ ଏହି ବ୍ୟୟ ବହୁଳ ଚିକିତ୍ସା ପାଇବାକୁ ସହରରେ ଅନେକ ଲୋକ ଋଣ କରିବା ସହିତ ଜମିବାଡ଼ି ଓ ସୁନା ଗହଣା ବନ୍ଧକ ରଖୁଛନ୍ତି। କଟକରେ କାମ କରୁଥିବା ଡ଼ଃ ଆତ୍ମଜ ଛାଟୋଇ ଏହି ଲୋକଙ୍କର କଷ୍ଟକୁ ଅନୁଭବ କରି ନିଜ ଗ୍ରାମାଞ୍ଚଳରେ ନିକଟରେ ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ଏହି ଚିକିତ୍ସାକୁ ଯୋଗାଇ ଦେବା ପାଇଁ ଋଣ କରି ଉଦ୍‌ଘାଟନ କରିଛନ୍ତି ପ୍ରଜ୍ଞା ଫିଜିଓଥେରାପି। ଡ଼ଃ ଆତ୍ମଜଙ୍କ ଆହୁରି ଏକ ସେବା ଯିଏକି ଅନେକ ଆର୍ଥିକ ଅନାଟନ ପରିବାରକୁ ଯୋଗାଇ ଚାଲିଛନ୍ତି ମାଗଣା ଚିକିତ୍ସା। ଯେଉଁଥି ପାଇଁ ଅନେକ ବ୍ୟକ୍ତି ତାଙ୍କୁ ନିଜ ପୁଅ ଭଳି ସ୍ନେହ ପ୍ରଦାନ କରିଛନ୍ତି। ଆଜି ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ନଡିଆ ବାଡେଇବା ସହ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ନୂଆଗଡ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ବିଜେପି ନେତା ଅଧିକାରୀ ବେହେରା, ସମାଜସେବୀ ଭାଗିରଥି ଲେଙ୍କା, ହୃଷିକେଶ ଛାଟୋଇ, ନଟକିଶୋର ମହାନ୍ତି ଓ ଅସ୍ତରଙ୍ଗ ଜଗତସିଂହପୁର ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହିବା ସହିତ ଯୁବ ଫିଜିଓଥେରାପି ଡ଼ଃ ଆତ୍ମଜ ଛାଟୋଇଙ୍କ ନିଷ୍ଠାପର ପ୍ରୟାସ କୁ ପ୍ରଶଂସା କରିଥିଲେ।

## ଟିଟିଲାଗଡ଼ ପ୍ରଭାବତୀ ପବ୍ଲିକ ସ୍କୁଲକୁ ମିଳିଲା ପ୍ରକୃତି ମିତ୍ର ପୁରସ୍କାର




**ଟିଟିଲାଗଡ଼,(ଡିକେ ନ୍ୟୁଜ୍):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଭୁବନେଶ୍ୱର ଠାରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ । ଏହି ଅବସରରେ ଓଡ଼ିଶାର ୧୮୫ ଟି ଶିକ୍ଷାନୁଷ୍ଠାନକୁ ଏହି ପୁରସ୍କାର ମିଳିଥିବା ବେଳେ ଟିଟିଲାଗଡ଼ ପ୍ରଭାବତୀ ପବ୍ଲିକ ସ୍କୁଲକୁ ମଧ ମାନପତ୍ର ସହ କୋଡ଼ିଏ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଥିଲେ । ଏହି ପୁରସ୍କାର ଗ୍ରହଣ କରିଥିଲେ ସ୍କୁଲ ଅଧକ୍ଷା ଡ ସୁନନ୍ଦା ଜତି । ପୁରସ୍କାର ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ପରିବେଶ, ଜଙ୍ଗଲ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ । ଏହି ଅବସରରେ ସ୍କୁଲର ଡାଇରେକ୍ଟର ଆଡମିନ୍ ଧରିତ୍ରୀ ମହାନ୍ତି, କୋର୍ଡିନେଟର ପ୍ରମୋଦ କୁମାର ପାଲ ମଧ ଉକ୍ତ ସଭାରେ ଉପସ୍ଥିତ ଥିଲେ । ଟିଟିଲାଗଡ଼ ପ୍ରଭାବତୀ ପବ୍ଲିକ ସ୍କୁଲରେ କିଛି ବର୍ଷ ହେବ ଲଗାତାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନେବା ସହ ତାଙ୍କ ସ୍କୁଲ ପରିସରରେ ଏକ କୃତ୍ରିମ ଜଙ୍ଗଲ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । ଫଳ ସ୍ୱରୂପ ଏହି ପୁରସ୍କାର ପାଇଛୁ ବୋଲି ସ୍କୁଲ ଅଧକ୍ଷା ଡ ଜତି ସୂଚନା ଦେଇଛନ୍ତି ।

## ଜେକେ କାଗଜ କଳ ପରିସରରେ ବିଶ୍ୱ ପରିବେଶ ଦିବସ




**ରାୟଗଡା,(ଡିକେ ନ୍ୟୁଜ୍):** ଜେକେ କାଗଜ କଳ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପସଭାପତି (କାର୍ମିକ)ଯୋଗ ଦେଇଥିଲେ ଓ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ପରେ କାଗଜ କଳର କର୍ମଚାରୀ ମାନେ ୧୦୦୦ ପାଖପାଖି ବୃକ୍ଷ ଲଗାଇ ଥିଲେ । ଏହି ଅବସରରେ ତାଙ୍କ ବକ୍ତବ୍ୟରେ କର୍ମଚାରୀଙ୍କୁ ଆଗ୍ରହ କରିଥିଲେ ଯେ, ନିଜର ଦୈନନ୍ଦିନ କାର୍ଯ୍ୟରେ ପ୍ଲାଷ୍ଟିକର ଉପଯୋଗକୁ କମ୍‌ରୁ ଅତି କମ୍ ବ୍ୟବହାର କରନ୍ତୁ ଯାହାକି ପରିବେଷ ପାଇଁ ଏକ ଭୟଙ୍କର ବିପତ୍ତି । ବର୍ତ୍ତମାନ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ରର ଗଭୀରତମ ପ୍ରଦେଶରୁ ଭୂପୃଷ୍ଠରେ ପ୍ରଦୂଷଣ କରୁଅଛି । ପ୍ଲାଷ୍ଟିକ କଣିକା ସବୁ ମଣିଷ ଓ ଜୀବ ଜନ୍ତୁ ଦେହରେ ମଧ ମିଳିଛି । ତେଣୁ ଏହାର ବ୍ୟବହାରକୁ ରୋକିବା ଅନିବାର୍ଯ୍ୟ ହୋଇଯାଇଛି । ଆଗାମୀ ଦିନରେ ଏହା ଭୟଙ୍କର ବିପଦ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାୟଗଡ ଶାଖାର ଆଞ୍ଚଳିକ ଅଧିକାରୀ ଅଶୋକ ଭୋଇ ଓ ରିପୁ ସାହୁ, ଡେପୁଟି ଇଞ୍ଜିନିୟର, ବିଶ୍ୱଜିତ ଦ୍ୱିବେଦୀ, ଉପ ସଭାପତି ବାଣିଜ୍ୟ, ରାଘବେନ୍ଦ୍ର ହାର୍ବର, ଉପ ସଭାପତି, ଉତ୍ପାଦ ପ୍ରମୁଖ ଉପସ୍ଥିତ ଥିଲେ । ସତ୍ୟଜିତ ମହାନ୍ତି, ମହା ପ୍ରବନ୍ଧକ, ସ୍ୱାଗତ ଭାଷଣ ଦେଇଥିଲେ ଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଟ୍ରକକୁ ପିଟିଲା ଯାତ୍ରୀବାହୀ ବସ୍ : ଜଣେ ମୃତ

**ଧର୍ମଗଡ଼,(ଡିକେ ନ୍ୟୁଜ୍):** ଭୁବନେଶ୍ୱରରୁ ଉମର କୋଟ ଯାଉଥିବା ରଘୁନାଥ ନାମକ ବସ ନମ୍ବର (ଓଡ଼ି ୨୫ ଜେ ୦୯୬୬) କଳାହାଣ୍ଡି ଜିଲ୍ଲା ଜାତୀୟ ରାଜପଥ ୨୬ କୋକସରା ଥାନା ଅନ୍ତର୍ଗତ ଚରବାହଲ ନିକଟରେ ଆଜି ଭୋର ସମୟରେ ରାସ୍ତା କଡ଼ରେ ପୂର୍ବରୁ ଛିଡା ହୋଇଥିବା ମାଲ ବୋଝେଇ ଏକ ଟ୍ରକକୁ ପଛ ପଟୁ ପିଟି ବସ୍ ଦୁର୍ଘଟଣା ଘଟିଛି । ଦୁର୍ଘଟଣାଟି ଏତେ ଜୋରରେ ହୋଇଥିଲା ଯେ ବସ୍‌ର ଆଗ ପଟ ଚୁରମାର ହୋଇଥିବା ବେଳେ ବସ୍‌ରେ ଥିବା ଅନେକେ ଯାତ୍ରୀ ବସ୍ ମଧ୍ୟରେ ଫସି ରହିଥିଲେ । ଘଟଣା ପରେ କିଛି ସ୍ଥାନୀୟ ଲୋକଙ୍କ ସହାୟତା ଓ ପରେ ଖବର ପାଇ କୋକସରା ଦମକଳ କର୍ମଚାରୀ ପହଞ୍ଚି ବସ ମଧ୍ୟରେ ଫସି ଥିବା ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ । ତେବେ ସେମାନଙ୍କ ମଧ୍ୟରୁ ଜଣେ ଯାତ୍ରୀଙ୍କୁ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୫ ଜଣ ଗୁରୁତର ଥିବା ଜଣାପଡିଛି । ମୃତ ଯାତ୍ରୀ ହେଲେ ଝରିଗାଁ ବ୍ଲକର କନିଷ୍ଠ ଯନ୍ତ୍ରୀ ବିନୋଦ ବେହେରା ବୋଲି ସୂଚନା ମିଳିଛି ।

## ରେଢ଼ାଖୋଲ ବିଧାୟକଙ୍କ ଧର୍ମପତ୍ନୀଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ଓଡ଼ିଶାର ପୂର୍ବତନ ମନ୍ତ୍ରୀ, ସାଂସଦ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶୀଳା ଆଚାର୍ଯ୍ୟଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶୋକ ବାର୍ତ୍ତାରେ କହିଛନ୍ତି ଯେ ଚାରୁଶୀଳା ଆଚାର୍ଯ୍ୟଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ପ୍ରସନ୍ନ ଭାଇଙ୍କ ସହ ଦୀର୍ଘ ସମୟ ଧରି ମୋର ପାରିବାରିକ ସମ୍ପର୍କ ରହିଛି । ସେ ଜଣେ ସରଳ, ମିଷ୍ଟଭାଷୀ ଓ ଧର୍ମପରାୟଣା ମହିଳା ଥିଲେ । ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ପରିବହନ ବିଭାଗର ଚଢ଼ାଉ : ୧୨.୬୨ ଲକ୍ଷ ଜୋରିମାନା ଆଦାୟ



**ପୁରୀ,(ଡିକେ ନ୍ୟୁଜ୍):** ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି । ଚଢାଉ ସମୟରେ ୧୩୬ ଟି ଇ-ରିକ୍ସା ଓ ଅଟୋ ରିକ୍ସା ବିରୁଦ୍ଧରେ ଚାଲାଣ କଟାଯାଇଛି । କେବଳ ମେ ମାସରେ ୩୧ଟି ଗାଡିକୁ ଅଟକ ରଖାଯାଇଥିଲା । ସମ୍ପୃକ୍ତ ଗାଡି ଗୁଡିକରୁ ୧୨ ଲକ୍ଷ ୬୨ ହଜାର ଟଙ୍କା ଜୋରିମାନା ବାବଦକୁ ଆଦୟ କରାଯାଇଥିବା ଜିଲ୍ଲା ପରିବହନ ବିଭାଗର ଓଏସଡି ରବିନ ପଟ୍ଟନାୟକ କହିଛନ୍ତି । ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ଛକ ମାନଙ୍କରେ ଅଫିସରମାନଙ୍କୁ ମୁତୟନ କରାଯାଇ ଆଇନ ଉଲ୍ଲଂଘନକାରୀଙ୍କ ଉପରେ କଡା ନଜର ରଖାଯାଇଛି । ଆଗାମୀ ଦିନମାନଙ୍କରେ ଚେକିଙ୍ଗକୁ ଆହୁରି କଡାକଡି କରାଯିବ । ମଦ୍ୟ ପାନକରି, ଓଭରଲୋଡ, ହେଲମେଟ ବ୍ୟବହାର କରୁନଥିବା ଚାଳକ ଓ ସିଟିବେଲ୍ଟ ବ୍ୟବହାର କରୁନଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚେତାଇ ଦିଆଯାଇଛି ।

# କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କୁ ଆର୍ଥିକ ସହାୟତା ଘୋଷଣାକୁ ସ୍ୱାଗତ

**ସମ୍ବଲପୁର,(ଡିକେ ନ୍ୟୁଜ୍):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦେବଗଡ଼ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ କେନ୍ଦୁପତ୍ର ତୋଳାଳୀ, କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନାରେ କେନ୍ଦୁପତ୍ରର ଲାଭାଂଶ ରୁ ୪୧ କୋଟି ୧୭ ଲକ୍ଷ ପ୍ରଦାନ କରାଯାଇଛି । ଏଥିରେ ଚପଲ ପାଇଁ ୧୬୦ ଟଙ୍କା, ପତ୍ର ସଂଗ୍ରହ କପଡା ପାଇଁ ୨୦୦ ଟଙ୍କା, ଟୋପି ପାଇଁ ୧୦୦ ଟଙ୍କା ଏବଂ ବନ୍ଧେଇ ଶ୍ରମିକ ପାଇଁ କମ୍ବଳ ଓ ମଶାରୀ ପାଇଁ ୭୦୦ ଟଙ୍କା ପ୍ରଦାନ କରାଯାଇଛି । ଏହି ଘୋଷଣା ଦ୍ୱାରା ୯ ଲକ୍ଷ୍ୟ ତୋଳାଳୀ ଓ କର୍ମଚାରୀ ଲାଭବାନ ହେବେ । ଏହି ଆର୍ଥିକ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝୀଙ୍କୁ ୱେଲଫ୍ୟାର ବୋର୍ଡ ପୂର୍ବତନ ଉପଦେଷ୍ଟା ସଂଜିତ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଛନ୍ତି । ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଲଗାତାର ଲଢେଇ ଓ ଆନ୍ଦୋଳନ ପରେ ଜଙ୍ଗଲ ଅଧିକାର ଆଇନ୍ ଅନୁଯାୟୀ ୨୦୧୪ ମସିହାରୁ ଏହି କେନ୍ଦୁପତ୍ର ବ୍ୟବସାୟରୁ ହେଉଥିବା ଲାଭାଂଶକୁ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି । ଦେବଗଡ଼ରେ କରାଯାଇଥିବା ଘୋଷଣାକୁ ସଂଜିତ ମହାନ୍ତି ସ୍ୱାଗତ ଜଣାଇବା ସହ ଚଳିତ ବର୍ଷ କିଛି ଭୁଲ ନିଷ୍ପତ୍ତି ଯୋଗୁଁ ବିଭିନ୍ନ ଡିଭିଜନରେ ପତ୍ର ସଂଗ୍ରହ ପରିମାଣ କମିବା ଯୋଗୁଁ ଉଦ୍‌ବେଗ ପ୍ରକାଶ କରିଛନ୍ତି । କନ୍ୟା ବିବାହ ସହାୟତା ବନ୍ଦ ହେବା ଏବଂ ବୋନସ ପରିମାଣ ହ୍ରାସ ଯୋଗୁଁ ନବରଙ୍ଗପୁର, ଜୟପୁର, ଭବାନୀପାଟଣା ଆଦି ଡିଭିଜନରେ ସାମୟିକ ଭାବରେ ଘରୋଇ କମ୍ପାନୀମାନେ ଅଧିକ



ଦରରେ ପତ୍ର କିଣିବାରୁ ସରକାରୀ ଫଡ଼ିରେ ପତ୍ର ସଂଗ୍ରହ କମିଛି । ଝାରସୁଗୁଡ଼ା, ରାଉରକେଲା ଆଦି ଡିଭିଜନରେ ଅତ୍ୟଧିକ ଶିଳ୍ପାୟନ ଓ ପ୍ରଦୂଷଣ ଯୋଗୁଁ ମଧ ପତ୍ର ସଂଗ୍ରହ କମିଛି । ସେହିପରି ୧୮ ଜୁଲାଇ ୨୦୨୪ରୁ ସର୍ବନିମ୍ନ ମଜୁରୀ ବୃଦ୍ଧି ସତ୍ୱେ ଋତୁକାଳୀନ କର୍ମଚାରୀଙ୍କ ଦରମା ବୃଦ୍ଧି ନ ହେବା କର୍ମଚାରୀ ଶୋଷଣର ଉଦାହରଣ ହୋଇଛି । କନ୍ୟା ବିବାହ ସହାୟତା ବାତିଲ ଓ ବୋନସ ପରିମାଣରେ ହ୍ରାସ ଯୋଗୁଁ ତୋଳାଳୀ ସଂଖ୍ୟା କମିବା ମଧ ଆଶଙ୍କା ଅଛି । ଏହି ସଂସ୍ଥାରେ ଘରୋଇ କରଣ ପାଇଁ କରାଯାଉଥିବା ଷଡ଼ଯନ୍ତ୍ରକୁ ବନ୍ଦ କରିବା ଓ ୧ କୋଟି ଶ୍ରମ ଦିବସ ସୃଷ୍ଟି କରୁଥିବା ଏହି ସଂସ୍ଥା ପ୍ରତି ସରକାର ଆହୁରି ଯତ୍ନଶିଳ ହେବା ପାଇଁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଟାଟା ଷ୍ଟିଲ ଏବଂ ନୀଳାଚଳ ଇସ୍ପାତ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ




**କଳିଙ୍ଗନଗର,(ଡିକେ ନ୍ୟୁଜ୍):** ଜାତିସଂଘ ଘୋଷିତ ବିଷୟ ପ୍ଲାଷ୍ଟିକ ପ୍ରଦୂଷଣକୁ ବନ୍ଦ କରିବା ଏବଂ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରି, ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ) କଳିଙ୍ଗନଗର ସ୍ଥିତ ପ୍ଲାଣ୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବର ଅଂଶ ଭାବରେ, ପ୍ଲାଣ୍ଟ ପରିସରର ବିଭିନ୍ନ ସ୍ଥାନରେ ୫୦୦ରୁ ଅଧିକ ଚାରା ରୋପଣ କରାଯାଇଛି । ଏଥି ସହ ପରିବେଶ ଦୀର୍ଘସ୍ଥାୟତା ଉପରେ ସଚେତନତା ସୃଷ୍ଟି କରିବା ପାଇଁ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କ୍ରାଫ୍ଟ ତିଆରି ଏବଂ ଭାଷଣ ପ୍ରତିଯୋଗିତା ସହିତ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସେସନ୍ ଏବଂ କ୍ୱିଜ୍ ଓ ଫଟୋଗ୍ରାଫି ପ୍ରତିଯୋଗିତା ମଧ ଆୟୋଜନ କରାଯାଇଥିଲା । ଏହା ବ୍ୟତୀତ, ପ୍ଲାଣ୍ଟ ପରିସର ଏବଂ ନିକଟବର୍ତ୍ତୀ ସ୍ଥାନଗୁଡିକରେ ପ୍ଲାଷ୍ଟିକ ସଫେଇ ଅଭିଯାନ ମଧ ଚାଲିଥିଲା । ଟ୍ରେନିଂ ସେଣ୍ଟର ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଏସକେର ଯାନ୍ତ୍ରିକ ରକ୍ଷଣାବେକ୍ଷଣ ପ୍ରଧାନ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ଅନ୍ୟାନ୍ୟ ବରିଷ୍ଠ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀମାନଙ୍କୁ ପ୍ରତିଭାଙ୍କୁ ପ୍ରମାଣପତ୍ର ଏବଂ ଉପହାର ପ୍ରଦାନ କରାଯାଇଥିଲା । ସେହିପରି, ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ୍) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ପକ୍ଷରୁ 'ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର କ୍ଷତିକାରକ ପ୍ରଭାବ' ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନଙ୍କ ସମେତ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ପରିସରରେ ୫୦ଟି ଚାରା ରୋପଣ କରାଯାଇ ପରିବେଶ ସଂରକ୍ଷଣର ବାର୍ତ୍ତା ପ୍ରଚାର କରାଯାଇଥିଲା । ଏଠାରେ ଉଲ୍ଲେଖ ଯେ, ଜୁନ ମାସ ପର୍ଯ୍ୟନ୍ତ ଉତ୍ସବ ଜାରି ରହିବ, ଯାହାକି ଟାଟା ଷ୍ଟିଲରେ 'ଦୀର୍ଘସ୍ଥାୟତା ମାସ' ଭାବରେ ପାଳନ କରାଯାଉଛି । ମାସେ ବ୍ୟାପୀ ଉତ୍ସବର ଅଂଶ ଭାବରେ, ସଚେତନତା ଅଭିଯାନ, ୱେବିନାର ଏବଂ ଅନଲାଇନ୍ କ୍ୱିଜ୍ ଆଦି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଖୁଲମ୍‌ଖୁଲା ଚାଲିଛି ଚୋରା ମଦ ବିକ୍ରି : ନିରବଦ୍ରଷ୍ଟା ପୋଲିସ

**ନିଆଳି,(ଡିକେ ନ୍ୟୁଜ୍):** ନିଶାଖୋର ଯୁବକମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବୋତାଖାଲ ଚୋରା ମଦ ବ୍ୟବସାୟ । ବୋତାଖାଲ ଠାରୁ କୁଳଶ୍ରୀ ଯିବା ରାସ୍ତାରେ ଚାଲିଛି ଏପରି କାର୍ଯ୍ୟକଳାପ । କଟକ ଜିଲ୍ଲା ନିଆଳୀ ଥାନ ଅନ୍ତର୍ଗତ କସର୍ଦ୍ଦା ଫାଣ୍ଡି ଅଧିନସ୍ଥ ବୋତାଖାଲ ଛକ ଠାରୁ ଶହେ ମିଟର ଦୂରତା ଓ କସର୍ଦ୍ଦା ଫାଣ୍ଡି ଠାରୁ ପାଞ୍ଚ ଶହ ମିଟର ଦୂରତାରେ ଚାଲିଛି ଖୁଲମ୍ ଖୁଲା ମଦ ବିକ୍ରିୟ ନା ଅଛି ପୋଲିସ୍‌କୁ ଭୟ ନା ଅଛି ଅବକାରୀ ବିଭାଗର ଭୟ । ଉକ୍ତ ବ୍ୟକ୍ତି ଜଣଙ୍କୁ ଥରେ ନୁହେଁ ବାରମ୍ବାର ହେବ ପୋଲିସ୍ ଗିରଫ ପରେ ବି ଚାଲିଛି ଅବାଧ ବିକ୍ରି । କିପରି ଦୋଳ ଗୋବିନ୍ଦ ବ୍ରଜକିଶୋର (ଡିଜି.ବିକେ) ଭଳି ମହାବିଦ୍ୟାଳୟ ପଚାଶ ମିଟର ଦୂରତାରେ ରହି ମଧ ଦିନ ଠାରୁ ରାତି ପର୍ଯ୍ୟନ୍ତ ଚାଲୁଛି ବେପାର । ମଦ ବେପାରୀ ଜଣଙ୍କ ବିଭିନ୍ନ ନାମିଦାମୀ କମ୍ପାନୀର ହଜାର ହଜାର ଟଙ୍କାର ମଦ କିଣି କିଣା ଦାମ ଠାରୁ ୩୦ ରୁ ୪୦ଟଙ୍କା ଚଢା ରେଟରେ ବିକ୍ରି କରି ମାଲେମାଲ୍ ହେଉଥିବା ବେଳେ ଅଞ୍ଚଳର ବହୁ ଯୁବ ପିଢ଼ି ମଦ ପିଇ ଘରେଇ ହିଂସା, ଚୋରି, ଡକାୟତ ଆଦିରେ ଲିପ୍ତ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଉକ୍ତ ଚୋରା ମଦ ବିକ୍ରି କରୁଥିବା ବ୍ୟକ୍ତି ଜଣଙ୍କ କାହା ଛତ୍ରଛାୟା ତଳେ ରହି ଏପରି କାର୍ଯ୍ୟକଳାପ ଚଳେଇଛନ୍ତି । ଯଦି ଉକ୍ତ ଚୋରା ମଦ ବ୍ୟବସାୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯାଏ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଭେଟିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

## ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ପରିବେଶ ଦିବସ




**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ବନ୍ଦର ପକ୍ଷରୁ ଗୁରୁବାର ଦିନ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ମହାବିଦ୍ୟାଳୟ ପରିସରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଭାବେ ଯୋଗ ଦେଇ ଚଳିତ ବର୍ଷର ସଚେତନତାର ବାର୍ତ୍ତା ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରିବାକୁ ନିବେଦନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତାଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ଅଧିକାରୀ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ହରନାଦ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସସ୍ମିତା ଶତପଥିଙ୍କ ସମେତ ମହାବିଦ୍ୟାଳୟ ଆଲୁମିନି ଆସୋସିଏସନ୍‌ର ସଦସ୍ୟ/ସଦସ୍ୟା,ଏନସିସି ଆଲୁମିନି ଆସୋସିଏସନ୍‌ର ସଦସ୍ୟ, ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ପ୍ରକାଶଥାଉକି, ପାରାଦୀପ ଅଞ୍ଚଳକୁ ସବୁଜିମାରେ ଭରି ଦେବା ପାଇଁ ପାରାଦୀପ ବନ୍ଦର ସବୁବେଳେ ବୃକ୍ଷରୋପଣ କାର୍ଯ୍ୟକୁ ଗୁରୁତ୍ୱ ଦେଇଆସିଛି ।

## ଉତ୍କଳ ଆଲୁମିନା ତରଫରୁ ମହାଡ଼ମ୍ବରରେ ବିଶ୍ୱ ପରିବେଶ ଦିବସ ପାଳିତ



**ରାୟଗଡା,(ଡିକେ ନ୍ୟୁଜ୍):** ରାୟଗଡା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । ପ୍ଲାଷ୍ଟିକ ପ୍ରଦୂଷଣ ପ୍ରତ୍ୟାହତ ବିଷୟବସ୍ତୁକୁ ନେଇ କାରଖାନା ପରିବେଶ ବିଭାଗ ତରଫରୁ ସପ୍ତାହବ୍ୟାପୀ ବିଭିନ୍ନ ସଚେତନାତ୍ମକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ କାରଖାନା ପରିସର ସମେତ ଉଭୟ ଟାଉନସିପରେ ସଚେତନତାଧର୍ମୀ କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷାକୁ ନେଇ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ ଓ ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ୨ ରିଖ ଦିନ ଏହା ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ କାରଖାନା ପରିସରରେ ଏକ ସଚେତନତା ଭିତ୍ତିକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରଯାଇଥିଲା । ପରିବେଶକୁ ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତ ରଖିବା ନେଇ କର୍ମଚାରୀଙ୍କ ମଧ୍ୟରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ପ୍ରତି ଆଜି ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଗଣ ସଚେତନତା ଉଦେଶ୍ୟରେ ଏକ ବିରାଟ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ସ୍ଥାନୀୟ ସିସିଆର ବିଲଡିଂ ନିକଟରେ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର ପରିବେଶ ସୁରକ୍ଷା ଓ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ନିମନ୍ତେ ପରାମର୍ଶ ଦେଇଥିଲେ । ଏହାପରେ ଏକ ସଚେତନତା ରଥକୁ ଉଦ୍‌ଘାଟନ କରିବା ସହ କାରଖାନା ପରିସରରେ ଚିହ୍ନଟ ହୋଇଥିବା ବୃକ୍ଷରୋପଣ ସ୍ଥାନକୁ ଯାଇ ସେଠାରେ ଗଣ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି ପରୀପ୍ରେକ୍ଷରେ ୨୫୦ ଗୋଟି ଚାରା ରୋପଣ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମ କାରଖାନା ପରିବେଶ ବିଭାଗ ମୁଖ୍ୟ ସୁବ୍ରମନ୍ୟୁ କୁଣ୍ଡ ଓ ଦେବୀ ପ୍ରସାଦ ନାୟକଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଯଥା ମାନବ ସମ୍ବଳ ବିଭାଗ ପ୍ରମୁଖ ବିଜୟ କୁମୁରା, ଆଇ ଏବଂ ଇ ବିଭାଗ ମୁଖ୍ୟ ଗିରିଜା ପଣ୍ଡାଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ ।

## କୁତ୍ରା ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ

**କୁତ୍ରା,(ଡିକେ ନ୍ୟୁଜ୍):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧିନସ୍ଥ କୁତ୍ରା ଗ୍ରାମ ପଞ୍ଚାୟତ ପରିସରରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁକୂଲ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ କୁତ୍ରା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, କୁତ୍ରା ସରପଞ୍ଚ ଭୁବନ କୁଜୁର, ଏଡିଓ ରାଜଗାଙ୍ଗପୁର ସୁଶୀଲ କୁମାର ସେନାପତି, ଡକ୍ଟର ବିଶ୍ୱଜିତ ମଣ୍ଡଳ ମୁଖ୍ୟ ବୈଜ୍ଞାନିକ ସି ଆର ଆର ଆଇ କଟକ, ଡକ୍ଟର ସଂଜୀବ ବିଶ୍ୱାସୀ ବୈଜ୍ଞାନିକ ଆରଆରଟିଟିଏସ୍‌ଏସ୍ କଟକ, ଡେଭିଡ଼ ଜେମ୍ସ ବାଗେ ବୈଜ୍ଞାନିକ କେ.ଭି.କେ ସୁନ୍ଦରଗଡ଼ଙ୍କ ସମେତ ଅନ୍ୟାନ୍ୟ ବହୁ କୃଷି ସମ୍ପର୍କୀତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଭାରତ ସରକାରଙ୍କ ଯୋଜନା ଅନୁଯାୟୀ ଏହି ଅଭିଯାନରେ ପ୍ରାକୃତିକ କୃଷି ପ୍ରଣାଳୀ, କୃଷକମାନଙ୍କୁ ନୂତନ କୃଷି ଜ୍ଞାନ କୌଶଳ ଶିକ୍ଷା, ଜୈବିକ କୃଷି ଫସଲ ଉତ୍ପାଦନ ଇତ୍ୟାଦିଯୋଜନ ସମ୍ପର୍କରେ କୃଷକମାନଙ୍କୁ ଜ୍ଞାତ କରାଇବା ଓ ଏହାଦ୍ୱାରା କୃଷକମାନେ କିପରି ଅଧିକ ଲାଭବାନ ହୋଇ ପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିବା ହେଉଛି ଏହି ଅଭିଯାନର ମୂଳ ଉଦେଶ୍ୟ । ଏଥିରେ ସ୍ଥାନୀୟ ବହୁ କୃଷକମାନେ ମଧ ଉପସ୍ଥିତ ଥିଲେ ।

## ବରଗଡ଼ରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ




**ବରଗଡ଼,(ଡିକେ ନ୍ୟୁଜ୍):** ବରଗଡ଼ ବନ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିନ ହୋଇଥିଲା । ମୁଖ୍ୟ ଅତିଥି, ବିଜେପୁର ବିଧାୟକ ସନତ କୁମାର ଗଡତିଆ ପରିବେଶ ପ୍ରଦୂଷଣର ମୁକାବିଲା କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।ସେ ଆଗ୍ରହର ସହିତ ପ୍ରକାଶ କରିଥିଲେ ଯେ ଭବିଷ୍ୟତ ପିଢ଼ି ସୁସ୍ଥ ଜୀବନ ଉପଭୋଗ କରିପାରିବେ ତାହା ନିଶ୍ଚିତ କରିବା ପାଇଁ ଏକ ସବୁଜ ପରିବେଶକୁ ପୋଷଣ ଏବଂ ପ୍ରକୃତି ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶ୍ରୀ ଗଡତିଆ ନବବିବାହିତ ଦମ୍ପତିଙ୍କୁ ସେମାନଙ୍କ ବିବାହରେ ବୃକ୍ଷରୋପଣକୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ ଏବଂ ପ୍ରଚୁର ପରିମାଣରେ ବୃକ୍ଷରୋପଣ କରି ପ୍ଲାଷ୍ଟିକ୍ ପ୍ରଦୂଷଣ ବିରୁଦ୍ଧରେ ଲଢ଼ିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ବନ ଅଧିକାରୀ ବିକ୍ରମଦେବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

# ମେଗା ପାଇପ୍‌ଜଳ ଯୋଗାଣ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳ ଓ ସ୍ଥାନମାନଙ୍କରେ ଚାଲୁ ରହିଥିବା ମେଗା ପାଇପ ଜଳ ଯୋଗାଣ ସମନ୍ୱୟ ଓ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଇଂ ଶିବଲାଲ ସାହୁଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ନିର୍ବାହୀ ଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ରାଣା ଚିଲିକା, ଟାଙ୍ଗୀ, ବାଣପୁର ପ୍ରଭୃତି ଅଞ୍ଚଳର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ, ଭୁବନେଶ୍ୱର ବ୍ଲକର ୯ଗୋଟି ପଞ୍ଚାୟତରେ କ୍ଲିୟର ୱାଟର ରାଇଜିଂ ମୁଖ୍ୟ ପାଇପଲାଇନ, ଟାଙ୍ଗୀ ବ୍ଲକର ୧୭ଗୋଟି ଗ୍ରାମ ପଞ୍ଚାୟତରେ ବିଛା ଯାଇଥିବା କ୍ଲିୟର ୱାଟର ରାଇଜିଂ ମୁଖ୍ୟ ପାଇପ ଲାଇନ, ଚିଲିକା, ଟାଙ୍ଗୀ, ବାଣପୁର ବ୍ଲକରେ ନିମେଇ ମାଲାରେ, ଲଖିପୁର ସାସନରେ ଇ.ଏସ.ଆର. ନିର୍ମାଣ, ଭୁବନେଶ୍ୱର ବ୍ଲକର ୬ଗୋଟି ପଞ୍ଚାୟତରେ ପାନୀୟଜଳ ସେବା ନିମନ୍ତେ ବାଙ୍କୁଲ ଠାରେଏଲିଭେଟଡ ଷ୍ଟୋରେଜ ରିଜର୍ଭ ଭେୟର ନିର୍ମାଣ,




ବୋଲଗଡ଼ ଓ ବେଗୁନିଆ ବ୍ଲକରେ ଜାତୀୟ ରାଜପଥ କଡ଼ରେ ପାଇପ ଲାଇନ୍ କାର୍ଯ୍ୟ, ସାନପଦର, ଧବରଧୁଆ ପାଟଣା ଗ୍ରାମ ନିକଟରେ ରେଳ ଲାଇନ୍ ମଧ ଦେଇ ପାଇପ୍‌ଲାଇନ ଯିବା, ଟାଙ୍ଗୀ ବ୍ଲକରେର ୱାଟର ରାଇଜିଂ ମୁଖ୍ୟ /କ୍ଲିୟର ୱାଟର ରାଇଜିଂ ମୁଖ୍ୟ, ବାଲିପାଟଣା ବ୍ଲକରେ ଦରଦନଲା ଓ ଝିଣ୍ଟି ନଳା ସେତୁ ରାସ୍ତା ମଧ୍ୟରେ ପାଇପ୍ ଲାଇନ୍ ଏବଂ ହରିପୁର କେନାଲ ସେତୁ ରାସ୍ତାରେ ପାଇପ ଲାଇନ ଯିବା, ବେଗୁନିଆ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପମ୍ପ ହାଉସକୁ ୩୩କେଭି /୪୩୩କେଭି ବିଦ୍ୟୁତ୍ ଯୋଗାଣ, ଜଟଣୀ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ଇଣ୍ଟେକ୍ ପମ୍ପ ହାଉସ, ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକ ସମ୍ବନ୍ଧରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ସେହିପରି କାର୍ଯ୍ୟକାରି ସଂସ୍ଥା ଏନସିସି ଏବଂ ଏଲଆଣ୍ଡଟି କମ୍ପାନୀ, ଜେଏମସିକ୍ଲିଜେଭି ଲିମିଟେଡ, କ୍ରିଷ୍ଣା ୟୁ.ଏମ.ଏସ.ଏଲ. ଜେଭି ଲିମିଟେଡ କମ୍ପାନୀମାନଙ୍କୁ ସର୍ବୋତ୍ତମ ମାନର କାର୍ଯ୍ୟ ଯୋଗାଇଦେବା ସହ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ, ୪ ଗିରଫ



ଧର୍ମଗଡ଼, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଲାଖବାହାଲି କ୍ରସର ୟୁନିଟ ନିକଟରୁ ବିସ୍ଫୋରକ ଭର୍ତ୍ତି ଥିବା ଦୁଇ ଗାଡି ଜବତ କରାଯାଇଛି। ଏହି ଗାଡିରେ ୬୫୦୦ କେଜି ବିସ୍ଫୋରକ ସହ ୧୧୫ଟି ଡ଼ିଟୋନେଟର ଜବତ, ୪ ଗିରଫ। କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଲାଖବାହାଲୀ କ୍ରସରରେ ଗୋଟିଏ ଟ୍ରକ ଏବଂ ଗୋଟିଏ ପିକଆପ ଭ୍ୟାନରେ ୬୫୦୦ କେଜି ବିସ୍ଫୋରକ ଏବଂ ୧୧୫ଟି ଡ଼ିଟୋନେଟର ଆସିଥିବା ନେଇ କୌଣସି ସୂତ୍ରରୁ ଖବର ପାଇଁ ଜୟପାଟଣା ପୋଲିସ ଏବଂ କଳାହାଣ୍ଡି ଖଣି ବିଭାଗ ଚଢ଼ାଉ କରି ଜବତ କରିଛି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ଜୟପାଟଣା ଥାନା ଅନ୍ତର୍ଗତ ଲାଖବାହାଳୀ ସ୍ଥିତ ଏକ ପଥର କୁଆଁରୀରେ ଗୋଟିଏ ଟ୍ରକ ଏବଂ ଗୋଟିଏ ପିକଅପ ଭ୍ୟାନରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ସହିତ ଡିଟନେଟର ଥିବା କୌଣସି ସୂତ୍ରରୁ କଳାହାଣ୍ଡି ଖଣି ବିଭାଗ ଖବର ପାଇଁ ଜୟପାଟଣା ଥାନାକୁ ଜଣାଇଥିଲେ। ପରେ ଜୟପାଟଣା ପୋଲିସ ଏବଂ ଖଣି ବିଭାଗ ମିଳିତ ଭାବେ ଲାଖବାହାଳୀ ପଥର କୁଆଁରୀରେ ଚଢ଼ାଉ କରିଥିଲେ। ଏହି ଚଢାଉ ବେଳେ ୬୫୦୦ କେଜି ବିସ୍ଫୋରକ ସହ ୧୧୫ଟି ଡଟୋନେଟର ଜବତ କରିଥିଲା। ଏହି ସବୁ ସାମଗ୍ରୀ ଆଣିଥିବା ୪ଜଣ ଡ୍ରାଇଭରକୁ ପଚରାଉଚରା କରିବା ସହ ଏହାର କାଗଜ ପାତ୍ର ଯାଞ୍ଚ କରିଥିଲା। ବିସ୍ଫୋରକ ସାମଗ୍ରୀ ପରିବହନ କରିବା କିମ୍ବା ରଖିବା ପାଇଁ ସ୍ୱତନ୍ତ୍ର ଭାବେ ମାଇନିଂ ପ୍ଲାନ ହିସବରେ କରିବା ନିୟମ ରହିଥିବା ବେଳେ ଏହାର ଖୋଲା ଖୋଲି ଉଲଂଘନ ହୋଇଥିବା ଜାଣିବା ପରେ ବିସ୍ଫୋରକ ସାମଗ୍ରୀ ଆଣିଥିବା ଦୁଇଟି ଗାଡିର ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ କରୁଛି ପୋଲିସ। ତେବେ ଏହି ସବୁ ସାମଗ୍ରୀ କଣ୍ଟାବାଞ୍ଜିର କଳିଙ୍ଗ ଆଣ୍ଡ କୋକମ୍ପାନୀ ନାମକ ଏକ କମ୍ପାନୀରୁ ଆସିଥିବା ଜଣାପଡିଛି। ଯାହାର ମାଲିକ ଅନୁପ କୁମାର ଅଗ୍ରୱାଲ ଏବଂ ଦୀପକ ଚନ୍ଦ ଜୈନ ବୋଲି ଜଣାପଡିଛି। ତେବେ ଏତେ ପରିମାଣରେ ବେଆଇନ ଭାବେ ବିସ୍ଫୋରଣ ଏକ ପଥର କୁଆଁରୀରୁ ଜବତ ହେବା ଘଟଣାକୁ ନେଇ ଅଞ୍ଚଳରେ ଚଞ୍ଚଳ୍ୟ ଖେଳି ଯାଇଛି। ତେବେ ଏଥିପାଇଁ କଳାହାଣ୍ଡି ପୋଲିସ ଏବଂ ଖଣି ବିଭାଗ କେବଳ ଡ୍ରାଇଭରମାନଙ୍କୁ ଗିରଫ କରି କାମ ସାରିଦେବେ ନା ଏଥିରେ ସମ୍ପୃକ୍ତ କମ୍ପାନୀ ମାଲିକ ଏବଂ ପଥର କୁଆଁରୀ ମାଲିକକୁ ତଦନ୍ତ ପରିସରକୁ ଆଣିବେ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ଥାନା ବୋମା ବିସ୍ଫୋରଣ ଘଟଣାରେ ୬ କୋର୍ଟଚାଲାଣ




ସାଲେପୁର, (ଡିକେ ନ୍ୟୁଜ୍): କଟକ ଜିଲ୍ଲା ନେମାଳ ଥାନା ଝାଡେଶ୍ୱରପୁର ମଙ୍ଗିଗଡା (ମନାନ ଗଡା) ଠାରେ ବୋମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିଛି ପୋଲିସ। ସେମାନଙ୍କ ଠାରୁ ୪ଟି ବାଇକ, ୪କେଜି ବିସ୍ଫୋରକ, ବନ୍ଧୁକ, ମୋବାଇଲି, ଖଣ୍ଡା ଜବତ କରିଛି। ୬ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନାମରେ ବହୁ ମାମଲା ବିଭିନ୍ନ ଥାନାରେ ରହିଛି। ମୁଖ୍ୟ ଅଭିଯୁକ୍ତ ମିର୍ଜା ଆକବର ବେଗ ବୋମା ଭିଡୁଥିବା ବେଳେ ବିସ୍ଫୋରଣରେ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ନିଜ ଅଞ୍ଚଳରେ ବହୁବାର ବୋମା ବିସ୍ଫୋରଣ କରି ନିଜର ଦବଦବା ଜାହିର କରିବା ସହ ଚାନ୍ଦା ଆଦାୟ କରୁଥିବାର ମାମଲା ଥାନାରେ ଥିବାର ସୂଚନା ଦେଇଛି ପୋଲିସ। ଅପରାଧ ଘଟାଇସେ ବହୁ ସମୟ ମୁମ୍ବାଇରେ ରହୁଥିଲା। ଏବେ ନେମାଳଥାନା ମଙ୍ଗିଗଡାରେ ବୋମା ବିସ୍ଫୋରଣରେ ତାର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ୧୨ଟି ବୋମାକୁ ଜବତକରି ନିଷ୍କ୍ରିୟ କରିଥିଲା। ଏହି ଘଟଣାରେ ଅନ୍ୟ ସମସ୍ତ ୬ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ନେଇ କଟକ ଅତିରିକ୍ତ ଗ୍ରାମାଞ୍ଚଳ ଏସପି ପ୍ରେସମିଟରେ ସୂଚନା ଦେଇଛନ୍ତି।

# ଶାଳୀକୁ ହତ୍ୟାକଲା ଜ୍ୱାଇଁ

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଜଗନ୍ନାଥ ପ୍ରସାଦ ଦୁଇ ହାତ ଓ ମୁଣ୍ଡକୁ ଚୋଟ ପରେ ଚୋଟ ମାରି ଚାଲିଲା। ଛଟପଟ ହୋଇ ଜୀବନ ଗଲା। ସେ ଜଣେ କାର୍ଯ୍ୟରତ ଆଶାଦିଦି ଅଛନ୍ତି। ସୂଚନା ପ୍ରକାରେ ଜଗନ୍ନାଥ ପ୍ରସାଦ ଥାନା ଅଧୀନ ଚଢିଆପଲ୍ଲୀ ଗ୍ରାମ ବଉଳ ସାହିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଯାଇଛି। ମୃତ ଜଣକ ହେଉଛନ୍ତି ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟରତ ଆଶାଦିଦି ବିଜୟଲକ୍ଷ୍ମୀ ତ୍ରିପାଠୀ (୪୦)। ସ୍ୱର୍ଗତ ଗଦାଧର ତ୍ରିପାଠୀଙ୍କ ତୃତୀୟ ଝିଅ ଥିଲେ। ସ୍ୱର୍ଗତ ଗଦାଧରଙ୍କ ଘରଜ୍ୱାଇଁ ହେବାସହ ବଡ଼ଝିଅ ବିନତିନି ତ୍ରିପାଠୀଙ୍କୁ ରାମଚନ୍ଦ୍ର ତ୍ରିପାଠୀ (୫୦) ବିବାହ କରିଥିଲେ। ଗଦାଧରଙ୍କ ମୃତ୍ୟୁ ପରେ ଜମିଜୁମା ବିବାଦକୁ ନେଇ ଉଭୟ ପରିବାର ମଧ୍ୟରେ ବଚସା ଲାଗି ରହିଥିଲା। ଏନେଇ ମାମଲା ଥାନା ପର୍ଯ୍ୟନ୍ତ ଯାଇଥିଲା। କୌଣସି ସମାଧାନରବାଟ ଫିଟି ନ ଥିଲା। ଲୋକଙ୍କ କହିବା ଅନୁଯାଇ ବିବାଦ ଥିବା ଜାଗାରେ ଘର ତିଆରି ପାଇଁ ବୁଧବାର ପଥର ପକାଇ ଥିଲେ। ଗୁରୁବାର ସକାଳ ୭.୩୦ ସମୟରେ ସେହି ସ୍ଥାନକୁ ବୁଲିବାକୁ ଯାଇଥିବା ସୂଚନା ମିଳୁଛି। ନିଛାଟିଆ ରାସ୍ତାରେ ବିଜୟଲକ୍ଷ୍ମୀଙ୍କ ମର ଶରୀର ପଡ଼ିଥିବା ଦେଖି ସ୍ଥାନୀୟ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲା। ଜ୍ୱାଇଁ ରାମଚନ୍ଦ୍ର ଘରେ ନ ଥିବା ବେଳେ ତାଙ୍କ ପତ୍ନୀ ବିନିତାକୁ ପୋଲିସ ଉଠାଇ ଆଣି ପଚରାଉଚରା ଜାରି ରଖିଛି। ତେବେ ଘଟଣାସ୍ଥଳରୁ କୌଣସି ଧାରୁଆ ଅସ୍ତ୍ର ମିଳି ନଥିବା ପୋଲିସ ସୂଚନା ଦେଇଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ମ୍ୟାଲେରିଆରେ ୧୫ ଆକ୍ରାନ୍ତ ଘଟଣା: ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ



ଲାଞ୍ଜିଗଡ଼, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳରେ ମ୍ୟାଲେରିଆ ପ୍ରକୋପ ବୃଦ୍ଧି ପାଇଥିବା ବେଳେ ଲାଞ୍ଜି ପଞ୍ଚାୟତ ତୁର୍ଜା ଗାଁରେ ୧୩ଦିନ ମଧ୍ୟରେ ୧୫ରୁ ଉର୍ଦ୍ଧ୍ୱ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁରେ ପହଞ୍ଚି ନଥିଲେ। ଏ ସଂପର୍କରେ ବୁଧବାର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତନାଘନା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟ ବିଭାଗର ଏମଏଚୟୁ ଟିମ୍ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୨୪ଜଣ ମ୍ୟାଲେରିଆ ପଜେଟିଭ ଚିହ୍ନଟ ପରେ ଔଷଧ ବଣ୍ଟନ କରିଛନ୍ତି। ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ମୁଷାନାଳ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ତୁର୍କା ଗାଁରେ ୧୫ରୁ ଅଧିକ ଜଣ ଛୋଟ ଛୋଟ ଶିଶୁ, ମହିଳା, ପୁରୁଷ ସମେତ ୧୩ଦିନ ହେଲା ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଗାଁ ଲୋକେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଗାଁରେ ପହଞ୍ଚି ନଥିଲେ। ଯାହା ଫଳରେ ଏହି ଆଦିବାସୀମାନେ ମ୍ୟାଲେରିଆ ଜ୍ୱରରେ ଗୁରୁତର ହୋଇ ଗାଁଠାରୁ ୧୪ କିମି ଦୂର ମୁଷାନାଳ ସ୍ଥିତ ଏକ ଔଷଧ ଦୋକାନରୁ ୮ ଶହରୁ ୧ ହଜାର ପର୍ଯ୍ୟନ୍ତ ଔଷଧ କିଣି ଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଖବର ପାଇବା ପରେ ଏହି ଗାଁ ଦାୟିତ୍ୱରେ ସ୍ୱାସ୍ଥ୍ୟକର୍ମୀ ଲୋକଙ୍କ ହାତରେ କିଛି ପାରାସିଟାମଲ୍ ବଟିକା ଗାଁକୁ ପଠେଇ ଦେଇଥିଲା। ହେଲେ ବାରମ୍ବାର ଖବର ଦେବା ପରେ ମଧ ସ୍ୱାସ୍ଥ୍ୟ ବିଭାଗ ଟିମ ଗାଁକୁ ଯାଉନଥିଲେ। ଏ ବାବଦରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କାଙ୍କୁ ଅବଗତ କରିବା ପରେ ଏମଏଚୟୁ ଟିମକୁ ତୁର୍କା ଗାଁକୁ ପାଠାଇବି ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଥିଲେ। ଏସଂପର୍କରେ ବୁଧବାର ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ଦେଖିବାକୁ ମିଳିଥିଲା। ଡାକ୍ତର ନରେନ୍ଦ୍ର ଦାସଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଏମଏଚୟୁ ଟିମ୍ ଗାଁରେ ପହଞ୍ଚି ୫୦ ଜଣ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୨୪ଜଣ ମ୍ୟାଲେରିଆ ପଜେଟିଭ ଚିହ୍ନଟ ଜଣାପଡିଛି। ଏହାପରେ ସମସ୍ତଙ୍କୁ ଔଷଧ ଦେଇଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି।

# ଅପମିଶ୍ରିତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ରଥର ଶୁଭାରମ୍ଭ



ରାୟଗଡ, (ଡିକେ ନ୍ୟୁଜ୍): ବିଭିନ୍ନ ନିଶା ଦ୍ରବ୍ୟ ତଥା ମାଦକ ଦ୍ରବ୍ୟ ବ୍ୟବର ଜନିତ କୁପରିଣାମ ବିଷୟରେ ଜନ ସଚେତନତା ନିମନ୍ତେ ଓଡିଶା ରାଜ୍ୟ ଅବକାରୀ ବିଭାଗର ନିର୍ଦ୍ଦେଶ କ୍ରମେ ଗୁରୁବାର ଏକ ରଥକୁ ରାୟଗଡ ଜିଲ୍ଲାପାଳ ପାରୁଲ ପଟାୱରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ରାୟଗଡ ଜିଲ୍ଲାର ସମସ୍ତ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ ଗସ୍ତ କରି ଆଜିଠାରୁ ୧୦ଦିନ ଧରି ଲୋକଙ୍କୁ ସଚେତନ କରିବ। ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମରେ ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଆଞ୍ଚଳିକ ପରିବହନ ଅଧିକାରୀ ରାଜକିଶୋର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ରାମ ନାହାକ, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଅବକାରୀ ବିଭାଗର ସମସ୍ତ ଅଧିକାରୀ, ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଆଦି ଯୋଗଦାନ କରିଥିଲେ।

# ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ହି.ସ): ଓଡ଼ିଆ ସାଂସ୍କୃତିକ ମହାଚେତନାର ମୂଳପିଣ୍ଡ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ନିରନ୍ତର ପ୍ରବହମାନ ଶ୍ରୀଜଗନ୍ନାଥ ପରମ୍ପରାକୁ ନେଇ ଓଡ଼ିଆ ଅସ୍ମିତା, ଅଧ୍ୟାତ୍ମ ଓ ଆତ୍ମପରିଚିତି ସାରା ବିଶ୍ୱରେ ସୁପ୍ରତିଷ୍ଠିତ । ମାନବବାଦର ଶ୍ରେଷ୍ଠ ପ୍ରତୀକ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ପାଇଁ ପ୍ରତିବର୍ଷ ପୁରୀକୁ ଛୁଟି ଆସନ୍ତି ଦେଶବିଦେଶର ଅଗଣିତ ଭକ୍ତ । ଏହି ମର୍ମରେ ଚଳିତ ବର୍ଷ ରଥଯାତ୍ରାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପରେ ନ୍ୟସ୍ତ ଦାୟିତ୍ୱକୁ ଶୃଙ୍ଖଳିତ ଓ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ । ଲୋକସମ୍ପର୍କ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆସନ୍ତା ରଥଯାତ୍ରା ପାଇଁ ବିଭାଗ ପକ୍ଷରୁ ଆୟୋଜନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବାବେଳେ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଗତବର୍ଷ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଚଳିତ ବର୍ଷର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଆବଶ୍ୟକତା ଅନୁଯାୟୀ ପୁରୀର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ସହରର ପ୍ରମୁଖ ସ୍ଥାନ ଯଥା, ସିଂହଦ୍ୱାର, ବଳଗଣ୍ଡି, ବଡ଼ଶଙ୍ଖ, ଜଗନ୍ନାଥ ବଲ୍ଲଭ ମଠ, ଦିଗବାରେଣୀ, ଗୁଣ୍ଡିଚାବାଡ଼ି, ମାଳତିପାଟପୁର, ସୁଭାଷବୋଷ ଛକ, ପାନ୍ଥଭବନ, ତାଳବଣିଆ, ଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥଳ ଏବଂ ରେଳଷ୍ଟେସନଠାରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ଅଧିକରୁ ଅଧିକ ସଂଖ୍ୟକ ଜଗନ୍ନାଥପ୍ରେମୀଙ୍କ ନିକଟରେ ପହଞ୍ଚିବା ପାଇଁ ଉଭୟ ସ୍ଥାନୀୟ ଏବଂ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମରେ ରଥଯାତ୍ରାର ସିଧା ପ୍ରସାରଣ, ଲାଇଭ କମନ ଫିଡ୍ ବ୍ୟବସ୍ଥା, ବିଶିଷ୍ଟ ଅତିଥିମାନଙ୍କ ସତ୍କାର ପାଇଁ ବିଭାଗ ପକ୍ଷରୁ ବନ୍ଦୋବସ୍ତ କରାଯିବ। ପୁରୀର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ସୂଚନା କେନ୍ଦ୍ରଗୁଡ଼ିକରେ ଉଚ୍ଚ ମାନର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ପାଲା, ଦାସକାଠିଆ, ଘୋଡାନାଚ ଭଳି ପାରମ୍ପରିକ ଲୋକକଳାର ପ୍ରଦର୍ଶନ ସହ ପ୍ରତ୍ୟହ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରସିଦ୍ଧ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ରଥଯାତ୍ରା ବିଶେଷାଙ୍କ ତଥା ଜଗନ୍ନାଥ ଜଣାଣ ପ୍ରକାଶନ କରାଯାଇ ବିକ୍ରୟ କରାଯିବ। ଟେଲିଭିଜନ ଓ ଫଟୋ କଭରେଜ, ରେଡ଼ିଓ ଜିଙ୍ଗଲ ଏବଂ ବିଜ୍ଞାପନ ପ୍ରସାରଣ ବ୍ୟବସ୍ଥା ସହିତ କଟକ-ପୁରୀ ଜାତୀୟ ରାଜପଥର ନିର୍ଦ୍ଧାରିତ ସ୍ଥାନମାନଙ୍କରେ ରଥଯାତ୍ରା ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ବିବରଣୀ ହୋର୍ଡିଂ ମାଧ୍ୟମରେ ପ୍ରଦର୍ଶିତ ହେବ । ଖବରକାଗଜରେ ବିଜ୍ଞାପନ ଏବଂ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ରଥଯାତ୍ରା ଅବସରରେ ପୁରୀଠାରେ ଜଗନ୍ନାଥ ସଂସ୍କୃତି ଓ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ ଏବଂ ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାରେ ସୂଚନା କେନ୍ଦ୍ର ଖୋଲିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ସମସ୍ତ କାର୍ଯ୍ୟକୁ ସୁବ୍ୟବସ୍ଥିତ ଢଙ୍ଗରେ ସମ୍ପାଦନ କରି ଏହାକୁ ସଫଳ କରିବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଗୁରବୀର ସିଂହ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, କ୍ଷେତ୍ର ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୁରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରୁଫଟପ୍ ସୋଲାର ସ୍ଥାପନ ପରେ ଦକ୍ଷିଣ ଓଡିଶାର ୧୨୬ ଜଣ ଉପଭୋକ୍ତା ବିଜୁଳି ବିଲରୁ ମୁକ୍ତି



ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଦକ୍ଷିଣ ଓଡ଼ିଶାରେ ଏକ ସୌର ବିପ୍ଳବର କ୍ରମଶଃ ସଫଳ ରୂପାୟନ ହେଉଅଛି, ଯାହା ଘରକୁ ଆଲୋକିତ କରିବା ସହ ଲୋକଙ୍କ ଅର୍ଥ ସଞ୍ଚୟରେ ସହାୟକ ହେଉଛି। ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସହ ଉପଭୋକ୍ତାଙ୍କ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ବିଜୁଳି ସେବା ଯୋଗାଇଛି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସଓଡିଏଲ)। ଯାହା ଫଳରେ ଲୋକଙ୍କ ବିଜୁଳି ବିଲ୍ ହ୍ରାସ ହୋଇପାରିଛି। ସୌର ଶକ୍ତିର ବ୍ୟବହାରକୁ ବଢ଼ାଇବା ପାଇଁ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଏବେ ସ୍ଥାନୀୟ ଲୋକଙ୍କୁ ଅନେକ ସୁବିଧା ଯୋଗାଇଛି। ବର୍ତ୍ତମାନ ସୁଦ୍ଧା ୧୨୬ଜଣ ଉପଭୋକ୍ତା ଏହି ଯୋଜନାରେ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନ କରି ବିଜୁଳି ବିଲରୁ ମୁକ୍ତି ପାଇଛନ୍ତି ଏବଂ ସେମାନଙ୍କୁ ଏଣିକି କୌଣସି ବିଦ୍ୟୁତ ଦେୟ ପୈଠ କରିବାକୁ ପଡୁନାହିଁ। ସୌର ପ୍ୟାନେଲ ସ୍ଥାପନ ଯୋଗୁଁ କେବଳ ଲୋକଙ୍କ ଘର ଆଲୋକିତ ହେବା ସହ ଅନେକ ପରିବାର ଉପରୁ ଆର୍ଥିକ ବୋଝ କମିଛି। ଏହି ରୂପାନ୍ତରଣ ଆଣିବାରେ ଟିପିଏସଓଡିଏଲର ପ୍ରମୁଖ ଭୂମିକା ରହିଛି। ତୃଣମୂଳସ୍ତରରେ ସଚେତନତା, ବୈଷୟିକ ସହାୟତା ଏବଂ ଯୋଜନାର ସଠିକ୍ କାର୍ଯ୍ୟକାରିତା ମାଧ୍ୟମରେ କମ୍ପାନୀ ସ୍ଥାନୀୟ ଅଞ୍ଚଳରେ ସ୍ୱଚ୍ଛ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେଉଅଛି। ଗ୍ରାମାଞ୍ଚଳରେ ସଚେତନତା ଅଭିଯାନରୁ ଆରମ୍ଭ କରି ଆବେଦନ ଏବଂ ସୋଲାର ପ୍ଲାଣ୍ଟ ସଂସ୍ଥାପନ ପ୍ରକ୍ରିୟା ଯାଏଁ, ବିଭିନ୍ନ ପର୍ଯ୍ୟାୟରେ ଟିପିଏସଓଡିଏଲ୍ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରୁଛି। କମ୍ପାନୀର ଏହି ଆଭିମୁଖ୍ୟ ଦକ୍ଷିଣ ଓଡ଼ିଶାରେ କୋଣ ଅନୁକୋଣରେ ସୌର ଶକ୍ତି ପହଞ୍ଚିବାକୁ ସୁନିଶ୍ଚିତ କରିଛି। ଏବେ ସୁଦ୍ଧା ଟିପିଏସଓଡିଏଲର କାର୍ଯ୍ୟ ପରିସର ଅନ୍ତର୍ଗତ ୮ଟି ଜିଲ୍ଲାରେ ୫୧୩ଟି ରୁଫଟପ୍ ସୋଲାର ସ୍ଥାପନ ହୋଇସାରିଛି। ଏଥିମଧ୍ୟରୁ ଗଞ୍ଜାମରେ ଜିଲ୍ଲାରେ ସର୍ବାଧିକ ୩୩୧ଟି, କୋରାପୁଟରେ ୭୯, ରାୟଗଡ଼ାରେ ୩୩, ବୌଦ୍ଧରେ ୩୦, ଗଜପତିରେ ୨୪, କନ୍ଧମାଳରେ ୭ ଏବଂ ନବରଙ୍ଗପୁର ଜିଲ୍ଲାରେ ୬ଟି ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଛି। ସୌର ଶକ୍ତିକୁ ଆପଣାଇବା ଦିଗରେ ଉପଭୋକ୍ତାଙ୍କ ଆଗ୍ରହ ଦେଖିବାକୁ ମିଳୁଛି, ଯାହା ଯୋଜନାର ଉପଯୋଗିତା ଏବଂ ଲୋକଙ୍କ ପରିବେଶ ସଚେତନତାକୁ ଦର୍ଶାଉଛି। ବିଶେଷ କରି ମାସିକ ୩୦୦ ୟୁନିଟରୁ କମ ବିଜୁଳି ବ୍ୟବହାର କରୁଥିବା ଘରଗୁଡିକ ପାଇଁ ପିଏମ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଅଧିକ ଲାଭଦାୟକ ଅଟେ। ଗୋଟିଏ ୩ କିଲୋୱାଟ ରୁଫଟପ୍ ସୋଲାର ସିଷ୍ଟମ ମାସିକ ପ୍ରାୟ ୩୦୦ ୟୁନିଟ ବିଜୁଳି ଉତ୍ପାଦନ କରେ, ଯାହା ଘରେ ଲାଗିଥିବା ଫ୍ୟାନ, ଲାଇଟ୍, ଟିଭି, ଫ୍ରିଜ ଏବଂ ଅନ୍ୟାନ୍ୟ ଘରୋଇ ଉପକରଣକୁ ଚଳାଇବା ପାଇଁ ଯଥେଷ୍ଟ। ଯାହାଫଳରେ ଲୋକଙ୍କ ବିଦ୍ୟୁତ ବିଲ୍ ଶୂନ ହେବା ସହ ସେମାନଙ୍କ ମାସିକ ଖର୍ଚ୍ଚ ମଧ୍ୟ ହ୍ରାସ ପାଉଛି। ଅର୍ଥ ସଞ୍ଚୟ ସହ ରୁଫଟପ୍ ସୋଲାରର ଆହୁରି ଅନେକ ଫାଇଦା ରହିଛି। ସର୍ବନିମ୍ନ ରକ୍ଷଣାବେକ୍ଷଣ, ଦୀର୍ଘସ୍ଥାୟୀ ବିଜୁଳି ବ୍ୟବସ୍ଥା ଏବଂ କାର୍ବନ ଫୁଟପ୍ରିଣ୍ଟ ଯୋଗୁଁ ସୌର ଶକ୍ତିର ଚାହିଦା ବୃଦ୍ଧି ପାଉଛି। ଏହାବ୍ୟତୀତ ଏହି ଯୋଜନାରେ ହିତାଧିକାରୀ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କଠାରୁ ସବସିଡି ପାଇପାରିବେ, ଯାହା ଦ୍ୱାରା ଉପଭୋକ୍ତା ସୁଲଭ ମୂଲ୍ୟରେ ସୌର ଶକ୍ତିର ଲାଭ ନେଇପାରିବେ। ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଟିପିଏସଓଡିଏଲ୍ ପକ୍ଷରୁ ଦକ୍ଷିଣ ଓଡ଼ିଶାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ୟାପକ ରୂପେ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଲୋକଙ୍କୁ ସୌର ଶକ୍ତିର ଫାଇଦା, ଆବେଦନ ପ୍ରକ୍ରିୟା ଏବଂ ସୋଲାର ସିଷ୍ଟମ ସ୍ଥାପନ ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନ କରାଯାଉଛି। ଏହି ପଦକ୍ଷେପର ସଫଳତାକୁ ନେଇ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ପିଏମ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାରେ କେବଳ ବିଜୁଳି ବିଲ୍ ହ୍ରାସ ହୁଏ ନାହିଁ, ବରଂ ଏହା ଲୋକଙ୍କୁ ସଶକ୍ତ କରେ। ଆମେ ଏହି ଶକ୍ତି ରୂପାନ୍ତରଣର ସାକ୍ଷୀ, ଯେଉଁଥିରେ ଉପଭୋକ୍ତା ନିଜେ ହିଁ ଶକ୍ତି ଉତ୍ପାଦନକାରୀ ହୋଇପାରିଛନ୍ତି। ଟିପିଏସଓଡିଏଲରେ ଆମର ଲକ୍ଷ୍ୟ ହେଉଛି ଏହି ରୂପାନ୍ତରଣକୁ ପ୍ରୋତ୍ସାହନ ଦେବା ଏବଂ ଦୀର୍ଘସ୍ଥାୟୀ କରିବା। ବର୍ତ୍ତମାନ ଯାଏଁ ଏହାର ଫଳାଫଳକୁ ନେଇ ଆମେ ଗର୍ବିତ ଏବଂ ଆଗକୁ ଆହୁରି ବ୍ୟାପକ ପ୍ରୟାସ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ, ଯାହା ଫଳରେ ପ୍ରତ୍ୟେକ ଯୋଗ୍ୟ ଆବେଦନକାରୀ ସ୍ୱଚ୍ଛ ଏବଂ ଭରସାଯୋଗ୍ୟ ସୌର ଶକ୍ତି ପାଇପାରିବେ। ସମଗ୍ର ଦକ୍ଷିଣ ଓଡ଼ିଶା କ୍ରମଶଃ ଏକ ସବୁଜ ଭବିଷ୍ୟତ ନିର୍ମାଣ ଦିଗରେ ଆଗକୁ ବଢୁଥିବା ବେଳେ, ଟିପିଏସଓଡିଏଲ୍ ଏହି ପରିବର୍ତ୍ତନକୁ ପ୍ରୋତ୍ସାହିତ କରୁଅଛି। ବୈଷୟିକ ଜ୍ଞାନ ଉପରେ ଲୋକଙ୍କ ବିଶ୍ୱାସ, ଲୋକଙ୍କୁ ନୀତି ସହ ଯୋଡିବା ଏବଂ ସୂର୍ଯ୍ୟକିରଣର ଉପଯୋଗ କରିବା ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହା ସୌର ବିପ୍ଳବର ଏକ ଆରମ୍ଭ ମାତ୍ର ଏବଂ ଆଗକୁ ଅଧିକ ମାତ୍ରାରେ ରୁଫଟପ୍ ସୋଲାର ସ୍ଥାପନ ସହ ନିରନ୍ତର ବିକାଶ ଦିଗରେ ଦକ୍ଷିଣ ଓଡ଼ିଶା ଆଉ ପାଦେ ଆଗକୁ ବଢୁଛି। ଏହି ପଦକ୍ଷେପ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ସହ ଏକ ସ୍ୱଚ୍ଛ ସବୁଜ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିଛି, ଯାହା ପରବର୍ତ୍ତୀ ପିଢ଼ି ପାଇଁ ଏକ ସୁସ୍ଥ ଜୀବନଶୈଳୀ ସୁନିଶ୍ଚିତ କରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟ ସରକାର ଚଳିତ...

ସୃଷ୍ଟି କରିବାର ପ୍ରୟାସ କରିଛନ୍ତି, ସେମାନଙ୍କୁ ମୋର ଅଭିନନ୍ଦନ। ପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାପ୍ତ କରିବା ସହ ଆମ ନାଗରିକଙ୍କ ପାଇଁ ଏକ ସୁସ୍ଥ ଓ ସ୍ୱଚ୍ଛ ପରିବେଶ ବଜାୟ ରଖିବା ପାଇଁ ଆଜି ଆମେ ସଂକଳ୍ପ ନେବା। ଏ ଦିଗରେ ଆପଣମାନଙ୍କ ଉଦ୍ୟମ, ମନୋବୃତ୍ତି ଓ ନିଷ୍ଠାପରତାକୁ କାମନା କରୁଛି। ଏକ ସୁସ୍ଥ ସମାଜ ପାଇଁ ଏକ ସୁସ୍ଥ ପରିବେଶ ଦରକାର ଏବଂ ପରିବେଶ ପ୍ରତି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମରେ କୃଷି ଶିକ୍ଷା ସଦନ ଠାରେ ପରୀକ୍ଷରୋପଣ କରିଥିଲେ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ଦିବସ ଉପଲକ୍ଷେ ପ୍ରଦର୍ଶନୀ ବୁଲି ଦେଖି ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାରକମଳରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏଫ୍‌ଇକ୍ୟୁଏସ୍ ପୁସ୍ତକ, ଉପକୂଳ ସ୍ୱାସ୍ଥ୍ୟ ସ୍ଥିତି ରିପୋର୍ଟ, ତାପଜ ବିଦ୍ୟୁତ କେନ୍ଦ୍ରରେ ଜଳ ଦକ୍ଷତା ଉପରେ ଅଧ୍ୟୟନ, ଆଲୁମିନିୟମ ସ୍ମେଲ୍ଟରରେ ଫ୍ଲୋରାଇଡ୍ ବିପଦ ଏବଂ ପ୍ରତିକ୍ରିୟା, ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ-୨୦୨୫ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟା ତଥା ସଚିବ ଉମା ନାନ୍ଦୁରୀ ଧନ୍ୟବାଦ ଦେଇଥିଲେ। ଏହି ସମାରୋହରେ, ପିସିସିଏଫ୍ ଏବଂ ଏଚ୍‌ଓଏଫ୍‌ଏଫ୍, ଏସ୍.ପନ୍ଥ, ବିଭାଗୀୟ ନିର୍ଦ୍ଦେଶକ, ଡ.କେ. ମୁରୁଗେସନ୍‌ଙ୍କ ସହ ପରିବେଶବିତ ଓ ବୈଜ୍ଞାନିକମାନେ ମଧ୍ୟ ଉପସ୍ଥିତ ଥିଲେ।

### ଜାମ୍ମୁ-କାଶ୍ମୀରରେ ଉନ୍ନତ...

ସକାରାତ୍ମକ ପ୍ରଭାବ ପକାଇବ। ସ୍ଥାପତ୍ୟର ଏକ ଅସାଧାରଣ ସଫଳତା ବ୍ୟତୀତ, ଚେନାବ ରେଳ ସେତୁ ଜାମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ଯୋଗାଯୋଗରେ ଉନ୍ନତି ଆଣିବ। ଆହ୍ୱାନପୂର୍ଣ୍ଣ ଅଞ୍ଚଳରେ ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ବ୍ରିଜ୍ ଭାବରେ ଅଞ୍ଜି ବ୍ରିଜ୍ ଠିଆ ହୋଇଛି। ଉଧମପୁର-ଶ୍ରୀନଗର-ବାରାମୂଳା ରେଳ ସଂଯୋଗ (ୟୁଏସବିଆରଏଲ୍) ପ୍ରକଳ୍ପ ସବୁଦିନିଆ ସଂଯୋଗ ସୁନିଶ୍ଚିତ କରିବ ଏବଂ ଶ୍ରୀ ମାତା ବୈଷ୍ଣୋଦେବୀ କଟରା ଠାରୁ ଶ୍ରୀନଗର ପର୍ଯ୍ୟନ୍ତ ବନ୍ଦେ ଭାରତ ଟ୍ରେନ୍ ଆଧ୍ୟାତ୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

### ସ୍ନାନ ପୂର୍ଣ୍ଣିମା ପାଇଁ...

କରାଯାଉଛି। ବିଶେଷ କରି ପ୍ରବଳ ଖରା ଯୋଗୁ ଭକ୍ତମାନେ ଯେଭଳି କଳବଲ ନହୁଅନ୍ତି ସେନେଇ ଶ୍ରୀମନ୍ଦିର ସମ୍ମୁଖରେ ସେଡ୍ ବ୍ୟବସ୍ଥା, ପାନୀୟ ଜଳ ଓ ଫ୍ୟାନ୍ ସହିତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ। ବର୍ଷା ହେଲେ ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

# ପ୍ରକୃତି ବନ୍ଧୁ ପୁରସ୍କାର ପାଇଲେ ଜିଲ୍ଲାର ୯ ପ୍ରକୃତି ପ୍ରେମୀ

ଧର୍ମଗଡ଼, (ଡିକେ ନ୍ୟୁଜ୍): ବିଶ୍ୱ ପର୍ଯ୍ୟାବରଣ ଦିବସ ଅବସରରେ ଚଳିତ ବର୍ଷର କଳାହାଣ୍ଡି ଜିଲ୍ଲାର ୯ଜଣ ପ୍ରକୃତି ପ୍ରେମୀ ଯୁବକଙ୍କୁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଭବାନୀପାଟଣା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱ୍ୟନ, ଜଙ୍ଗଲ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକରୁ ଯଶୋବନ୍ତ ରଣା, ଧର୍ମଗଡ଼ ବ୍ଲକରୁ ସୁଧୀର ରଞ୍ଜନ ଗୋପାଳ, ଗୋଲାମୁଣ୍ଡା ବ୍ଲକରୁ ଲବଣି ଚନ୍ଦନ, ଜୁନାଗଡ଼ ବ୍ଲକରୁ ପ୍ରମୋଦ କୁମାର ବିଶି, କର୍ଲାମୁଣ୍ଡା ବ୍ଲକରୁ ଶରତ କୁମାର ସାହୁ, କେସିଙ୍ଗା ବ୍ଲକରୁ ଅଭୟ କୁମାର ଦେବତା, କୋକସରା ବ୍ଲକରୁ ଚରଣ ସିଂ ବାଗ, ମ.ରାମପୁର ବ୍ଲକରୁ ଲଳିତ ମୋହନ ଭୋଇ ଓ ନର୍ଲା ବ୍ଲକରୁ ବସନ୍ତ କୁମାର ସାମନ୍ତରାୟଙ୍କୁ ଚଳିତ ବର୍ଷର ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଯୁବକମାନେ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମୀଣ ଗୋଷ୍ଠୀ ତଥା ଯୁବ ଅନୁଷ୍ଠାନ ସହଯୋଗରେ ଗାଁ ରାସ୍ତା, ସ୍କୁଲ କଲେଜ, ପୋଖରୀ, ଗ୍ରାପ ତଥା ବିଭିନ୍ନ ଅନୁଷ୍ଠାନ ଆଦି ସ୍ଥାନରେ ବୃକ୍ଷରୋପଣ ବ୍ୟବସ୍ଥା, ତଥା ଜଳବାୟୁର ସ୍ଥିରତା ଅଭ୍ୟାସ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ବନଗ୍ନି ସଚେତନତା କାର୍ଯ୍ୟକ୍ରମ, ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ, ବନ୍ୟଜନ୍ତୁ ସରୀସୃପ ଗୃହପାଳିତ ପଶୁ ପକ୍ଷୀମାନଙ୍କୁ ପାନୀୟ ଜଳ ବ୍ୟବସ୍ଥା, ଜଳବାୟୁ ଉପଯୋଗୀ କୃଷି ଅଭ୍ୟାସ, ବିଶ୍ୱ ପରିବେଶ ଦିବସର ସଚେତନତା ବାର୍ତ୍ତା ଦେବା ସହ ବନାଗ୍ନିକୁ କିପରି ରୋକି ପାରିବେ ଏ ସମ୍ବନ୍ଧରେ ଜନ ମାନସରେ ସଚେତନତା କାର୍ଯ୍ୟକ୍ରମ କରି ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପରିବେଶ ସୁରକ୍ଷାରେ ବଳିଷ୍ଠ ଯୋଗଦାନ ପାଇଁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଇଛି।

# ବେଙ୍ଗାଲୁରୁ ଦଳାଚକଟା ଘଟଣା ପରେ ମୁହଁ ଖୋଲିଲେ କୋହଲି

## ମୃତକଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କଲା ଆରସିବି



ବେଙ୍ଗାଲୁରୁ, ୫।୬ (ହି.ସ): ଆରସିବିର ବିଜୟ ଶୋଭାଯାତ୍ରା ବେଳେ ଦଳାଚକଟା ଘଟଣା। ୧୧ ଜଣଙ୍କ ମୃତ୍ୟୁ ପରେ ମୁହଁ ଖୋଲିଲେ ଆରସିବିର ଷ୍ଟାର୍ ବ୍ୟାଟର ବିରାଟ କୋହଲି। ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ଏବଂ ଆହତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଇନଷ୍ଟାଗ୍ରାମରେ ଲେଖି ଦୁଃଖ ପ୍ରକାଶ କରିଛନ୍ତି କୋହଲି। ଘଟଣାକୁ ନେଇ ବିରାଟ କହିଛନ୍ତି, ମୁଁ ଶବ୍ଦହୀନ, ମୁଁ ମର୍ମାହତ... ବେଙ୍ଗାଲୁରୁ ଦଳାଚକଟା ଘଟଣା ନେଇ ଆରସିବି ତରଫରୁ କରାଯାଇଥିବା ଏକ ପୋଷ୍ଟରେ କୋହଲି କମେଣ୍ଟ ଦେଇ ନିଜର ଦୁଃଖ ପ୍ରକାଶ କରିଛନ୍ତି। ସେପଟେ ଘଟଣାକୁ ନେଇ କାନ୍ଦିଛନ୍ତି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର। ଦଳାଚକଟା ପରେ ପ୍ରଥମ ପ୍ରତିକ୍ରିୟା ଦେଇ ଶିବକୁମାର କାନ୍ଦିଥିବା ବେଳେ ସେ କହିଛନ୍ତି ମୋ ଆଖି ଆଗରେ ମୁଁ ୧୦ଟି ମୃତଦେହ ଦେଖିଛି। ୧୫ ବର୍ଷ ବୟସ ଭିତରେ ପିଲାଙ୍କର ଏଭଳି ମୃତ୍ୟୁକୁ କେହି ପରିବାର ସହ୍ୟ କରିପାରିବେନାହିଁ। ତେବେ ଆଇପିଏଲ୍ ୧୮ ସିଜିନ୍ ଜିତିବା ପରେ ଆରସିବି ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ ଆଗରେ ବିଜୟ ପରେଡ କରୁଥିବା ବେଳେ ଏଭଳି ଦଳାଚକଟା ହୋଇଛି। ଗୋଟେ ଦଳାଚକଟାରେ ଜୀବନ ଯାଉଥିଲେ ବି ତଥାପି ଚାଲିଥିଲା ବିଜୟ ସେଲିବ୍ରେସନ୍। ଆରସିବି ଆଇପିଏଲ୍ ଚାମ୍ପିୟନ ଟ୍ରଫି ନେଇ ବେଙ୍ଗାଲୁରୁରେ ପହଞ୍ଚିବା ପରେ ଆରମ୍ଭ ହେଇଥିଲା ସେଲିବ୍ରେସନ୍। ଆଉ ଆରସିବି ଟିମ୍ ଯେତେବେଳେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ପାଖରେ ପହଞ୍ଚିଥିଲା, ସେତେବେଳେ ଦେଖିଥିବା ମିଳିଥିଲା ଦଳାଚକଟା। ତେବେ ଆଇପିଏଲ ୨୦୨୫ ବିଜୟ ପାଳନ ସମୟରେ ଦଳାଚକଟା ଘଟି ୧୧ଜଣ ପ୍ରାଣ ହରାଇବା ପରେ ଗୁରୁବାର ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ବିଷୟ ଘୋଷଣା କରିଛି। ୧୧ଜଣ ମୃତକଙ୍କ ପରିବାରକୁ ଆରସିବି ଆର୍ଥିକ ସହାୟତା ପ୍ରଦାନ କରିବ। ଘଟଣା ଘଟିବାର ଗୋଟିଏ ଦିନ ପରେ ନୂଆ ବକ୍ତବ୍ୟ ଜାରି କରି ଆରସିବି କହିଛି, ଏଭଳି ଦୁଃଖଦ ଘଟଣାରେ ଦଳର ଖେଳାଳି, କର୍ମଚାରୀ ଓ ପରିଚାଳନା ମଣ୍ଡଳୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ୧୧ ଜଣ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ସମେତ ଆହତ ୩୩ ଜଣଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଆରସିବି କେୟାର୍ସ ଫଣ୍ଡ ଆରମ୍ଭ କରାଯାଇଛି। ଘୋଷଣା ଅନୁଯାୟୀ, ମୃତକଙ୍କ ପିଛା ୧୦ ଲକ୍ଷ ଟଙ୍କା ଲେଖାଏଁ ପରିବାର ବର୍ଗଙ୍କୁ ପ୍ରଦାନ କରାଯିବ। ମେ' ୩ ତାରିଖ ଦିନ ଆରସିବି ଆଇପିଏଲ ଫାଇନାଲ ମ୍ୟାଚ ଜିତିବା ପରେ ୫ ତାରିଖ ଅର୍ଥାତ ବୁଧବାର ଦିନ ଦଳ ପକ୍ଷରୁ କର୍ଣ୍ଣାଟକର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ତେବେ ବିଜୟ ଉତ୍ସବ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଜନସମୁଦ୍ର ମାଡିଆସିଥିଲା। ଏତେ ସଂଖ୍ୟାରେ ପ୍ରଶଂସକ ଆସିବେ ବୋଲି ଆୟୋଜକ ଓ ପ୍ରଶାସନ କଳ୍ପନା କରିପାରିନଥିଲେ। ଷ୍ଟାଡିୟମରେ ୩୫ ହଜାର ଆସନ ଥିବା ବେଳେ ତାହା ପୂରଣ ହେବା ପରେ ମଧ୍ୟ ରାସ୍ତା ଉପରେ ଲକ୍ଷାଧିକ ପ୍ରଶଂସକ ଏକତ୍ରିତ ହୋଇଥିଲେ ଫଳରେ ଦଳାଚକଟା ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ସହ ୩୩ ଜଣ ଗୁରୁତର ଆହତ ହୋଇଥିଲେ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# କୁଳଦୀପ ଯାଦବଙ୍କ ନିର୍ବନ୍ଧ ସମ୍ପନ୍ନ, ନଭେମ୍ବରରେ ବିବାହ



ନୂଆଦିଲ୍ଲୀ, ୫।୬ (ହି.ସ): ଭାରତୀୟ କ୍ରିକେଟର କୁଳଦୀପ ଯାଦବ ଲକ୍ଷ୍ନୌରେ ତାଙ୍କ ପିଲାଦିନର ବନ୍ଧୁ ବଂଶିକାଙ୍କ ସହ ନିର୍ବନ୍ଧ କରିଛନ୍ତି। ବଂଶିକା କାନପୁରର ବାସିନ୍ଦା ଏବଂ ତାଙ୍କ ବାପା ଏଲଆଇସିରେ କାମ କରନ୍ତି। ଏହି ନିର୍ବନ୍ଧ ଉତ୍ସବ ଲକ୍ଷ୍ନୌରେ ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ରିଙ୍କୁ ସିଂହଙ୍କ ସମେତ ଅନେକ କ୍ରିକେଟର ଯୋଗ ଦେଇଥିଲେ। ସେମାନଙ୍କ ନୂତନ ଜୀବନର ଆରମ୍ଭ ପାଇଁ ଅଭିନନ୍ଦନ ଜଣାଇଥିଲେ। କୁଳଦୀପ ଯାଦବ ମୂଳତ ଉତ୍ତରପ୍ରଦେଶର ଉନ୍ନାଓର ବାସିନ୍ଦା। କଠିନ ପରିଶ୍ରମ ବଳରେ କ୍ରିକେଟ ଜଗତରେ ବେଶ ନାଁ କରିଛନ୍ତି। କୁଳଦୀପ ଜଣେ ଭଲ ସ୍ପିନର। ସେ ଏକ ବିଳାସପୂର୍ଣ୍ଣ ଜୀବନଯାପନ କରନ୍ତି ଏବଂ ପ୍ରାୟତଃ ଖବରର ଶିରୋନାମାରେ ରୁହନ୍ତି। ତାଙ୍କର ଅନେକ ଗାଡ଼ି ଏବଂ ଏକ ସୁନ୍ଦର ଘର ମଧ୍ୟ ଅଛି। ବହୁ ଉତ୍ଥାନ ପତନ ଦେଇ ଗତି କରିଥିବା କୁଳଦୀପ ଏବେ ନିଜ ପିଲା ଦିନର ବାନ୍ଧବୀଙ୍କୁ ବିବାହ କରିବାକୁ ଯାଉଛନ୍ତି। ସଂଘର୍ଷରେ ସାଥ ଦେଇଥିବା ପ୍ରେମିକା ଏବେ ତାଙ୍କର ପତ୍ନୀ ହେବାକୁ ଯାଉଛନ୍ତି। କୁଳଦୀପ ଏହା ପ୍ରମାଣ କରି ଦେଖାଇଛନ୍ତି ଯେ, ପ୍ରକୃତ ପ୍ରେମ କେବି ବି ଏକା କରି ଯାଏ ନାହିଁ। କୁଳଦୀପ ଯାଦବ ଆଇପିଏଲ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳୁଥିଲେ। ସେ ଇଂଲଣ୍ଡ ଗସ୍ତରେ ମଧ୍ୟ ଟିମ୍ ଇଣ୍ଡିଆରେ ସାମିଲ ହୋଇଛନ୍ତି। ଟିମ୍ ଇଣ୍ଡିଆ ଜୁନ୍ ୨୦ରୁ ଇଂଲଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। କୁଳଦୀପଙ୍କ ନିର୍ବନ୍ଧ ଉତ୍ସବରେ କ୍ରିକେଟର ରିଙ୍କୁ ସିଂହ ଏବଂ ଏସପି ସାଂସଦ ପ୍ରିୟା ସରୋଜ ସାମିଲ ହୋଇଥିଲେ। କୁଳଦୀପ ଏବଂ ବଂଶିକାଙ୍କ ନିର୍ବନ୍ଧ ଶେଷ ହୋଇଥିବା ବେଳେ ଚଳିତବର୍ଷ ନଭେମ୍ବର ୧୮ରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହେବେ। ସେପଟେ ରିଙ୍କୁ ସିଂହଙ୍କ ସହ କୁଳଦୀପଙ୍କ ନିର୍ବନ୍ଧରେ ସାମିଲ ହୋଇଥିବା ପ୍ରିୟା ସରୋଜ ସମାଜବାଦୀ ପାର୍ଟିର ସାଂସଦ। ସେ ରିଙ୍କୁ ସିଂହଙ୍କୁ ବିବାହ କରିବେ। ପ୍ରିୟାଙ୍କ ବାପା ତୁଫାନି ସରୋଜ ଜଣେ ଏସପି ବିଧାୟକ।

# ଆଜି ଭାରତୀୟ ଟେଷ୍ଟ ଦଳର ଇଂଲଣ୍ଡ ଗସ୍ତ



ନୂଆଦିଲ୍ଲୀ, ୫।୬ (ହି.ସ): ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଶୁକ୍ରବାର ଭାରତୀୟ ଦଳ ଇଂଲଣ୍ଡ ଯାତ୍ରା କରିବ। ଇତି ମଧ୍ୟରେ ଟେଷ୍ଟ ଦଳର କିଛି ସଦସ୍ୟ ଇଂଲଣ୍ଡରେ ପହଞ୍ଚି ସାରିଛନ୍ତି। ବାକି ଖେଳାଳି ଓ କୋଚ ଶୁକ୍ରବାର ଇଂଲଣ୍ଡ ଅଭିମୁଖେ ଯାତ୍ରା କରିବେ। ଏହା ପୂର୍ବରୁ ବିସିସିଆଇ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯିବ। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ନୂଆ ଅଧିନାୟକ ଶୁଭମନ ଗିଲ୍ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେବେ। ଅଧିନାୟକ ନିଯୁକ୍ତ ହେବା ପରଠୁ ଗିଲ ଗଣମାଧ୍ୟମର ସାମ୍ନା କରିନାହାନ୍ତି। ୨୦ ତାରିଖରୁ ଲିଡ୍ସ ସହର ସ୍ଥିତ ହେଡିଂଲେରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଏହାପରେ ଜୁଲାଇ ୨ରୁ ୬ ତାରିଖ ମଧ୍ୟରେ ଏଜବାଷ୍ଟନରେ ଦ୍ୱିତୀୟ ଟେଷ୍ଟ, ଜୁଲାଇ ୧୦ରୁ ୧୪ତାରିଖ ମଧ୍ୟରେ ଓଲ୍ଡ ଟ୍ରାଫୋର୍ଡରେ ଚତୁର୍ଥ ଟେଷ୍ଟ ଓ ଜୁଲାଇ ୩୧ରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଓଭାଲରେ ପଞ୍ଚମ ଟେଷ୍ଟ ଅନୁଷ୍ଠିତ ହେବ।

## ଫ୍ରେଞ୍ଚ୍ ଓପନ୍ ଟେନିସ୍ ପ୍ରତିଯୋଗିତା

# ସେମିରେ ଲୋଇସ୍ ବୋଇସନ୍‌ଙ୍କୁ ଭେଟିବେ ଗଫ୍



ପ୍ୟାରିସ୍, ୫।୬ (ହି.ସ): ଫ୍ରାନ୍ସର ଲୋଇସ୍ ବୋଇସନ୍ ପୁଣି ଚଳିତ ଫ୍ରେଞ୍ଚ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ବିପର୍ଯ୍ୟୟ ଘଟାଇଛନ୍ତି। ପ୍ରିକ୍ୱାର୍ଟରଫାଇନାଲରେ ବିଶ୍ୱର ୩ ନମ୍ବର ଜେସିକା ପେଗୁଲାଙ୍କୁ ବିଦାୟ ରାସ୍ତା ଦେଖାଇଥିବା ଏହି ୩୬୧ ମାନ୍ୟତାପ୍ରାପ୍ତ ଖେଳାଳି କ୍ୱାର୍ଟରଫାଇନାଲରେ ୬ ନମ୍ବର ମୀରା ଆନ୍ଦ୍ରିଭାଙ୍କୁ ମାତ ଦେଇଛନ୍ତି। ୨ ଘଣ୍ଟାରୁ ଅଧିକ ସମୟ କଡ଼ା ସଂଘର୍ଷ କରିବା ପରେ ୱାଇଲ୍ଡ କାର୍ଡ ପ୍ରାପ୍ତ ଖେଳାଳି ବୋଇସନ୍ ୭-୬, ୬-୩ ସେଟରେ ରୁଷୀୟ ଯୁବତୀ ଆନ୍ଦ୍ରିଭାଙ୍କୁ ହରାଇ ବିଦାୟ ରାସ୍ତା ଦେଖାଇଛନ୍ତି। ଫାଇନାଲ୍ ସ୍ଥାନ ପାଇଁ ୨୨ ବର୍ଷୀୟା ବୋଇସନ୍ ବିଶ୍ୱର ଦୁଇ ନମ୍ବର ଆମେରିକାର କୋକୋ ଗଫ୍‌ଙ୍କୁ ଭେଟିବେ। ଦୁଇ ଆମେରିକୀୟଙ୍କ ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ୨୦୨୩ ୟୁଏସ୍ ଓପନ୍ ବିଜୟିନୀ ଗଫ୍ ୬-୭, ୬-୪, ୬-୧ ସେଟରେ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ସପ୍ତମ ମାନ୍ୟତାପ୍ରାପ୍ତ ମାଡିସନ୍ କିଜ୍‌ଙ୍କୁ ପରାସ୍ତ କରିଥିଲେ। ୨୦୨୨ରେ ଏଠାରେ ଫାଇନାଲ୍ ପହଞ୍ଚିଥିବା ୨୧ ବର୍ଷୀୟା ଗଫ୍ ରୋଲାଁ ଗାରୋସରେ ୨୫ ମୁଖ୍ୟ ଡ୍ର' ମ୍ୟାଚ୍ ଜିତିବାରେ ମାର୍ଟିନା ହିଙ୍ଗିସ (୧୯୯୫-୨୦୦୦)ଙ୍କ ପରେ ସବୁଠୁ କନିଷ୍ଠ ମହିଳା ଖେଳାଳି ହୋଇଛନ୍ତି। ପୁରୁଷ ଏକକ ସେମିଫାଇନାଲରେ ବିଶ୍ୱର ଦୁଇ ନମ୍ବର ସ୍ପେନର କାର୍ଲୋସ ଅଲକାରାଜ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ୨୨ ବର୍ଷୀୟ ଅଲ୍‌କାରାଜ ସିଧାସଳଖ ୬-୦, ୬-୧, ୬-୪ ସେଟରେ ଆମେରିକାର ଟମି ପଲ୍‌ଙ୍କୁ ହରାଇ ଏଠାରେ ଦ୍ୱିତୀୟ ଟ୍ରଫି ଦିଗରେ ଗୋଟିଏ ପାଦ ଆଗକୁ ବାଢ଼ିଛନ୍ତି। ସେମିଫାଇନାଲରେ ସେ ଇଟାଲିର ଲରେଞ୍ଜୋ ମୁସେଟିଙ୍କୁ ଭେଟିବେ। ଅଷ୍ଟମ ମାନ୍ୟତାପ୍ରାପ୍ତ ମୁସେଟି ୬-୨, ୪-୬, ୭-୫, ୬-୨ ସେଟରେ ଆମେରିକାର ଫ୍ରାନ୍ସିସ୍ ତିଆଫୋଏଙ୍କୁ ପରାସ୍ତ କରିଥିଲେ।

# ଓଡ଼ିଶାର ସୁଚିତ୍ରା ପରିଡ଼ା ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ଜିତିଲେ ଦ୍ୱିତୀୟ ପଦକ



ଭୁବନେଶ୍ୱର, ୫।୬ (ହି.ସ): ଓଡ଼ିଶାର ସୁଚିତ୍ରା ପରିଡ଼ା ପ୍ୟାରିସରେ ଆୟୋଜିତ ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସ-୨୦୨୫ରେ ଦ୍ୱିତୀୟ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ସେ ଜାଭେଲିନ୍ ଓ ଶଟପୁଟ ଥ୍ରୋ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ସୁଚିତ୍ରା ଫ୍ରାନ୍ସର ରାଜଧାନୀରେ ଆୟୋଜିତ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ମହିଳା ଶଟପୁଟ ଏଫ୫୪/ଏଫ୫୫ ବର୍ଗରେ ୫.୪୩ ମିଟର ଥ୍ରୋ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହା ପୂର୍ବରୁ ସୁଚିତ୍ରା ପ୍ୟାରିସ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ମହିଳା ଜାଭେଲିନ୍ ଏଫ୫୫ ବର୍ଗରେ ୧୭.୯୮ ମିଟରର ବ୍ୟକ୍ତିଗତ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ସହିତ ରୌପ୍ୟ ପଦକ ଜିତିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ୟାରିସ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ପରିଡ଼ାଙ୍କ ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ୟାରିସରେ ଆୟୋଜିତ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସ-୨୦୨୫ରେ ତୁମର ସଫଳତା କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ପାଇଁ ଗର୍ବର ବିଷୟ। ତୁମର ନିଷ୍ଠା ଓ ଖେଳ ପ୍ରତି ପ୍ରେମ ନିଶ୍ଚିତ ଭାବେ ଅନେକଙ୍କୁ ପ୍ରେରଣା ଦେବ, ମୁଖ୍ୟମନ୍ତ୍ରୀ ଏକ ସୋସିଆଲ ମିଡିଆ (ଏକ୍ସ) ପୋଷ୍ଟରେ କହିଛନ୍ତି।

# ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ଲାଗି ଟିମ୍ ଘୋଷଣା କଲା ଇଂଲଣ୍ଡ



ନୂଆଦିଲ୍ଲୀ, ୫।୬ (ହି.ସ): ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ ପାଇଁ ଟିମ୍ ଇଣ୍ଡିଆ ଖୁବଶୀଘ୍ର ଇଂଲଣ୍ଡ ପହଞ୍ଚିବ। ଏବେ ଭାରତ-ଏ' ଦଳ ସେଠାରେ ଅଛି। ଇଂଲଣ୍ଡ ଗସ୍ତ ଲାଗି ପୂର୍ବରୁ ବିସିସିଆଇ ଭାରତୀୟ ଦଳ ଘୋଷଣା କରିସାରିଛି। ଏବେ ଇଂଲଣ୍ଡ ନିଜ ଦଳ ଘୋଷଣା କରିଛି। ଦଳର କମାଣ୍ଡ ବେନ୍ ଷ୍ଟୋକ୍ସଙ୍କ ହାତରେ ରହିବ। ଭାରତ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ ଗୁରୁବାର ପ୍ରଥମ ଟେଷ୍ଟ ମ୍ୟାଚ୍ ପାଇଁ ଦଳ ଘୋଷଣା କରିଛି। ଏଥିରେ ୧୪ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। ସିରିଜର ପ୍ରଥମ ମ୍ୟାଚ୍ ଜୁନ ୨୦ରୁ ଆରମ୍ଭ ହେବ। ଏହି ମୁକାବିଲା ଲିଡ୍ସର ହେଣ୍ଡିଙ୍ଗଲେରେ ଖେଳାଯିବ। ଦଳରେ ଦ୍ରୁତ ବୋଲର ଅଲରାଉଣ୍ଡର ଜେମି ଓଭରଟନଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି। ଆହତ ଗସ ଏଟିଙ୍କସନଙ୍କ ସ୍ଥାନରେ ତାଙ୍କୁ ସାମିଲ କରାଯାଇଛି। ଜେମି ୨୦୨୨ ଜୁନରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବେନ ଷ୍ଟୋକ୍ସ ଦଳର ନେତୃତ୍ୱ ନେବେ। ଜୋ ରୁଟ୍, ଜ୍ୟାକ କ୍ରାଉଲି ଏବଂ ଓଲି ପୋପ୍ ବ୍ୟାଟିଂ ଦାୟିତ୍ୱ ସମ୍ଭାଳିବେ। ଯୁବ ଖେଳାଳି ଶୋଏବ ବଶିର, ଜ୍ୟାକବ ବେଥେଲ ଓ ଜେମି ସ୍ମିଥଙ୍କୁ ଦଳରେ ସାମିଲ କରାଯାଇଛି।

**ଇଂଲଣ୍ଡ ଦଳ**

ବେନ ଷ୍ଟୋକ୍ସ (ଅଧିନାୟକ), ଶୋଏବ ବଶିର, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରାଏଡନ କର୍ସ, ସାମ କୁକ, ଜ୍ୟାକ କ୍ରାଉଲି, ବେନ ଡକେଟ୍, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ, କ୍ରିସ ୱୋକ୍ସ।

# ବିବାହ ବନ୍ଧନରେ ବାନ୍ଧି ହେଲେ ହୀନା-ରକି

ମୁମ୍ବାଇ, ୫।୬ (ହି.ସ): ବିବାହ ବନ୍ଧନରେ ବାନ୍ଧି ହେଲେ ସ୍ତନ କର୍କଟ ରୋଗ ସହିତ ଲଢୁଥିବା ଟେଲି ଅଭିନେତ୍ରୀ ହୀନା ଖାନ। ସେ ତାଙ୍କର ଦୀର୍ଘକାଳୀନ ପ୍ରେମିକ ରକି ଜୟସୱାଲଙ୍କୁ ବିବାହ କରିଛନ୍ତି। ଅଭିନେତ୍ରୀ ଜଣକ ସୋସିଆଲ ମିଡିଆରେ ତାଙ୍କ ବିବାହର କିଛି ସୁନ୍ଦର ଫଟୋ ସେୟାର କରି ଏହା ବିଷୟରେ ସୂଚନା ଦେଇଛନ୍ତି। ହୀନା ଖାନ ଜଣେ ମୁସଲିମ ଏବଂ ରକି ଜୟସୱାଲ ଜଣେ ହିନ୍ଦୁ। ଯେହେତୁ ସେମାନେ ଭିନ୍ନ ଧର୍ମର, ତେଣୁ ହୀନା ଏବଂ ରକି କୋର୍ଟ ମ୍ୟାରେଜ୍ କରିଥିବା ଜଣାଯାଇଛି। ବିବାହ ବିଷୟରେ ଜଣାଇବାକୁ ଯାଇ ହୀନା ଖାନ ଇନଷ୍ଟାଗ୍ରାମରେ ତାଙ୍କ ବିବାହ ଫଟୋ ସେୟାର କରିଛନ୍ତି ଯେଉଁଥିରେ ସେ ସ୍ୱାମୀ ରକି ଜୟସୱାଲଙ୍କ ସହିତ ରୋମାଣ୍ଟିକ ପୋଜ୍ ଦେଉଥିବାର ନଜର ଆସିଛନ୍ତି। ଏହି ଫଟୋଗୁଡ଼ିକୁ ସେୟାର କରି ହୀନା ଖାନ କ୍ୟାପସନରେ ଲେଖିଛନ୍ତି, 'ଦୁଇଟି ଭିନ୍ନ ଦୁନିଆରୁ, ଆମେ ପ୍ରେମର ଏକ ଦୁନିଆ ସୃଷ୍ଟି କଲୁ। ଆମର ଭିନ୍ନତା ଦୂର ହେଲା, ଆମର ହୃଦୟ ଏକ ହେଲା, ଏକ ଏଭଳି ବନ୍ଧନ ସୃଷ୍ଟି ହେଲା ଯାହା ସାରାଜୀବନ ରହିବ। ଆଜି, ଆମର ମିଳନ ସବୁଦିନ ପାଇଁ ପ୍ରେମ ଏବଂ ଆଇନରେ ମୁଦ୍ରିତ। ସ୍ୱାମୀ-ସ୍ତ୍ରୀ ଭାବରେ ଆମେ ଆପଣଙ୍କ ଆଶୀର୍ବାଦ ଏବଂ ଅଭିନନ୍ଦନ ଚାହୁଁଛୁ।'



# ବାହୁଡ଼ାରେ ପରଦାକୁ ଆସିବ 'ଆଇ ଆମ୍ କାଳିଆ'




ଭୁବନେଶ୍ୱର, ୫।୬ (ହି.ସ): ଲି ବ୍ଲିସ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର 'ଆଇ ଆମ୍ କାଳିଆ- ଲଭ୍ ଅର୍ ଡିଭୋସନ୍ ?'ର ଫାଷ୍ଟ ଲୁକ୍ ଉନ୍ମୋଚନ ହୋଇଛି। ଚଳଚ୍ଚିତ୍ରର ପୂରା ଟିମ୍ ଏବଂ ବିଶିଷ୍ଟ ଅତିଥିବୃନ୍ଦ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଆଜିକା ସମୟରେ ମହାପ୍ରଭୁଙ୍କୁ ଖୁବ୍ ଭକ୍ତି କରୁଥିବା, ତାଙ୍କ ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପି ଦେଇଥିବା ଅନେକ ବ୍ୟକ୍ତି ଆମ ସମାଜରେ ଅଛନ୍ତି, ଯେଉଁମାନେ ଲୋକଲୋଚନକୁ ଆସିପାରନ୍ତି ନାହିଁ। ସେମିତି ଏକ ହୃଦୟସ୍ପର୍ଶୀ ସାମାଜିକ କାହାଣୀକୁ ନେଇ ନିର୍ମାଣ ହୋଇଛି 'ଆଇ ଆମ୍ କାଳିଆ'। ସୁବାସ ସାହୁ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ହରିହର ମହାପାତ୍ର ଅଭିନୟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଋଷିଆର ପରିଚିତ ଥିଏଟର ଅଭିନେତ୍ରୀ ଅନିୟା, ଅଭିନେତ୍ରୀ ପୁଷ୍ପା ପଣ୍ଡା, ଅଭିନେତା କୁନା ତ୍ରିପାଠୀ, ସାତ୍ୟକି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। କାହାଣୀ ଡା. ମୋନାଲିସା ମହାପାତ୍ର ରଚନା କରିଥିଲା ବେଳେ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ନିଜେ ହରିହର ମହାପାତ୍ର। ସଙ୍ଗୀତ ନିର୍ଦ୍ଦେଶନା ବୈଦ୍ୟନାଥ ଦାଶ, ସହ ନିର୍ଦ୍ଦେଶନା ଆଶିଷ ବେହେରା, ଚିତ୍ର ଉତ୍ତୋଳନ କରିଛନ୍ତି କାହ୍ନୁ ନନ୍ଦ ଶୁଭମ୍। ପ୍ରଡକ୍ସନ୍ ଡିଜାଇନ୍ ସାରଦା ନାୟକ କରିଥିବା ବେଳେ ପ୍ରଚାର ଦାୟିତ୍ୱରେ ରହିଛନ୍ତି ପ୍ରଣୟ ଜେଠୀ ଏବଂ ଉପଦେଷ୍ଟା ଅଛନ୍ତି ଅମୀୟ ମହାରଣା। ଶ୍ରୀକ୍ଷେତ୍ର ପୁରୀରେ ଚଳଚ୍ଚିତ୍ରର ସମ୍ପୂର୍ଣ୍ଣ ସୁଟିଂ ହୋଇଛି। ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଜଣେ ବିଦେଶୀ ଅଭିନେତ୍ରୀଙ୍କୁ ନେଇ ନିର୍ମିତ ଏହା ଚତୁର୍ଥ ଓଡ଼ିଆ ସିନେମା। ବଡ଼କଥା ହେଲା ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅବସରରେ ଚଳଚ୍ଚିତ୍ରଟି ସାରା ଓଡ଼ିଶାରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଫାଷ୍ଟ ଲୁକ୍ ଉନ୍ମୋଚନ ପର୍ବରେ ଘୋଷଣା ହୋଇଛି।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik